

▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-236 ◆SATURDAY ◆21 FEBRUARY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୩୬ ◆ଶନିବାର ◆୨୧ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବିକାଶ ସ୍ୱପ୍ନ; ଋଣ ଭରସା

## ୩ ଲକ୍ଷ ୧୦ ହଜାର କୋଟିର ବଜେଟ ବାଢ଼ିଲେ ମୋହନ ସରକାର

■ ଭୁବନେଶ୍ୱର, ୨୦।୨ (ସମିସ): ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି ୩ ଲକ୍ଷ ୧୦ ହଜାର କୋଟିର ବଜେଟ୍। ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ୨.୯ ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ସେହି ତୁଳନାରେ ଆଗାମୀ ଆର୍ଥିକ ବର୍ଷର ବଜେଟ୍ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଟିକସ ଓ ଅଣ ଟିକସରୁ ୧.୪୧ ଲକ୍ଷ କୋଟି ଆୟ ଲକ୍ଷ୍ୟ ରଖିଛନ୍ତି। ସେହିପରି କେନ୍ଦ୍ରୀୟ ଅଂଶ ଓ ଅନୁଦାନ ବାବଦରେ ଯଥାକ୍ରମେ ୪୦୦୩୯.୫୪ କୋଟି ଓ ୬୭୪୬୦.୪୬ କୋଟି ଆୟ ହେବ ବୋଲି ଆଶା କରିଛନ୍ତି।

ଅନ୍ୟପକ୍ଷରେ ଆବଶ୍ୟକତା ଭରଣା ପାଇଁ ଆଗାମୀ ଆର୍ଥିକ ବର୍ଷ ୪୭୮୦୦ କୋଟି ଟଙ୍କା ଋଣ କରିବେ ଓ ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ ୧୩୦୦୦ ଟଙ୍କା, ଋଣ ଆଦାୟରୁ ୭୦୦ ଟଙ୍କା ପାଇବେ ବୋଲି ବଜେଟ୍‌ରେ କୁହାଯାଇଛି। ଅପରପକ୍ଷରେ ସରକାର ପେନସନ, ଦରମା ଓ ଅନ୍ୟାନ୍ୟ ରାଜସ୍ୱ ବ୍ୟୟ ବାବଦରେ ୧୯୧୩୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। କ୍ୟାପିଟାଲ ସେକ୍ଟରରେ ୭୨୧୦୦ କୋଟି ବ୍ୟୟ କରିବେ ଓ ପୂର୍ବ ଋଣର ସୁଧ ବାବଦରେ ୮୨୦୦ କୋଟି ଟଙ୍କା ପରିଶୋଧ କରିବେ। ଏହାବ୍ୟତୀତ ପୁରୁଣା ଋଣରୁ ୨୨ ୦୦୦ କୋଟି ପରିଶୋଧ କରିବେ। ଅନ୍ୟପକ୍ଷରେ ବିପର୍ଯ୍ୟୟ ପରିଚାଳନା ବାବଦରେ ୫୩୭୫ କୋଟି ଓ ଅନ୍ୟାନ୍ୟ ସ୍ଥାନାନ୍ତରଣ ବାବଦରେ ୧୦୬୨୫ କୋଟି ବ୍ୟୟ କରିବେ।

ଯୋଜନା ପାଇଁ ମଧ ମୁଖ୍ୟମନ୍ତ୍ରୀ ହାତ ଖୋଲିଦେଇଛନ୍ତି। ଏହି ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ଉପକୃତ କରାଇବା ପାଇଁ ରାଜ୍ୟ ସରକାର ୨୦୨୬-




**କାର୍ଯ୍ୟକ୍ରମ ବ୍ୟୟ ୧.୮୦ ଲକ୍ଷ କୋଟି; ଋଣ ଓ ଅନୁଦାନ ଭରସାରେ ଯୋଜନା**


**୩ ବର୍ଷରେ ନିର୍ମାଣ ହେବ ୧୧ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ**

**କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ନୂତନ ବିଶ୍ୱବିଦ୍ୟାଳୟ**

**'ସୁଭଦ୍ରା' ପାଇଁ ୧୦୦୦୦ କୋଟି, ଗ୍ରାମାଞ୍ଚଳର ଉନ୍ନତି ପାଇଁ ୪୪୩୦୯ କୋଟି**

**୬ ଲକ୍ଷ ନୂତନ ହିତାଧିକାରୀଙ୍କୁ ଭତ୍ତା, ଗରିବ ଝିଅଙ୍କ ପାଇଁ 'କନ୍ୟା ସୁମଙ୍ଗଳ'**




ଦୀର୍ଘ ୨ ଘଣ୍ଟାର ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଚଳିତ ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କା ବରାଦ କରିଛନ୍ତି। ଧାନ କିଣା ବାବଦରେ ୬ ହଜାର ୮୮ କୋଟି ଟଙ୍କା ବ୍ୟବସ୍ଥା ରଖିଛନ୍ତି। ପୁନଶ୍ଚ ଯୋଗାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ ପାଇଁ ବଜେଟରେ ପ୍ରସ୍ତାବ ରହିଛି ଏବଂ ୩ ବର୍ଷ ମଧ୍ୟରେ ୧୧ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ସୁଭଦ୍ରା ୨୭ ପାଇଁ ୧୦ ହଜାର ୧୪୫ କୋଟି ଟଙ୍କା ବରାଦ କରିଛନ୍ତି। ଅନୁରୂପ ଭାବରେ 'ସୁଭଦ୍ରା ଶକ୍ତି ସମ୍ବାଦ' ନାମରେ ଏକ ନୂତନ ଯୋଜନା ପ୍ରଣୟନ ସହ ଏହା ଅଧୀନରେ ସୁଭଦ୍ରା ୱେଲ୍‌ନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ନାମରେ ଏକ ନୂତନ ଯୋଜନା ପ୍ରଣୟନ ପାଇଁ ପ୍ରସ୍ତାବ ରଖିଛନ୍ତି। ଏହି ଯୋଜନାରେ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଞ୍ଚୟ ଉପକରଣ ସୃଷ୍ଟି କରାଯିବ। ସ୍ନାତକ ଶିକ୍ଷା ଶେଷ ପରେ ଏହି ଯୋଜନାରେ ତାଙ୍କୁ ୧ଲକ୍ଷ ୧ ହଜାର ଟଙ୍କା ପ୍ରଦାନ କରାଯିବ।

ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ ଓ ଯୋଜନା ପାଇଁ ୪୪ ହଜାର ୩୦୯ କୋଟି ଟଙ୍କାର ବ୍ୟାପକ ନିବେଶ ଲାଗି ମୁଖ୍ୟମନ୍ତ୍ରୀ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ୨୦୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସରକାର ମନରେଗା ଆଇନ୍ ବଦଳରେ ▸ପୃଷ୍ଠା-୭

### ୧୬ ନୂଆ କାର୍ଯ୍ୟକ୍ରମ


ଭିବି ଜି ରାମ ଜି ॥ ସମୃଦ୍ଧ ଅଙ୍ଗନବାଡି ଯୋଜନା ॥ ମଡେଲ ମଣ୍ଡି ॥ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ॥ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ ॥ ୱାର୍ଲଡ ଗ୍ରେନ ଷ୍ଟୋରେଜ ପ୍ଲାନ ॥ ରେଆର ଆର୍ଥ କରିଡର ॥ ଷ୍ଟେଟ ଇନ୍‌ଷ୍ଟିଟ ଅଫ ଟ୍ରାନ୍ସଫର୍‌ମେଟିଭ ଇନିସିଏଟିଭ ॥ ବିଚ୍ଛିନ୍ନଅଞ୍ଚଳକୁ ଯୋଗାଯୋଗ ॥ ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର ॥ ୱାର୍ଲଡ ଟୁରିଜିମ ସେଣ୍ଟର (ପୁରୀ) ॥ ଷ୍ଟେଟ ଏଆଇ ମିଶନ ॥ ଟୁରିଜିମ ଲାଣ୍ଡ ବ୍ୟାଙ୍କ ସ୍କିମ ॥ ଡାଲଖାଇ ॥ ମୁଖ୍ୟମନ୍ତ୍ରୀ ଅର୍ଥ ପରାମର୍ଶଦାତା ପରିଷଦ ॥ ଫିଟ୍ ଓଡ଼ିଶା ମିଶନ

### ନବୀନଙ୍କ ତୀକ୍ଷ୍ଣ କଟାକ୍ଷ

## ରୋଷେଇ ଘର ଖାଲି; ଖାଦ୍ୟ ତାଲିକା ଲମ୍ବା

■ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟ ସରକାରଙ୍କ ବଜେଟ୍‌କୁ ଅତି ସଂକ୍ଷେପରେ ତୀକ୍ଷ୍ଣ କଟାକ୍ଷ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ବଜେଟ ସମ୍ପର୍କରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ରୋଷଘର ଶୂନ୍ୟ, ମାତ୍ର ଖାଦ୍ୟ ତାଲିକା ଲମ୍ବା। ସାଧାରଣତଃ ଲୋକେ ବ୍ୟଞ୍ଜନ ପ୍ରସ୍ତୁତି ସମୟରେ ରୋଷଘରେ ଥିବା ସାମଗ୍ରୀକୁ ନେଇ ବ୍ୟଞ୍ଜନ ସୂଚୀ ପ୍ରସ୍ତୁତ କରିଥାଆନ୍ତି । ମାତ୍ର ଯେଉଁଠି ରୋଷଘର ଖାଲି, ରୋଷଘରେ ବ୍ୟଞ୍ଜନ ସାମଗ୍ରୀ ନାହିଁ, ସେଠାରେ ଲମ୍ବା ଖାଦ୍ୟ ସୂଚୀର ଅର୍ଥ କ'ଣ ବୋଲି ପରୋକ୍ଷରେ ନବୀନ କହିଛନ୍ତି।

ଆଉ ଏକ ବଜେଟ୍ ଉପସ୍ଥାପନ କରିବା ପାଇଁ ଓଡ଼ିଶା ବିଜେପି ସରକାରଙ୍କୁ ଅଭିନନ୍ଦନ ଜଣାଇ ନବୀନ କହିଛନ୍ତି ଯେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାର ଜନସାଧାରଣଙ୍କ ହାତରେ ଜହ୍ନ ଦେବାର ପ୍ରତିଶ୍ରୁତି ଦେଇ ଏବେ ଓଲଟା ଦିଗରେ ନେଉଛନ୍ତି । ରାଜ୍ୟ ଏକ ନୂଆ ଯୁଗ ଦିଶାରେ ଗତି କରୁଛି, ଯେଉଁଠି ଜନ୍ମ ହେଉହେଉ ଓଡ଼ିଶାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡରେ ୩୦ ହଜାର ଟଙ୍କାର ଋଣ ବୋଝ ପଡ଼ିବ । ଯେତେବେଳେ ବିଜେଡି ସରକାର ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ଋଣ ପରିଶୋଧ ପରେ ଲୋକଙ୍କ କଲ୍ୟାଣ ଓ ବିକାଶ ପ୍ରକଳ୍ପ ପାଇଁ କମ୍ ପାଣ୍ଠି ବଳକା ରହୁଥିଲା। ବର୍ଷ ବର୍ଷର ସୁଚିନ୍ତିତ ଯୋଜନା ଓ ସୁସଙ୍ଗତ ବିତ୍ତୀୟ ପରିଚାଳନା ଦ୍ୱାରା ଆମେ ▸ପୃଷ୍ଠା-୭



**ଜହ୍ନର ପ୍ରତିଶ୍ରୁତି ଦେଇ ଅନ୍ଧାର ଯୁଗକୁ ନେଉଛନ୍ତି ରାଜ୍ୟ ସରକାର**

**ପ୍ରତ୍ୟେକ ନବଜାତ ଶିଶୁ ମୁଣ୍ଡରେ ପଡ଼ିବ ୩୦ ହଜାର ଟଙ୍କାର ଋଣ**

**ରାଜ୍ୟ ଉପରେ ବଢ଼ିବ ଆର୍ଥିକ ଚାପ, ପଥଭ୍ରଷ୍ଟ ହେବ ଜନକଲ୍ୟାଣ**

## ବୃତ୍ତି ଟିକସ ପ୍ରତ୍ୟାହୃତ

### ଏପ୍ରିଲ ପହିଲାରୁ ହେବ ଲାଗୁ

■ ଭୁବନେଶ୍ୱର, ୨୦।୨ (ସମିସ): ଚଳିତଥର ବଜେଟ୍‌ରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ବୃତ୍ତି ଟିକସ (ପ୍ରଫେସନାଲ ଟ୍ୟାକ୍ସ)କୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି। ଫଳରେ ବୃତ୍ତିଧାରୀମାନଙ୍କୁ ବର୍ଷକୁ ଦେଉଥିବା ୨୫୦୦ ଟଙ୍କାର ଟିକସ ଆଉ ଦେବାକୁ ପଡ଼ିବ ନାହିଁ। ବୃତ୍ତି ଟିକସ ଉଚ୍ଛେଦ ପ୍ରସ୍ତାବ ଆସନ୍ତା ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟ ସରକାର ବାର୍ଷିକ ପ୍ରାୟ ୩୨୦ କୋଟି ଟଙ୍କାର ରାଜସ୍ୱ ହରାଇବେ। ଏଠାରେ ସୂଚନାଯୋଗ୍ୟ, ପ୍ରାକ୍-ବଜେଟ୍ ବୈଠକରେ ଅର୍ଥନୀତି କ୍ଷେତ୍ରର ବିଶେଷଜ୍ଞ ଏବଂ ବିଭିନ୍ନ ସଂଗଠନଗୁଡ଼ିକ ବୃତ୍ତି ଟିକସ ହଟାଇବାକୁ ଦାବି କରିଥିଲେ। ସେମାନେ ଯୁକ୍ତି କରିଥିଲେ ଯେ ସମାନ କରଦାତା ଦୁଇ ଥର କର ଭାରର ପରିସ୍ଥିତି ସମ୍ମୁଖୀନ ହେଉଛନ୍ତି। ଯେହେତୁ ବୃତ୍ତି ଉପରେ ଟିକସ ଅସୁଲ ଏକ ଟିକସ, ତାହା କରଦାତାଙ୍କଠାରୁ ଅସୁଲ କରାଯାଉଛି। ଏହାସହ ସେହି କରଦାତାଙ୍କଠାରୁ ଆୟକର ପୃଥକ୍ ଭାବେ ଆଦାୟ କରାଯାଉଛି। ତେଣୁ ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର ବଜେଟ୍‌ରେ ବୃତ୍ତି ଟିକସକୁ ହଟାଇ ଦେଇଛନ୍ତି।

## କୃଷି ବ୍ୟୟବରାଦ ମାତ୍ର ୬୮ ଲକ୍ଷ ବୃଦ୍ଧି

■ ଭୁବନେଶ୍ୱର, ୨୦।୨ (ସମିସ): ରାଜ୍ୟରେ ଧାନକିଣା ଓ କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ମଣ୍ଡିରେ ମାଳମାଳ ସମସ୍ୟା, ଚାଷୀଙ୍କ ଧାନ କିଣିବାକୁ ନେଇ ସରକାରଙ୍କ ଅସ୍ପଷ୍ଟ ନୀତିକୁ ନେଇ ସରକାରଙ୍କୁ ସାଧାରଣରେ ସମାଲୋଚନା କରାଯାଉଛି। ଏହି ପ୍ରସଙ୍ଗକୁ ନେଇ ଚାଷୀ ସଂଗଠନ ଓଡ଼ିଶା ବନ୍ଦ ଡ଼ାକରା ଦେଇଛି। ବିଧାନସଭାରେ ଏହି ପ୍ରସଙ୍ଗ ପ୍ରତିଧ୍ୱନିତ ହୋଇଛି ଓ ଗଲା ୩ ଦିନ ଧରି ବିରୋଧୀ ଗୃହ ଚଳାଇ ଦେଉନାହାନ୍ତି। ଏହି ସମୟରେ ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପାଇଁ ବଜେଟ୍ ବରାଦ ସାଧାରଣ ଲୋକ ଓ ରାଜ୍ୟର ଅର୍ଥନୀତିଜ୍ଞଙ୍କୁ ବିସ୍ମିତ କରିଛି। କୃଷି ବିଭାଗ ରାଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଭାଗ। ସେଥିପାଇଁ ପୂର୍ବ ବିଜେଡି ସରକାର ସମୟରେ ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ ହେଉଥିଲା। ମାତ୍ର ସରକାର ବଦଳିବା ସହ କୃଷକଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ବି ବଦଳି ଯାଇଥିବା ଅଭିଯୋଗ ହୋଇଛି। ବର୍ଷକ ମଧ୍ୟରେ ବଜେଟ ବରାଦ ୨୦ ହଜାର କୋଟି ଟଙ୍କା ବୃଦ୍ଧି କରିଥିବା ବେଳେ କୃଷି ବିଭାଗ ବ୍ୟୟ ଅଟକଳ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ କରାଯିବା ସାଧାରଣରେ ଆଲୋଚନାର ପ୍ରସଙ୍ଗ ହୋଇଛି ।

ସୂଚନାଯୋଗ୍ୟ ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ବଜେଟରେ ୧୪୭୦୦.୭୧ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ତେବେ ୨୦୨୬-୨୭ ▸ପୃଷ୍ଠା-୭

**ପ୍ରଥମଥର ୧୦ ହଜାର କୋଟି ଟପିଲା ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ**

**ଚଳିତ ବର୍ଷଠାରୁ ପ୍ରାୟ ୧୧୦୦ କୋଟି ଅଧିକ ଟିକସ ଆଦାୟ ଯୋଜନା**

### ପଶ୍ଚିମବଙ୍ଗ ଏସ୍ଆଇଆର୍‌କୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବେ କଲକତା ହାଇକୋର୍ଟ

■ ନୂଆଦିଲ୍ଲୀ, ୨୦।୨ (ଏଜେନ୍ସି): ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ପଶ୍ଚିମବଙ୍ଗ ଏବଂ ନିର୍ବାଚନ କମିଶନ (ଇସି)ଙ୍କ ମଧ୍ୟରେ ବିବାଦ ଜାରି ରହିଛି। ସୁପ୍ରିମକୋର୍ଟରେ ଉଭୟ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଜାରି ରହିଛି। ରାଜ୍ୟ ସରକାର ଏବଂ ଇସି ପରସ୍ପର ଉପରେ ଦୋଷ ଲଦି ଚାଲିଛନ୍ତି। ଏପରି ସ୍ଥଳେ ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ଅସାଧାରଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟାରେ ସହଯୋଗ କରିବା ପାଇଁ କଲକତା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାୟିକ ଅଧିକାରୀ ନିଯୁକ୍ତି କରିବା ପାଇଁ ମୁଖ୍ୟ ବିଚାରପତି ସୁଜୟ ପାଲଙ୍କୁ କହିଛନ୍ତି। ଏଥିପାଇଁ ବର୍ତ୍ତମାନର ଏବଂ ପୂର୍ବତନ ଜିଲ୍ଲା ଜଜ୍ ମୁତୟନ ହେବେ। ଏମାନେ ଏସଆଇଆର ଦାବି ଏବଂ ଅଭିଯୋଗର ସମାଧାନ କରିବେ। ସେହିପରି ରାଜ୍ୟର ମୁଖ୍ୟ ସଚିବ, ଡିଜିପି ଏବଂ ▸ପୃଷ୍ଠା-୭



**ମୁଖ୍ୟ ସଚିବ, ଡିଜିପି ଓ ଇସି ଅଧିକାରୀଙ୍କ ବୈଠକ ଡାକିବେ ହାଇକୋର୍ଟ**

**ସରକାର ଓ ଇସିଙ୍କ ମଧ୍ୟରେ ବିଶ୍ୱସନୀୟତା ନାହିଁ**

**ଅସହଯୋଗ ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କଲେ ସିଜେଆଇ**

## ଟ୍ରମ୍ପଙ୍କୁ ଝଟ୍‌କା
## ଟାରିଫ୍ ରଦ୍ଦ କଲେ ଆମେରିକା ସୁପ୍ରିମକୋର୍ଟ

### ରାଷ୍ଟ୍ରପତିଙ୍କର ନାହିଁ ଟାରିଫ୍ ଲଗାଇବାର କ୍ଷମତା

■ ୱାଶିଂଟନ, ୨୦।୨ (ଏଜେନ୍ସି): ମନଇଚ୍ଛା ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ 'ସୁପ୍ରିମ' ପ୍ରହାର ବାଜିଛି। ବିଶ୍ୱବ୍ୟାପୀ ଟ୍ରମ୍ପ ଲଗାଇଥିବା ଶୁଳ୍କ ତଥା ଟାରିଫକୁ ଶୁକ୍ରବାର ଆମେରିକାର ସର୍ବୋଚ୍ଚ ଅଦାଲତ ରଦ୍ଦ କରିଦେଇଛନ୍ତି। ଅନ୍ୟ ଦେଶ ଉପରେ ଲଗା ଯାଇଥିବା ଏହି ଶୁଳ୍କକୁ ବେଆଇନ ଦର୍ଶାଇବା ସହିତ ଶୁଳ୍କ ଲଗାଇବାର କୌଣସି ଅଧିକାର ରାଷ୍ଟ୍ରପତିଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଶୁଳ୍କ ଲଗା ଯାଇଥିବା ସବୁ ଦେଶ ସହ ଆମେରିକା ଯୁଦ୍ଧରେ ଲିପ୍ତ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଶୁଳ୍କର ପରିସର, ସମୟ ଏବଂ ପରିମାଣର ମଧ କୌଣସି ସୀମା ନାହିଁ। କଂଗ୍ରେସ କ୍ଷମତା ଦେବା ପରେ ଯାଇ ସତର୍କତାର ସହ ଏଭଳି ଶୁଳ୍କ ଲଗାଇବାର ଥିଲା; ମାତ୍ର ରାଷ୍ଟ୍ରପତି ଲଗାଇଥିବା ଶୁଳ୍କରେ ଏଭଳି କିଛି କରାଯାଇ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଅନ୍ୟପଟେ ଶୁଳ୍କ ଉପରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଟ୍ରମ୍ପ ସମାଲୋଚନା କରିଛନ୍ତି। ଏହା ଉପରେ ଅସନ୍ତୋଷ ପ୍ରକାଶ କରି ମୋ ପାଖରେ 'ବ୍ୟାକଅପ୍ ପ୍ଲାନ' ତଥା ଅନ୍ୟ ଯୋଜନା ଅଛି ବୋଲି ଟ୍ରମ୍ପ କହିଛନ୍ତି।

ଜରୁରୀକାଳୀନ ସାମ୍ବିଧାନିକ କ୍ଷମତାର ବ୍ୟବହାର କରି ଟ୍ରମ୍ପ ଏହି ଶୁଳ୍କ ଲଗାଇ ଥିଲେ। ଏହି କ୍ଷମତା କେବଳ ଜରୁରୀ ସ୍ଥିତି ସମୟରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ପରିପ୍ରେକ୍ଷୀରେ ଶୁଳ୍କ ଉପରେ ସୁପ୍ରିମକୋର୍ଟଙ୍କ ଆସନ୍ନ ରାୟକୁ ନେଇ ଟ୍ରମ୍ପ ମଧ ଭୟଭୀତ ଥିଲେ। ଯଦି ମାମଲା ହାରିଯାଏ, ତେବେ ଦେଶ ବର୍ବାଦ ହୋଇଯିବ କହି ଟ୍ରମ୍ପ ସୁପ୍ରିମକୋର୍ଟଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ କୋର୍ଟଙ୍କ ଏହି ନିଷ୍ପତ୍ତି ରାଷ୍ଟ୍ରପତିଙ୍କ ଆର୍ଥିକ ନୀତି ପାଇଁ ଶକ୍ତ ଚାପୁଡ଼ା ସଦୃଶ ହୋଇଛି।

ସୂଚନାଯୋଗ୍ୟ ଯେ ଗତ ବର୍ଷ ଏପ୍ରିଲରେ ଟ୍ରମ୍ପ ରାଷ୍ଟ୍ରୀୟ ସୁରକ୍ଷାକୁ ଆଧାର କରି ବିଶ୍ୱର ଅନେକ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଶୁଳ୍କ ଲଗାଇଥିଲେ। ମାତ୍ର ଟ୍ରମ୍ପ ଏହି ଶୁଳ୍କ ପାଇଁ ବ୍ୟବହାର କରିଥିବା ନିୟମକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସେ ଇଣ୍ଟରନ୍ୟାସନାଲ ଏମର୍ଜେନ୍ସି ଇକୋନମିକ୍ ପାୱାର୍ସ ଆକ୍ଟ (ଆଇଇଇପିଏ) ବ୍ୟବହାର କରି ଶୁଳ୍କ ଲଗାଇ ଥିଲେ। ଏହି ଆଇନ ୧୯୭୭ରେ। ଦେଶ ପ୍ରତି ଗମ୍ଭୀର ବିପଦ କିମ୍ବା ଯୁଦ୍ଧ ଭଳି ସ୍ଥିତି, ବିଦେଶୀ ଶତ୍ରୁ ଦ୍ୱାରା ବଡ଼ ଆର୍ଥିକ ବିପଦ ଦେଖାଗଲେ, ଅନ୍ତର୍ଜାତୀୟ ସଙ୍କଟ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ। ▸ପୃଷ୍ଠା-୭

**ଟାରିଫ୍ ଲଗାଇବା ପୂର୍ବରୁ ନିଆଯାଇନି କଂଗ୍ରେସର ଅନୁମତି**

**ଭାରତ ଉପରେ ଲଗାଯାଇଥିବା ୧୮ ପ୍ରତିଶତ ଶୁଳ୍କ ରଦ୍ଦ**

**ରାୟକୁ ଟ୍ରମ୍ପଙ୍କ ସମାଲୋଚନା: 'ବ୍ୟାକଅପ୍ ପ୍ଲାନ' ଅଛି**





ସକାଳ
THE SAKALA
www.sakalaepaper.com

# ଅଣ୍ଟିରେ ନାହିଁ ଧନ; ପୁଅ ବାହାଘର ପାଇଁ ମନ

ଭୁବନେଶ୍ୱର, ୨୦।୨ (ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଛନ୍ତି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ । ଏଥିରେ ଅନେକ ନୂଆ ଯୋଜନା ପ୍ରଣୟନ କରିଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ପ୍ରସ୍ତାବ ରଖିଛନ୍ତି । ମାତ୍ର ଏହି ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ପାଖରେ ଧନ ନାହିଁ । ରାଜ୍ୟ ସରକାରଙ୍କ ପ୍ରଶାସନିକ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଅନୁଦାନ ବାବଦରେ ସରକାର ୪୦୦୩୯ କୋଟି ଟଙ୍କା ଓ ଟିକସ ଅଂଶ ଭାବରେ ୬୭୪୬୦ କୋଟି ଟଙ୍କା ମିଳିବ । ତେଣୁ ସବୁ ମିଶାଣ ଫେଡ଼ାଣ ପରେ ବଜେଟ ନିଅଣ୍ଟ ପ୍ରାୟ ୬୦ ହଜାର କୋଟି ଟଙ୍କା ହେବ ଏବଂ ଏହି ଅର୍ଥକୁ ଋଣ ଓ ଅନ୍ୟାନ୍ୟ ସୂତ୍ରରୁ ଭରଣା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଆଗାମୀ ବର୍ଷ ନିଜସ୍ୱ ସୂତ୍ରରୁ ୭୦ ହଜାର କୋଟି ଟଙ୍କା ରାଜସ୍ୱ ପାଇବେ । ସେହିପରି ଅଣରାଜସ୍ୱ ସୂତ୍ରରୁ ୭୧ ହଜାର କୋଟି ଟଙ୍କା, କେନ୍ଦ୍ରୀୟ ଟିକସ ଅଂଶ ଓ କେନ୍ଦ୍ରୀୟଅନୁଦାନ ବାବଦରେ୧ଲକ୍ଷ ୭ ହଜାର କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି । ଏହାବ୍ୟତୀତ ଅଗ୍ରୀମ ସୂତ୍ରରୁ ୭୦୦ କୋଟି ଟଙ୍କା ପାଇବେ ବୋଲି ହିସାବ ରଖିଛନ୍ତି ।

## ୨୦୨୬-୨୭ରେ ୪୭,୮୦୦ କୋଟି ଟଙ୍କା ଋଣ କରିବେ ସରକାର

ଖର୍ଚ୍ଚ ଅର୍ଥାତ୍ ସରକାରୀ କର୍ମଚାରୀଙ୍କ ଦରମା, ପେନସନ ଓ ଅନ୍ୟାନ୍ୟ ବ୍ୟୟ ପାଇଁ ସରକାର ୧.୯୧ ଲକ୍ଷ କୋଟି ଟଙ୍କା ବରାଦ କରିଛନ୍ତି । ବିଡ଼ମ୍ବନା ହେଉଛି ଏତିକି ବ୍ୟୟ ପାଇଁ ସରକାରଙ୍କ ପାଖରେ ବି ଧନ ନାହିଁ । ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ଆୟରୁ ମାତ୍ର ୧.୪୧ ଲକ୍ଷ କୋଟି ଆୟ ହୋଇପାରିବ ବୋଲି ସରକାର ଆକଳନ କରିଛନ୍ତି । ଅନୁରୂପ ଭାବରେ

ଆସନ୍ତା ଆର୍ଥିକ ବର୍ଷରେ ସରକାର ଖୋଲାବଜାର ଓ ଅନ୍ୟାନ୍ୟ ସୂତ୍ରରୁ ୪୭୮୦୦ କୋଟି ଟଙ୍କା ଋଣ କରିବେ ବୋଲି ବଜେଟ୍ ପୁସ୍ତିକାରେ ସୂଚନା ଦିଆଯାଇଛି । ସେହିପରି ପ୍ରୋଭିଡ଼େଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ ୧୩୦୦୦ କୋଟି ଟଙ୍କା ସରକାର ଆହରଣ କରିବେ । ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସରକାର

୨୦୦୦ ମସିହାରେ ବିଜେଡି ସରକାର କ୍ଷମତାକୁ ଆସିବା ସମୟରେ ଓଡିଶାର ଋଣ ଭାର ୧୮ ହଜାର କୋଟି ଟଙ୍କା ଥିଲା । ୨୪ ବର୍ଷ ଭିତରେ ସରକାର ୭୮ ହଜାର କୋଟି ଟଙ୍କା ଋଣ କରିଥିଲେ। ୨୦୨୪ରେ ବିଜେଡି ସରକାର ଛାଡ଼ିବା ବେଳେ ରାଜ୍ୟର ଋଣ ଭାର ଥିଲା ୯୪ ହଜାର କୋଟି। ରାଜ୍ୟରେ ବିଜେପି ସରକାର ଗଢ଼ିବା ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩ ହଜାର କୋଟି ଟଙ୍କା ଋଣ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୪୭ ହଜାର କୋଟି ଋଣ କରିବାକୁ ବଜେଟରେ ବ୍ୟବସ୍ଥା କରିଥିଲେ। ଆଗାମୀ ଆର୍ଥିକ ବର୍ଷ ପାଇଁ ୪୮୭୦୦ କୋଟି ଟଙ୍କା ଋଣ କରିବାକୁ

### ୩ଟି ବଜେଟରେ ୧ଲକ୍ଷ ୩୭ ହଜାର ୮୦୦ କୋଟି ଋଣ ଯୋଜନା

### ୨୪ ବର୍ଷରେ ୭୮ ହଜାର କୋଟି ଋଣ କରିଥିଲା ବିଜେଡି ସରକାର

ବଜେଟରେ ସରକାର ଯୋଜନା କରିଛନ୍ତି । ଏକପକ୍ଷରେ ରାଜସ୍ୱ ଆୟ ବୃଦ୍ଧି ପାଉ ନ ଥିବା ସମୟରେ ଋଣଭାର ବୃଦ୍ଧି ରାଜ୍ୟ ଉପରେ ବୋଝ ହେବାକୁ ଯାଉଛି।

ଅର୍ଥନୀତି ବିଶାରଦମାନେ ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଯଦି ସରକାର ବଜେଟ ପାଣ୍ଠି ଭଲ ଭାବେ ବ୍ୟୟ କରୁଛନ୍ତି ଏବଂ ତା ସହିତ ଋଣ କରୁଛନ୍ତି ତା ହେଲେ ବିକାଶ ତ୍ୱରାନ୍ୱିତ ହେବ। କିନ୍ତୁ ଚଳିତ ଆର୍ଥିକ ବର୍ଷରେ ବଜେଟ ବ୍ୟୟ ନୈରାଶ୍ୟଜନକ ରହିଥିବା ବେଳେ ପୂର୍ବାପେକ୍ଷା ଅଧିକ ଋଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବିତ୍ତୀୟ ପରିଚାଳନାରେ ସମଗ୍ର ଦେଶରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଆସୁଥିବା ଓଡିଶା ପୁଣି ୨୦୦୦ ମସିହା ପୂର୍ବକୁ ଫେରିଯିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି । ହାତରେ ଧନ ନ ଥାଇ ପୁଅ ବାହାଘରକୁ ମନ କରିବା ପରି ଆବଶ୍ୟକ ଆୟ ସାଧନ ନ ଥିବା ସତ୍ତ୍ୱେ ସରକାର ମାଳମାଳ ଯୋଜନା କରି ଚାଲିଛନ୍ତି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି ।

## ଖଣି, ଅବକାରୀ, ବିକ୍ରି କର ଭରସା

ଭୁବନେଶ୍ୱର, ୨୦।୨ (ସମିସ): ଆଗାମୀ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେବଳ ଖଣି ଓ ଅବକାରୀରୁ ୬୩୯୦୦ କୋଟି ଟଙ୍କା ଟିକସ ଆଦାୟ ଲକ୍ଷ୍ୟ ରଖିଛନ୍ତି। ସେହିପରି ବିକ୍ରିକରରୁ ୧୬ ହଜାର କୋଟି ଓ ଏସ୍‌ଜିଏସ୍‌ଟିରୁ ୨୯୫୦୦ କୋଟି ଟଙ୍କା ସରକାର ଆଦାୟ କରିବେ। ରାଜ୍ୟ ସରକାର ନିଜସ୍ୱ ରାଜସ୍ୱ ଓ ଅଣ ରାଜସ୍ୱ ବାବଦରେ ମୋଟ ୧.୪୧ ଲକ୍ଷ କୋଟି ଟଙ୍କା ପାଇବେ ବୋଲି ଆଶା କରିଥିବାବେଳେ ଖଣି, ଅବକାରୀ, ବିକ୍ରିକର ଓ ଏସ୍‌ଜିଏସ୍‌ଟିରୁ ମୋଟ ରାଜସ୍ୱରୁ ୮୦ ପ୍ରତିଶତ ଆଦାୟ ହେବ। ଖଣିରୁ ରାଜ୍ୟ ସରକାର ଆଗାମୀ ବର୍ଷ ୫୩୦୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛନ୍ତି ସେହିପରି ଅବକାରୀରୁ ସରକାର ୧୦୯୦୦ କୋଟି ଟଙ୍କା ପାଇବେ ବୋଲି ସରକାର ଆକଳନ କରିଛନ୍ତି ଏହାବ୍ୟତୀତ ମୋଟରଗାଡ଼ି ଟିକସରୁ ୩୬୦୦ କୋଟି, ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଫି ବାବଦରେ ୩୪୦୦ କୋଟି, ଅନ୍ୟ ଟିକସ ଓ ବିଦ୍ୟୁତରୁ ୫୧୦୦ କୋଟି ଟଙ୍କା ମିଳିବ ବୋଲି କୁହାଯାଇଛି । ବିଭିନ୍ନ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପରୁ ୧୪୨୧ କୋଟି ଟଙ୍କା ମିଳିବ ବୋଲି ବଜେଟ୍‌ରେ କୁହାଯାଇଛି ।

**ଖଣିରୁ ୫୩,୦୦୦ କୋଟି ଓ ଅବକାରୀରୁ ୧୦,୯୦୦ କୋଟି ଟିକସ ଆଦାୟ ଲକ୍ଷ୍ୟ**

**ବିକ୍ରି କରରୁ ୧୬ ହଜାର କୋଟି, ଏସ୍‌ଜିଏସ୍‌ଟିରୁ ୨୯,୫୦୦ କୋଟି ଟଙ୍କାର ରାଜସ୍ୱ**

## ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର୍‌ର ଅର୍ଥନୀତି

ଭୁବନେଶ୍ୱର, ୨୦।୨(ସମିସ): ବିକଶିତ ଓଡ଼ିଶା ଭିଜନ୍ ଅନୁସାରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ୍ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିରେ ଆଗାମୀ ପିଢ଼ିର ଆବଶ୍ୟକତା ପୂରଣ କରିବା ପାଇଁ ଭୁବନେଶ୍ୱରରେ କେତେକ



**ନିର୍ମାଣ ହେବ ନୂତନ ସରକାରୀ କୋଠା**

ନୂତନ ସରକାରୀ କୋଠା ନିର୍ମାଣ କରିବା ନେଇ ଯୋଜନା ବଜେଟ୍‌ରେ ରଖାଯାଇଛି। ଏହି ଅନୁଯାୟୀ, ଏକ ଜନଆଶ୍ରୟ ଭବନ ନିର୍ମାଣ ହେବ। ଜନ ଆଶ୍ରୟ ଭବନ ନିର୍ମାଣ ପ୍ରସ୍ତାବ ଅଧୀନର ରାଜଧାନୀରେ ଏକ ଅତିଥି ଗୃହ ତିଆରି କରାଯିବ। ଏହା ବିଭିନ୍ନ କାର୍ଯ୍ୟ ପାଇଁ ରାଜ୍ୟ ରାଜଧାନୀକୁ ଆସୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ କରିବ। ଏହାବାଦ୍ ନୂତନ ରାଜ୍ୟ ବିଧାନସଭା ସୌଧ, ନୂତନ ସଚିବାଳୟ ଭବନ, ବିଶ୍ୱମାନର ନୂତନ ସଂଗ୍ରହାଳୟ ଏବଂ ଓଡ଼ିଶା ମଣ୍ଡପମ୍ ନିର୍ମାଣ କରାଯିବ।

## ପୁରୀରେ ହେବ 'ଶାମୁକା' ପ୍ରକଳ୍ପ

ଭୁବନେଶ୍ୱର, ୨୦।୨ (ସମିସ): ଚଳିତଥର ବଜେଟରେ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ଆଣିବା ପାଇଁ ପୁରୀରେ 'ଶାମୁକା' ପ୍ରକଳ୍ପ ଏବଂ ହୀରାକୁଦକୁ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ଚିହ୍ନଟ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ନୈସର୍ଗିକ ବେଳାଭୂମିର ଅନୁଭୂତି ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ସହ ଏକ ବିଶ୍ୱମାନର ଉପକୂଳ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଣତ କରିବା ପାଇଁ ପ୍ରାୟ ୧୫ ଶହ ଏକର ପରିମିତ ଅଞ୍ଚଳରେ 'ଶାମୁକା ପ୍ରକଳ୍ପ'ର ପରିକଳ୍ପନା କରାଯାଇଛି।

● 'ଚିଲିକା ପୁନରୁଦ୍ଧାର' ଯୋଜନା
● ବାରିପଦାରେ ପ୍ରତିଷ୍ଠା ହେବ ମୟୂରଭଞ୍ଜ ଛଉ ଏକାଡେମୀ

ସେହିପରି ହୀରାକୁଦର ସମନ୍ୱିତ ପର୍ଯ୍ୟଟନ ବିକାଶର ଲକ୍ଷ୍ୟ ହେଉଛି ଡ୍ୟାମ୍ ଅଞ୍ଚଳ, ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦ୍ୱୀପ ସମୂହ ଏବଂ ଆଖପାଖ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ମାଷ୍ଟରପ୍ଲାନ୍ ମାଧ୍ୟମରେ ଏହି ଅଞ୍ଚଳକୁ ଏକ ସ୍ଥାୟୀ, ବିଶ୍ୱସ୍ତରୀୟ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳରେ ପରିଣତ କରିବା। ଜଳଭଣ୍ଡାର କ୍ଷେତ୍ର ବିକାଶ ପାଇଁ ୯୯କୋଟି ଟଙ୍କା ପୂର୍ବରୁ ଅନୁମୋଦନ କରାଯାଇଛି। 'ଚିଲିକା ପୁନରୁଦ୍ଧାର' ନାମରେ ଏକ ନୂତନ ଯୋଜନା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଭୁବନେଶ୍ୱରରେ ଏକ ବିଶ୍ୱମାନର ସଂଗ୍ରହାଳୟ ନିର୍ମାଣ କରାଯିବ। ସାମରିକ କଳା କୌଶଳ 'ଛଉ' ଆମର ଗର୍ବ। ଏହାକୁ ନଜରରେ ରଖି ବାରିପଦାଠାରେ 'ମୟୂରଭଞ୍ଜ ଛଉ ଏକାଡେମୀ' ପ୍ରତିଷ୍ଠା କରାଯିବ। ଏଥିପାଇଁ ବଜେଟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ଆରମ୍ଭ ହେବ 'ରାଜ୍ୟ ଏଆଇ ମିଶନ୍'

ବଜେଟରେ ରାଜ୍ୟ ସରକାର ଏକ ନୂତନ ମିଶନ୍ ଆରମ୍ଭ କରିଛନ୍ତି। ଆରମ୍ଭ ହେବ ରାଜ୍ୟ ଏଆଇ ମିଶନ୍। ଏଥିପାଇଁ ବଜେଟରେ ୨୩କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଏଆଇକୁ ଶାସନ ଏବଂ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭିନ୍ନ ବିଭାଗଗୁଡ଼ିକୁ ସାହାଯ୍ୟ କରିବ, ଯାହା ରାଜ୍ୟ ଶାସନ ବ୍ୟବସ୍ଥାର ଦକ୍ଷତା, ସଠିକତା ଏବଂ ସମ୍ବେଦନଶୀଳତା ବୃଦ୍ଧି ପାଇଁ ଜରୁରୀ। ଏହା ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ସକ୍ଷମ କରି ସାର୍ବଜନୀନ ସେବା କ୍ଷେତ୍ରରେ ଉନ୍ନତି ଆଣିବ।

### ବଜେଟ୍‌ର ଗତି

| ବିଭାଗ/ବର୍ଷ | ୨୦୨୪-୨୫ (କାମଚଳା) | ୨୦୨୪-୨୫ (ପୂର୍ଣ୍ଣାଙ୍ଗ) | ୨୦୨୫ | ୨୦୨୬ |
|---|---|---|---|---|
| ଗୃହ | ୮୬୪୧.୨୭ | ୮୯୯୪ | ୧୦୭୫୯.୯ | ୧୧୦୨୮.୫୬ |
| ସାଧାରଣ ପ୍ରଶାସନ | ୬୯୫.୭୨ | ୭୩୨ | ୭୪୦.୭୮ | ୮୦୫.୧୧ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୭୫୧.୪୪ | ୧୭୬୯ | ୧୯୧୩.୨୮ | ୨୨୭୧.୬୪ |
| ଅର୍ଥ | ୬୬୩୨୧.୮୯ | ୫୯୩୧୨ | ୬୩୫୧୧.୯ | ୬୫୨୯୫.୨୭ |
| ବାଣିଜ୍ୟ | ୧୯୫.୮୯ | ୨୦୩ | ୩୦୮.୮୧ | ୩୧୭.୦୦ |
| ଆଇନ | ୯୧୫.୪୨ | ୧୫୯୦ | ୧୦୫୯.୪ | ୧୦୯୪.୪୧ |
| ପୂର୍ତ୍ତ | ୧୦୯୫୦ | ୧୦୭୫୦ | ୧୨୦୦୦ | ୧୩୪୫୧.୦୦ |
| ଓଡ଼ିଶା ବିଧାନସଭା | ୮୫.୯୮ | ୮୬ | ୧୪୪.୬୨ | ୧୪୭.୪୦ |
| ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ | ୧୩୦୭.୭୫ | ୧୩୦୮ | ୧୫୨୭.୭୭ | ୧୫୩୭.୨୦ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୨୪୭୬୪.୨୮ | ୨୬୩୯୧ | ୩୧୧୮୫.୪୭ | ୩୧୯୯୭.୫୩ |
| ଏସ୍‌ସି, ଏସ୍‌ଟି,ପଛୁଆବର୍ଗ ଓ ସଂଖ୍ୟାଲଘୁ | ୫୫୪୪.୧୮ | ୫୭୫୦ | ୬୪୩୬.୧୦ | ୬୬୪୯.୩୩ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୯୭୨୯.୩୩ | ୨୦୮୩୭ | ୨୨୭୪୧.୨୧ | ୨୩୧୮୨.୧୪ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ୯୮୬୮.୩୮ | ୯୬୦୩ | ୯୯୭୩.୫୭ | ୨୩୧୮୨.୧୪ |
| ଶ୍ରମ ଓ ନିଯୁକ୍ତି ରାଜ୍ୟ ବୀମା | ୩୧୦.୨୨ | ୩୧୮ | ୩୭୩.୨୨ | ୩୮୫.୦୩ |
| କ୍ରୀଡ଼ା ଓ ଯୁବସେବା | ୧୩୦୪.୯୫ | ୧୩୧୫ | ୧୩୧୯.୭୯ | ୧୩୫୯.୨୯ |
| ଯୋଜନା ଓ ସମନ୍ୱୟ | ୧୨୦୪୩.୪୪ | ୨୦୧୮ | ୨୮୦୮.୨୨ | ୩୪୩୭.୫୭ |
| ପଞ୍ଚାୟତିରାଜ | ୨୨୫୪୩.୩୩ | ୨୬୪୬୬ | ୨୮୪୫୧.୩୧ | ୩୪୦୦୪.୦୬ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ | ୨.୮୦ | ୩ | ୨.୯୬ | ୩.୧୧ |
| ଶିଳ୍ପ | ୮୦୭.୬୩ | ୮୦୮ | ୮୦୫.୧୫ | ୧୨୦୭.୫୦ |
| ଜଳସମ୍ପଦ | ୧୩୨୬୭.୪୦ | ୧୩୨୭୨ | ୧୪୮୯୪.୨୧ | ୧୬୪୮୮.୯୨ |
| ପରିବହନ | ୩୦୯୬.୯୨ | ୩୭୪୨ | ୩୭୯୪.୮୮ | ୪୦୭୯.୮୧ |
| ଜଙ୍ଗଲ ଓ ପରିବେଶ | ୧୨୧୯.୩୧ | ୧୪୧୮ | ୧୪୯୧.୪୯ | ୧୯୧୬.୦୫ |
| କୃଷି ଓ କୃଷକ ସଶକ୍ତିକରଣ | ୭୯୨୩.୮୭ | ୧୨୯୨୬ | ୧୪୭୦୦.୭୧ | ୧୪୭୦୧.୩୯ |
| ଇସ୍ପାତ ଓ ଖଣି | ୪୬୪.୪୬ | ୪୫୬ | ୪୦୪.୩୯ | ୩୬୫.୧୧ |
| ସୂଚନା ଓ ଲୋକସମ୍ପର୍କ | ୧୪୫.୮୦ | ୧୫୬ | ୧୬୦.୭୦ | ୧୬୬.୫୪ |
| ଅବକାରୀ | ୨୩୦.୨୨ | ୨୪୧ | ୨୪୪.୯୯ | ୨୮୨.୧୬ |
| ବିଜ୍ଞାନ ଓ ବୈଷୟିକ | ୧୨୬.୦୬ | ୧୨୨ | ୩୫୩.୨୨ | ୩୫୩.୪୫ |
| ଗ୍ରାମ୍ୟ ଉନ୍ନୟନ | ୯୩୩୦.୦୦ | ୯୪୫୬ | ୧୦୦୨୦.୧୨ | ୧୦୨୦୪.୬୦ |
| ସଂସଦୀୟ ବ୍ୟାପାର | ୮୫.୦୪ | ୮୫ | ୭୪.୭୧ | ୭୪.୯୨ |
| ଶକ୍ତି | ୩୩୫୧.୭୨ | ୩୩୫୫ | ୩୯୬୨.୩୩ | ୪୫୯୬.୭୦ |
| ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ | ୨୬୧.୬୧ | ୨୬୨ | ୨୬୬.୫୮ | ୩୮୨.୩୫ |
| ପର୍ଯ୍ୟଟନ | ୮୧୭.୯୫ | ୮୧୮ | ୮୨୦.୦୮ | ୧୦୨୨.୭୫ |
| ମତ୍ସ୍ୟ ଓ ପଶୁସମ୍ପଦ | ୧୯୩୭.୬୫ | ୧୮୯୬ | ୧୯୦୯.୧୨ | ୨୦୧୯.୩୫ |
| ସମବାୟ | ୨୧୦୭.୯୯ | ୨୧୧୬ | ୨୨୭୬.୯୬ | ୨୩୩୪.୪୬ |
| ସାଧାରଣ ଉଦ୍ୟୋଗ | ୧୧.୫୪ | ୧୨ | ୧୧.୦୪ | ୧୧.୦୦ |
| ମହିଳା ଓ ଶିଶୁକଲ୍ୟାଣ | ୫୦୧୫.୧୫ | ୧୫୧୮୧ | ୧୫୨୨୨.୮୫ | ୧୬୧୫୨.୯୩ |
| ସୂଚନା ଓ ପ୍ରଯୁକ୍ତିବିଦ୍ୟା | ୩୭୩.୮୩ | ୫୦୯ | ୬୮୮.୮୩ | ୧୧୦୮.୦୨ |
| ଉଚ୍ଚଶିକ୍ଷା | ୩୪୬୯.୮୩ | ୩୪୭୮ | ୩୬୫୫.୮୩ | ୩୬୬୪.୪୦ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୧୫୮୨.୭୬ | ୧୫୮୩ | ୧୭୮୪.୫୪ | ୧୮୨୩.୧୧ |
| ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୭୪୭.୧୫ | ୭୪୭ | ୭୫୮.୮୬ | ୭୬୨.୭୮ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ | ୪୬୯୮.୯୦ | ୭୭୧୦ | ୯୧୨୦.୬୬ | ୯୬୧୦.୮୫ |
| ବିପର୍ଯ୍ୟୟ ପରିଚାଳନା | ୩୯୭୦.୨୯ | ୪୦୨୩ | ୪୦୪୯.୮୫ | ୫୫୫୮.୦୬ |
| ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି | ୨୧୯.୮୨ | ୪୨୦ | ୪୮୧.୮୩ | ୬୧୪.୯୭ |
| ମିଶନ ଶକ୍ତି | ୨୭୬୦ | ୨୭୬୨ | ୨୭୭୪.୭୩ | ୨୮୦୪.୨୩ |
| ମୋଟ (କୋଟି ଟଙ୍କା) | ୨୫୫୦୦୦ | ୨୬୫୦୦୦ | ୨୯୦୦୦୦ | ୩୧୦୦୦୦ |

## ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରର ଶୁଭାରମ୍ଭ

ଚଳିତ ବଜେଟରେ ରାଜ୍ୟର ବିକାଶ ପାଇଁ ଅର୍ଥନୈତିକ କ୍ଷେତ୍ର ଯୋଜନାର ଶୁଭାରମ୍ଭ ନେଇ ଘୋଷଣା କରିଛନ୍ତି ସରକାର। ରାଜ୍ୟ ସରକାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର(ବିସିପିପିଇଆର) ପାଇଁ ଅର୍ଥନୈତିକ ଯୋଜନା ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରକୁ ମଡେଲ୍ ଭାବେ ଗ୍ରହଣ କରି ପର୍ଯ୍ୟାୟକ୍ରମେ ତିନୋଟି ଅତିରିକ୍ତ ଅର୍ଥନୈତିକ କ୍ଷେତ୍ର ଯଥା ବରଗଡ଼-ଝାରସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର-ଗୋପାଳପୁର ଏବଂ ଜୟପୁର-କୋରାପୁଟ-ସୁନାବେଡ଼ାକୁ ଅର୍ଥନୈତିକ କ୍ଲଷ୍ଟର ଭାବେ ପରିଣତ କରାଯିବ।

## ଶ୍ରୀମନ୍ଦିର ପାଇଁ ଅନଲାଇନ୍ ଦାନ ପ୍ଲାଟଫର୍ମ 'ସମର୍ପଣ'

ବଜେଟ୍ ଆରମ୍ଭରୁ ହିଁ ମହାପ୍ରଭୁ ଜଗନ୍ନାଥ ଓ ପୁରୀ ସହ ଜଡ଼ିତ ବିକାଶ ପ୍ରକଳ୍ପ ବାବଦରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ବିକାଶ ପ୍ରକଳ୍ପ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମଗ୍ର ବିଶ୍ୱରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁ ଜଗନ୍ନାଥଙ୍କୁ କୌଣସି ସାମଗ୍ରୀ କିମ୍ବା ରାଶି ଦାନ କରି କାର୍ଯ୍ୟ କରିବାକୁ ଶୁଭ ମନେ କରିଥା'ନ୍ତି। ଏଥିପାଇଁ ରାଜ୍ୟ ସରକାର ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ପାଇଁ 'ସମର୍ପଣ' ନାମରେ ଏକ ସୁରକ୍ଷିତ ଅନ୍‌ଲାଇନ୍ ଦାନ ପ୍ଲାଟଫର୍ମ ଡିଜିଟାଲ୍ ହୁଣ୍ଡି ପ୍ରଚଳନ କରିଛନ୍ତି। ଏହି ପ୍ଲାଟଫର୍ମ ଶ୍ରୀମନ୍ଦିର ପ୍ରଶାସନର ସରକାରୀ ପୋର୍ଟାଲ ସହ ସମନ୍ୱିତ ଏକୀକୃତ ପ୍ରବେଶପଥ ମାଧ୍ୟମରେ ଭାରତ ତଥା ବିଦେଶର ଭକ୍ତମାନଙ୍କୁ ଶ୍ରୀମନ୍ଦିର ସହ ସଂଯୋଗ କରିବ। ସହଜ ସୁବିଧା ପାଇଁ ଏଥିରେ ବହୁବିଧ ଦେୟ ସୁବିଧା ରହିଛି। ଏହାସହ, ବଜେଟ୍‌ରେ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

**ରତ୍ନଭଣ୍ଡାର ଗଣତିମଣତି ପାଇଁ ୫ କୋଟି**



## 'ସମୃଦ୍ଧ କୃଷକ' ପାଇଁ ୬,୦୮୮ କୋଟି

ଭୁବନେଶ୍ୱର, ୨୦।୨ (ସମିସ): ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ରାଜ୍ୟ ସରକାର କୃଷି ଓ କୃଷକଙ୍କ ବିକାଶ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। କୃଷକଙ୍କ ଆୟବୃଦ୍ଧିକୁ ସୁନିଶ୍ଚିତ କରିବା ଲାଗି 'ସମୃଦ୍ଧ କୃଷକ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହା ଅଧୀନରେ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟର ସୁବିଧା ଯୋଗାଇ ଦିଆଯାଉଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ଅଧୀନରେ ୬ ହଜାର ୮୮କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି। ରାଜ୍ୟରେ ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୧୧ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ବଜେଟ୍‌ରେ ୨୦୩୦କୋଟି ଟଙ୍କାର ପ୍ରସ୍ତାବ ରହିଛି।

ଶ୍ରୀ ଅନ୍ନ ଅଭିଯାନ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୪ଶହ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଧାନ ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦେଇ ବିଭିନ୍ନ କିସମର ଡାଲି, ତୈଳବୀଜ ଏବଂ ଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଏଥିଲାଗି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ପାଇଁ ମୋଟ ୪ଶହ ୬୯ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ୬ଟି ଜିଲ୍ଲାରେ କଫି ଚାଷ ପାଇଁ ୧ଶହ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉନ୍ନତ ଆଖୁ ଚାଷ ପାଇଁ ୨୭କୋଟି ଟଙ୍କା ଏବଂ ବଳଭଦ୍ର ଜୈବିକ ଚାଷ ମିଶନ ନିମନ୍ତେ ୨୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। କୃଷି ଉପକରଣର ଲୋକପ୍ରିୟତା ଯୋଜନା ଅଧୀନରେ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୪୦୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି। ରାଜ୍ୟ କୃଷିନୀତିରେ କୃଷି ଉଦ୍ୟୋଗ ଏବଂ କୃଷି ସେବା କେନ୍ଦ୍ରଗୁଡ଼ିକୁ ପୁଞ୍ଜିନିବେଶ ସହାୟତା ବାବଦକୁ ୪ଶହ ୪୧କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

## ଏଥର ବି ଭୁଲିଗଲେ ୩୦୦୦ ଟଙ୍କା ଭତ୍ତା

ଭୁବନେଶ୍ୱର,୨୦।୨(ସମିସ): ପ୍ରଥମଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ବିଧାନସଭାରେ ଉପସ୍ଥାପନ କରିଛି ନିଜ ସରକାରଙ୍କ ୩ୟ ବଜେଟ୍। ମାତ୍ର ୨୦୨୪ ନିର୍ବାଚନ ସମୟରେ ରାଜ୍ୟର ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ଓ ବୃଦ୍ଧାଙ୍କ ପେନସନ୍ ୩୦୦୦ ଟଙ୍କାକୁ ବୃଦ୍ଧି ନିମନ୍ତେ ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇ ପାରିଲା ନାହିଁ । ପୂର୍ବ ଦୁଇଟି ବଜେଟରେ ଏଥିପାଇଁ ଅର୍ଥ ବରାଦ କରାଯାଇ ନ ଥିଲା, ତେଣୁ ନିଜ ପ୍ରତିଶ୍ରୁତି ଅନୁସାରେ ୨୦୨୬-୨୭ ଆର୍ଥିକ ବର୍ଷରେ ବୃଦ୍ଧ ଓ ବୃଦ୍ଧାଙ୍କୁ ୩୦୦୦ ଟଙ୍କା ଭତ୍ତା ମିଳିବ ବୋଲି ସେମାନେ ଆଶା ରଖିଥିଲେ। ବଜେଟରେ ଏ ବାବଦରେ କୌଣସି ପ୍ରାବଧାନ କରାଯାଇ ନଥିବା ରାଜ୍ୟର ଲକ୍ଷଲକ୍ଷ ହିତାଧିକାରୀଙ୍କୁ ନିରାଶ କରିଛି।



## କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ 'ଉଦ୍ୟମୀ' ଯୋଜନା

ଆସନ୍ତା ଦୁଇବର୍ଷ ମଧ୍ୟରେ ମୋଟ ୪୦କୋଟି ଟଙ୍କାର ବ୍ୟୟବରାଦ ସହିତ ୬ ହଜାର କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ 'ଉଦ୍ୟମୀ' ନାମରେ ଏକ ନୂତନ ଯୋଜନା ପାଇଁ ପ୍ରସ୍ତାବ ରହିଛି। ଏହି ଯୋଜନାରେ ସଂରଚନା ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ, ଆନୁଷ୍ଠାନିକ ଋଣ ପାଇବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି, ସ୍ଥାୟୀ ଉଦ୍ୟୋଗ ସୃଷ୍ଟିକୁ ସକ୍ଷମ କରିବା ପାଇଁ ମାର୍ଗଦର୍ଶନ ଏବଂ ପ୍ରତ୍ୟକ୍ଷ ସହାୟତା ଅନ୍ତର୍ଭୁକ୍ତ। ଓଡ଼ିଶାର ଦ୍ରୁତଗତିରେ ବୃଦ୍ଧି ପାଇଥିବା ଖଣି ଓ ଧାତୁ କ୍ଷେତ୍ରରେ କୁଶଳୀ ପେସାଦାରଙ୍କ ବର୍ଦ୍ଧିତ ଚାହିଦାକୁ ସ୍ମରଣ କରିବା ପାଇଁ କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି। ଟେକ୍ନୋଲୋଜିକାଲ ବିଶ୍ୱବିଦ୍ୟାଳୟ ତଥା ଇଞ୍ଜିନିୟରିଂ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୨୦୨୬-୨୭ ବଜେଟ୍‌ରେ ମୋଟ ୨୩୫କୋଟି ଟଙ୍କା ବରାଦ କରାଯାଇଛି। ସେହିଭଳି, ଭୁବନେଶ୍ୱରରେ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଓ ଗବେଷଣା ବିଶ୍ୱବିଦ୍ୟାଳୟ ଏବଂ ବୁର୍ଲା ବୀରସୁରେନ୍ଦ୍ର ସାଏ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତା' ସହ ପାରାଦୀପ ଓ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପ୍ରସ୍ତାବ ରଖିଛନ୍ତି।

ଛତ୍ରପୁରରେ ଚାଞ୍ଚଲ୍ୟ

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

ଛତ୍ରପୁର, ୨୦।୨ (ସମିସ): ଛତ୍ରପୁର ଥାନା ରିକାପଲ୍ଲୀ ରେଳ ଫାଟକ ନିକଟରେ ବୁଧବାର ବିଳମ୍ବିତ ରାତିରେ ସଂଘବଦ୍ଧ ଭାବେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ସାହେବଜନାପଲ୍ଲୀ ଗ୍ରାମର ଆର୍. ରାଜା ରାଓ (୨୮)। ବୁଧବାର ରାତିରେ ରାଜା ରିକାପଲ୍ଲୀ ଗେଟ୍ ନିକଟ ଏକ ଚିକେନ ଦୋକାନ ପାଖରେ ବସିଥିବା ବେଳେ କିଛି ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରିଥିଲେ। ରାଜା ପ୍ରାଣ ବିକଳରେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ପଛରୁ ଖଣ୍ଡାରେ ହାଣିଥିଲେ। ସେଠାରେ ରାଜାର ଜୀବନ ଚାଲିଯାଇଥିଲା। ଗୁରୁବାର ସକାଳୁ ସ୍ଥାନୀୟ ଲୋକ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡ଼ାଇ ଓ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ମୋବାଇଲ ଓ ବ୍ଲୁ-ଟୁଥ୍ ଜବତ କରିଥିଲେ। ରାଜାର ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ରାଜାଙ୍କ ଭାଇ ଆର୍. ଶ୍ରୀକାନ୍ତଙ୍କ ଅଭିଯୋଗକ୍ରମେ ନଂ.୭୨/୨୦୨୬ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀ ମଲ୍ଲ ସୂଚନା ଦେଇଛନ୍ତି।

ଅବକାରୀ ବିଭାଗ ଜବତ ଗାଡ଼ି ଗୋଦାମରେ ନିଆଁ

# ଜଳିଗଲା ୨୪ରୁ ଊର୍ଦ୍ଧ୍ୱ ଗାଡ଼ି




ବ୍ରହ୍ମପୁର,୨୦।୨(ସମିସ): ଗୋପାଳପୁର ଥାନା ଆମ୍ବପୁଆ ସିଟି କଲେଜ ନିକଟରେ ଅବକାରୀ ଗୁଇନ୍ଦା ବିଭାଗ ବିଭିନ୍ନ ମାମଲାରେ ଜବତ କରି ରଖିଥିବା ଗାଡ଼ି ଗୋଦାମରେ ଶୁକ୍ରବାର ଅପରାହ୍ଣରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅବକାରୀ ବିଭାଗ ପକ୍ଷରୁ ସୂଚନା ପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ ରେଞ୍ଜ ଅଫିସର ବିଚିତ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ୫ ଦମକଳ ଗାଡ଼ି ଓ ଆଗ୍ନିକ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ଅବକାରୀ ଗୁଇନ୍ଦା କାର୍ଯ୍ୟାଳୟ ପଛପଟେ ରଖାଯାଇ ଥିବା ଜବତ ଗାଡିରେ ହଠାତ୍ ନିଆଁ ଲାଗିଥିବା କିଛି କର୍ମଚାରୀ ଦେଖିବାକୁ ପାଇଥିଲେ। ଏନେଇ ଉଭୟ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଆଗ୍ନିକ ପହଞ୍ଚିବା ବେଳେ ସେଠାରେ ମହଜୁଦ ଥିବା ୨୪ରୁ ଊର୍ଦ୍ଧ୍ୱ ଗାଡ଼ି ଜଳିଯାଇଥିଲା। କ୍ଷତିର ପରିମାଣ ୩୦ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ପ୍ରାୟ ଅଢ଼େଇ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ସେଠାରେ କିଏ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରାଯାଇଛି। ଜବତ ଗାଡ଼ିରେ ପେଟ୍ରୋଲ ଥିବା ଯୋଗୁ ନିଆଁକୁ ଆୟତ୍ତ କରିବାରେ ଆଗ୍ନିକଙ୍କ ପାଇଁ ସମସ୍ୟା ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ସହାୟତାରେ ତଦନ୍ତ କରୁଛି।

# ବିଜେଡି ରାଜ୍ୟର କୋଟିକୋଟି ମା' ମାନଙ୍କର ଦଳ: ନବୀନ

ଭୁବନେଶ୍ୱର,୨୦।୨(ସମିସ): ବିଜୁ ମହିଳା ଜନତା ଦଳର ନୂତନ କର୍ମକର୍ତ୍ତାମାନଙ୍କୁ ଶୁକ୍ରବାର ଭେଟିଛନ୍ତି ଦଳର ସଭାପତି ନବୀନ ପଟ୍ଟନାୟକ। ଶଂଖଭବନଠାରେ ଦଳର ମହିଳା

**ବିଜେଡି ଉପରେ ମା' ମାନଙ୍କର ଅଖଣ୍ଡ ଭରସା ରହିଛି**

**ମହିଳାଙ୍କ ପ୍ରତି ଅତ୍ୟାଚାର ବିରୋଧରେ ଲଢ଼େଇ ଆହ୍ୱାନ**



କର୍ମକର୍ତ୍ତାଙ୍କୁ ସାକ୍ଷାତ ଅବସରରେ ନବୀନ କହିଛନ୍ତି ଯେ ବିଜୁ ଜନତା ଦଳ ହେଉଛି ଓଡିଶାର କୋଟି କୋଟି ମା' ମାନଙ୍କର ଦଳ। ଗତ ୨୭ ବର୍ଷର ଯାତ୍ରା ଭିତରେ ବିଜେଡି ମା' ମାନଙ୍କର ସଶକ୍ତିକରଣ ଉପରେ ସବୁବେଳେ ପ୍ରାଥମିକତା ଦେଇ ଆସିଛି। ମା' ମାନଙ୍କ ସଶକ୍ତିକରଣ ହିଁ ଓଡିଶାର ପ୍ରକୃତ ସଶକ୍ତି କରଣ। ବିଜୁ ମହିଳା ଜନତା ଦଳ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଏକ ଆଦର୍ଶ ସଶକ୍ତି କରଣ କାର୍ଯ୍ୟକ୍ରମ ଭାବରେ ଗ୍ରହଣ କରି ଗାଁ ଗାଁରେ ମା' ମାନଙ୍କୁ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ କରିବାକୁ ଉଦ୍ୟମ କରିଛି ଏବଂ ସେମାନଙ୍କ ଆର୍ଥିକ ବିକାଶ ଦିଗରେ ସବୁବେଳେ କାର୍ଯ୍ୟ କରିଛି। ମା' ମାନଙ୍କ ରୋଜଗାର ବୃଦ୍ଧି ସହିତ ସେମାନଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିବା ହେଉଛି ବିଜୁ ମହିଳା ଜନତା ଦଳର ଆଦର୍ଶ। ମା' ମାନଙ୍କର ସଶକ୍ତିକରଣକୁ ଏକ ସାମାଜିକ ଆନ୍ଦୋଳନ ଭାବରେ ଗଢି ତୋଳିବାରେ ବିଜୁ ଜନତା ଦଳର ଭୂମିକା ଉଲ୍ଲେଖନୀୟ ବୋଲି ନବୀନ କହିଛନ୍ତି। ମହିଳାମାନଙ୍କ ଉପରେ ବଢି ଚାଲିଥିବା ଅତ୍ୟାଚାର ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ମହିଳା ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଲଢେଇକୁ ଆହୁରି ଜୋରଦାର କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଦଳୀୟ କର୍ମକର୍ତ୍ତାମାନେ ସଭାପତିଙ୍କୁ ତାଙ୍କର ମାର୍ଗ ଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ।

■ ୪ ବର୍ଷୀୟ ବିଇଡି ନାମଲେଖା

# ପ୍ରବେଶିକା ପରୀକ୍ଷା ପାଇଁ ମାର୍ଚ୍ଚ ୧୦ ଯାଏଁ ଆବେଦନ

ଭୁବନେଶ୍ୱର, ୨୦।୨ (ସମିସ): ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରୁ ରାଜ୍ୟରେ ୪ ବର୍ଷୀୟା ଇଣ୍ଟିଗ୍ରେଟେଡ୍ ବିଇଡି (ଆଇଟିଇପି) ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ଜାତୀୟ ଏକକ ପ୍ରବେଶିକା ପରୀକ୍ଷା (ଏନସିଇଟି-୨୦୨୬) ମାଧ୍ୟମରେ ନାମଲେଖା ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପାଠ୍ୟକ୍ରମ ପାଇଁ ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନଟିଏ) ପରୀକ୍ଷା ପରିଚାଳନା କରିବ। ଏନ୍‌ଟିଏ ବିଜ୍ଞପ୍ତି ଅନୁଯାୟୀ ଗତ ୧୨ ତାରିଖରୁ ଅନଲାଇନ୍ ଆବେଦନ ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏପ୍ରିଲ ୧୭ ତାରିଖରେ ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୫ଟି ବିଶ୍ୱବିଦ୍ୟାଳୟ ଏବଂ ୮ଟି ସରକାରୀ ମହାବିଦ୍ୟାଳୟରେ ୪ବର୍ଷୀୟା ବିଏଡ୍ ପାଠ୍ୟକ୍ରମ ପଢ଼ା ହେବ। ଆସନ୍ତା ଶିକ୍ଷାବର୍ଷ ପାଇଁ ସମୁଦାୟ ୧୩୦୦ଟି ସିଟ୍ ରହିଛି। ଏହି ସମସ୍ତ ସିଟ୍‌ରେ ପ୍ରବେଶିକ ପରୀକ୍ଷାର ମାର୍କ ଅନୁସାରେ ନାମଲେଖା ହେବ।

ଗୃହରେ ଧାନ ମଣ୍ଡି ତାତି

# ଲଗାତାର ତୃତୀୟ ଦିନରେ ପ୍ରଥମାର୍ଦ୍ଧ ଅଚଳ

ଭୁବନେଶ୍ୱର, ୨୦।୨ (ସମିସ): ଲଗାତାର ତୃତୀୟ ଦିନ ପାଇଁ ଧାନ କିଣା ଏବଂ ଚାଷୀ ପ୍ରସଙ୍ଗକୁ ନେଇ ଗୃହ ଅଚଳ କରିଛନ୍ତି ବିରୋଧୀ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଶୁକ୍ରବାର ବିଧାନସଭାର ପ୍ରଥମାର୍ଦ୍ଧ ଗୃହକାର୍ଯ୍ୟ ଧୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକି ସମାଧାନର ରାସ୍ତା ବାହାର କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସଫଳ ହୋଇପାରିନଥିଲା। ଏପରିକି, ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ଅଣାଯାଇଥିବା ଧାନକିଣାରେ ସମସ୍ୟା ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନା ମଧ୍ୟ ହୋଇନଥିଲା। ଗୃହ ବାରମ୍ବାର ମୁଲତବୀ ପରେ ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ୧୨ଟା ୧୫ରୁ ଅପରାହ୍ଣ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ପରେ ଅପରାହ୍ଣରେ ବଜେଟ୍ ବେଳେ ବିରୋଧୀ ଦଳ ସହଯୋଗ କରିଥିଲେ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ହାତରେ ପ୍ଲା'କାର୍ଡ ଧରି ଗୃହ ମଧ୍ୟରେ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ କଳାବ୍ୟାଜ୍ ପିନ୍ଧି ସ୍ଲୋଗାନ୍ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବିଧାୟିକା ସଞ୍ଜଳି ମୁର୍ମୁଙ୍କ ତାରକା ପ୍ରଶ୍ନର ଉତ୍ତର ଦେବାକୁ ବାଚସ୍ପତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ରଖୁଥିବା ବେଳେ ବିରୋଧୀ ପ୍ରତିବାଦ ଜାରି ରଖିଥିଲେ। ଫଳରେ ବାଚସ୍ପତି ୧୦ଟା ୩୬ରୁ ସାଢ଼େ ୧୧ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଦିନ ସାଢ଼େ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ଭାବେ ବିରୋଧୀ ନାରାବାଜି କରିଥିଲେ। ନିଜ ଆସନକୁ ଫେରିଯାଇ ଆଲୋଚନାରେ ଭାଗ ନେବାକୁ ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ହେଁ ସେମାନେ ପ୍ରତିବାଦ ଜାରି ରଖିଥିଲେ।

**ସର୍ବଦଳୀୟ ବୈଠକ ବି ନିଷ୍କର୍ଷଶୂନ୍ୟ**

ଦିନ ୧୧ଟା ୩୭ରେ ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକକୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜୟ ନାରାୟଣ ମିଶ୍ର, ପ୍ରତାପ ଦେବଙ୍କୁ ଡକାଯାଇଥିଲା। କିନ୍ତୁ, ସର୍ବଦଳୀୟ ବୈଠକରେ କୌଣସି ନିଷ୍କର୍ଷ ବାହାରି ନଥିବା ବେଳେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ଯାଏଁ ମୁଲତବୀ ରଖିଥିଲେ।

ଅନ୍ୟପକ୍ଷରେ ଗୃହ ବାହାରେ ଗଣମାଧ୍ୟମରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆକ୍ଷେପ-ପ୍ରତ୍ୟାକ୍ଷେପ ଲାଗି ରହିଥିଲା। ମୁଖ୍ୟ ବିରୋଧୀ ଦଳ ବିଜେଡିର ବରିଷ୍ଠ ବିଧାୟକ ଧ୍ରୁବଚରଣ ସାହୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ୩ଟି ଦାବି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ସହ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି, କୃଷିମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ନେଇ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ରଖିଥିଲେ। ଚାଷୀଙ୍କୁ ନ୍ୟାୟ ନ ମିଳିବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଥିଲେ।

କଂଗ୍ରେସର ମୁଲତବୀ ପ୍ରସ୍ତାବକୁ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ କଂଗ୍ରେସ ମୁଲତବୀ ପ୍ରସ୍ତାବ ଦେଇଛି। କିନ୍ତୁ, ଗୃହ ସ୍ୱାଭାବିକ ନାହିଁ। ବିଧାନସଭାକୁ ବନ୍ଦ କରିବା କଂଗ୍ରେସର ଉଦ୍ଦେଶ୍ୟ ନୁହେଁ। ସରକାରୀ ଦଳ ଓ ମୁଖ୍ୟ ବିରୋଧୀ ଗୃହକୁ ଚଳାଇ ଦେଉନାହାନ୍ତି।

ଗୃହର ଅଚଳାବସ୍ଥାକୁ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଆଲୋଚନା ପାଇଁ ଆମେ ପ୍ରସ୍ତୁତ। ବିରୋଧୀ ଦଳର ଉଦ୍ଦେଶ୍ୟ ଚାଷୀ ସମସ୍ୟାର ସମାଧାନ ନୁହେଁ। କଂଗ୍ରେସ ପକ୍ଷରୁ ମୁଲତବୀ ପ୍ରସ୍ତାବ ପରେ ବି ପ୍ରଶ୍ନକାଳକୁ ବନ୍ଦ କଲେ ବିରୋଧୀ। ଓଡ଼ିଶାବାସୀଙ୍କୁ ଭଲ ପାଇବାର ଡ୍ରାମା ନ କରନ୍ତୁ, ବିରୋଧୀ ପଳାୟନପନ୍ଥୀ। ଓଡ଼ିଶାବାସୀ ନୂଆପଡ଼ାରେ ଜବାବ ଦେଇଛନ୍ତି, ଆଗକୁ ବି ଜବାବ ଦେବେ ବୋଲି ସେ କହିଥିଲେ।

# ଫରେଷ୍ଟର୍‌ଙ୍କ ଅଢ଼େଇ କୋଟିର ସଂପତ୍ତି ଠାବ

ଭବାନୀପାଟଣା, ୨୦।୨ (ସମିସ): ଫରେଷ୍ଟର୍‌ଙ୍କ ଅଢ଼େଇ କୋଟି ସଂପତ୍ତି। ୨୦୦୦ ମସିହାରେ ମାତ୍ର ୩ ହଜାର ଟଙ୍କା ଦରମାରେ ଫରେଷ୍ଟ ଗାର୍ଡ ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ଫରେଷ୍ଟର୍ ଏବେ ଅଚଳାଚଳ ସଂପତ୍ତିର ମାଲିକ। କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ଭବାନୀପାଟଣା ରେଞ୍ଜ ଭଟାଙ୍ଗପଦର ଫରେଷ୍ଟର୍ ଭାଗବତ ଭୂଷଣ ବେହେରା ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଫରେଷ୍ଟର୍ ଶ୍ରୀ ବେହେରାଙ୍କ ୩ଟି ଠିକଣାରେ ଏକକାଳୀନ ଚଢ଼ଉ କରି ବିପୁଳ ସ୍ଥାବର ଓ ଅସ୍ଥାବର ସଂପତ୍ତି ଠାବ କରିଛି। ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସର ୩ଟି ଟିମ୍ ଆଜି ସକାଳ ପ୍ରାୟ ୬ଟାରେ ଭବାନୀପାଟଣା ହିଲ୍ ଟାଉନ୍‌ରେ ଥିବା ଫରେଷ୍ଟରଙ୍କ ତିନିମହଲା ବାସଭବନ, ଜୁନାଗଡ଼ ଥାନା ଦେଉଣ୍ଡି ଗାଁରେ ଥିବା ପୈତୃକ ବାସଭବନ ଏବଂ ଭଟାଙ୍ଗପଦର ସେକ୍ସନସ୍ଥିତ ଫରେଷ୍ଟରଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଫରେଷ୍ଟର୍‌ଙ୍କ ହିଲ ଟାଉନ୍‌ରେ ୫୩୦୦ ବର୍ଗଫୁଟ୍‌ରେ ଠିଆ ହୋଇଥିବା ଏକ ବହୁତଳ କୋଠା, ଭବାନୀପାଟଣା ସହର ମଧ୍ୟରେ ଥିବା ୯ଟି ପ୍ଲଟ୍, ୨୧୦ ଗ୍ରାମ ସୁନା ଅଳଙ୍କାର, ୨ଟି ଧାନକଟା ମେସିନ, ଗୋଟିଏ ଦାମୀ କାର୍, ଗୋଟିଏ ଦାମୀ ବାଇକ୍, ଟ୍ରାକ୍ଟର ଓ ବୋଲେରୋ ସମେତ ଲକ୍ଷ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ଜୀବନବୀମା ଆଦି ଠାବ କରିଛି। ଖବର ଲେଖା ହେବା ସୁଦ୍ଧା ତାଙ୍କର ଅଢ଼େଇ କୋଟି ଟଙ୍କାର ସଂପତ୍ତି ଠାବ କରିଛି। ଚଢ଼ଉ ଜାରି ରହିଥିବାରୁ ଏହି ପରିମାଣ ବଢ଼ିବ ବୋଲି କୁହାଯାଉଛି। ଫରେଷ୍ଟର୍‌ଙ୍କ ଘରୁ ନଗଦ ୪୪ ହଜାର ଟଙ୍କା ମିଳିଥିବା ବେଳେ ବ୍ୟାଙ୍କ୍ ଆକାଉଣ୍ଟ ଖାତାରେ ୨୩ ଲକ୍ଷ ଟଙ୍କା ଜମା ଥିବା ଜଣାଯାଇଛି। ସେହିପରି, ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର୍ ରହିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଫରେଷ୍ଟର୍ ଶ୍ରୀ ବେହେରାଙ୍କୁ ଭିଜିଲାନ୍ସ ଗିରଫ କରି ଅଧିକ ପଚରାଉଚରା ଚଳାଇଛି।



ସୂଚନାନୁଯାୟୀ, ୨୦୦୦ ମସିହା ଅଗଷ୍ଟ ୨୦ ତାରିଖରେ ଫରେଷ୍ଟର୍ ଶ୍ରୀ ବେହେରା କଳାହାଣ୍ଡି ଉତ୍ତର ବନଖଣ୍ଡରେ ଫରେଷ୍ଟଗାର୍ଡ ଭାବେ ନିଯୁକ୍ତି ପାଇଥିଲେ। ସେହି ସମୟରେ ତାଙ୍କ ଦରମା ମାତ୍ର ୩ ହଜାର ରହିଥିଲା।

# ସ୍ତ୍ରୀର ଶବକୁ ୩ ଦିନ ଜଗି ରହିଲା ସ୍ୱାମୀ

ବ୍ରଜରାଜନଗର, ୨୦।୨(ସମିସ): ସ୍ତ୍ରୀକୁ ଶବ ପାଖରେ ୩ ଦିନ ଧରି ଜଗି ରହିଲା ସ୍ୱାମୀ। ପୁଲିସକୁ ଦେଖିବା କ୍ଷଣି ମୂର୍ଚ୍ଛା ହୋଇଗଲା। ପୁଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ବ୍ରଜରାଜନଗର ପୌରପରିଷଦର ସନଯୋବ ଗ୍ରାମ ହନୁମାନ ମନ୍ଦିର ପଡ଼ାରେ ଏଭଳି ଏକ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ବ୍ରଜରାଜନଗର ପୌରପରିଷଦ ସାନଯୋବ ଗ୍ରାମ ହନୁମାନ ମନ୍ଦିର ପଡ଼ାରେ ରହୁଥିବା ଗୋବିନ୍ଦ ଭୋଇ(୬୧) ଓ ତାଙ୍କ ପତ୍ନୀ ରୁକ୍ମିଣୀ ଭୋଇ(୫୫)।

■ ଡାକ୍ତରଖାନରେ ସ୍ୱାମୀ ମୃତ
■ ଘର ଭିତରୁ ସ୍ତ୍ରୀର ଗଳିତ ଶବ ଉଦ୍ଧାର
■ ହତ୍ୟା ସନ୍ଦେହ; କାରଣ ଅସ୍ପଷ୍ଟ



ସୂଚନାନୁଯାୟୀ, ଭୋଇ ଦମ୍ପତି ଏହି ଘରେ ରହୁଥିଲେ। ୪ ଦିନ ହେଲା ଭିତରପଟୁ କବାଟ ବନ୍ଦ ଥିଲା। ନିକଟରେ ରହୁଥିବା ରୁକ୍ମିଣୀଙ୍କ ସାନ ଭଉଣୀ ବାରମ୍ବାର ଫୋନ୍ କରିଥିଲେ ହେଁ କେହି ନ ଉଠାଇବାରୁ ଶୁକ୍ରବାର ସକାଳ ୧୧ଟାରେ ଗୋବିନ୍ଦଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ଗୋବିନ୍ଦ ଭିତରପଟୁ ଆସି କବାଟ ଖୋଲିଥିଲେ। ସାନ ଭଉଣୀ ଘର ଭିତରେ ପଶି ବଡ଼ ଭଉଣୀର ଗଳିତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘର ଭିତରେ ପଶିବା ଦେଖି ଗୋବିନ୍ଦ ମୂର୍ଚ୍ଛା ହୋଇଯାଇଥିଲେ। ପୁଲିସ ତୁରନ୍ତ ଗୋବିନ୍ଦଙ୍କୁ ପୁଲିସ୍ ଭ୍ୟାନ୍ ସହାୟତାରେ ମଣ୍ଡଳୀୟା ହସ୍ପିଟାଲକୁ ପଠାଇଥିଲେ। ଗୋବିନ୍ଦଙ୍କର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ରୁକ୍ମିଣୀଙ୍କର ୩ ଦିନ ତଳୁ ମୃତ୍ୟୁ ହୋଇଥିବା ପୁଲିସ ପ୍ରକାଶ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୁଲିସ ମହିଳାଙ୍କ ଶବ ଜବତ କରି ଜଗି ରହିଥିବା ବେଳେ ଅନ୍ୟପଟରେ ଡାକ୍ତରଖାନାରେ ଗୋବିନ୍ଦଙ୍କ ଶବ ପଡ଼ି ରହିଛି। ଉଭୟ ଜାଗାରେ ପୁଲିସ ଜଗି ରହିଛି। ଘଟଣାସ୍ଥଳରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ, ଗୋବିନ୍ଦ ଜଣେ ଅବସରପ୍ରାପ୍ତ ଏମ୍‌ସିଏଲ କର୍ମଚାରୀ। ଅବସରକାଳୀନ ଟଙ୍କା, ପେନସନ୍ ଟଙ୍କା ସହ ନିକଟରେ ତାଙ୍କର ପୈତୃକ ଜମି ବିକି ବଡ଼ ଆକାରର ଟଙ୍କା ସେ ନିଜ ପାଖରେ ରଖିଥିଲା। ତାଙ୍କ ଘରକୁ ସର୍ବଦା ଅନେକ ଲୋକଙ୍କ ଯିବା ଆସିବା ରହିଥିବା ପଡ଼ୋଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମହିଳାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି।

କଟକ ନୂଆପଡ଼ା ଗୁଳିକାଣ୍ଡ ଘଟଣା

# ଚୋରା ବାଲି କାରବାରରୁ ଗଢ଼ିଛି ମୁଣ୍ଡ!

କଟକ, ୨୦।୨(ସମିସ): କଟକ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ପ୍ରେସ୍ କଲୋନୀରେ ଘଟିଥିବା ସୌମ୍ୟରଞ୍ଜନ ଜେନା ଓରଫ୍ ରିଙ୍କୁ ହତ୍ୟାକାଣ୍ଡ ଉପରୁ ପୁଲିସ ପରଦା ହଟାଇଛି। ଏହି ସମ୍ବେଦନଶୀଳ ମାମଲାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଉତ୍କଳ କେଶରୀ ପଶାୟତ (ହୁକୁ), ଅଭିଜିତ ମହାନ୍ତି (ନାଣ୍ଟୁ), ପ୍ରିୟବ୍ରତ ତ୍ରିପାଠୀ (ପୋଡ଼ା), ହିମାଂଶୁ ଶେଖର ନାୟକ (ବାଉଁ) ଓ ରୁଦ୍ରପ୍ରସାଦ ଚାନ୍ଦ (ଓମ)। ଥଟ୍ଟାମଜାରୁ ବଚସା ଏବଂ ଏଥିରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ କହୁଛି। କିନ୍ତୁ, ପୁଲିସର ଏହି ଯୁକ୍ତିକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ବାଲି କାରବାରକୁ ନେଇ ଏହି ଜଘନ୍ୟ କାଣ୍ଡ ଘଟିଛି ବୋଲି ସେମାନେ କହିଛନ୍ତି। ରାଜନୈତିକ ଛତ୍ରଛାୟା ତଳେ ରହି ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରି ଆସୁଥିଲେ ବୋଲି ଅଭିଯୋଗ ହୋଇଛି।





ଏହି ହତ୍ୟାକାଣ୍ଡ ପଛରେ କଟକ ସଦର ଅଞ୍ଚଳରେ ଚାଲିଥିବା ବେଆଇନ ବାଲି କାରବାରର ବଡ଼ ଭୂମିକା ରହିଛି। ମୃତ ରିଙ୍କୁଙ୍କ ଭାଇ ପିଙ୍କୁ ବାଲି, ଗୋଡ଼ି ବ୍ୟବସାୟ କରୁଥିବା ବେଳେ ଅଭିଯୁକ୍ତ ହୁକୁ ମଧ୍ୟ ଏହି ବ୍ୟବସାୟରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିଲା। ଏହି ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା ହିଁ ହତ୍ୟାକାଣ୍ଡର କାରଣ ବୋଲି ଆଲୋଚନା ହେଉଛି। ଏହି ମାମଲା ଏବେ ରାଜନୈତିକ ରୂପ ନେଇଛି।

ମୁଖ୍ୟ ଅଭିଯୁକ୍ତ ଉତ୍କଳ କେଶରୀ ପଶାୟତ ଓରଫ୍ ହୁକୁ କିଛି ଦିନ ତଳେ କଟକ ସଦରର ବିଜେପି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିଲା। ଅଭିଯୋଗ ହେଉଛି ଯେ ରାଜନୈତିକ ଛତ୍ରଛାୟାରେ ରହି ହୁକୁ ସ୍ଥାନୀୟ ଅଞ୍ଚଳରେ ଚୋରା ବାଲି କାରବାର ନିୟନ୍ତ୍ରଣ କରୁଥିଲା ଏବଂ ତା'ର ଆତଙ୍କ ବଢ଼ିଯାଇଥିଲା। ଘଟଣା ସମ୍ପର୍କରେ ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା ଆଜି ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରଙ୍କୁ ଭେଟିବା ସହ କଟକ ସଦର ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ବିଭିନ୍ନ ଅସାମାଜିକ ଯୁବକମାନେ ମନଇଚ୍ଛା ବନ୍ଧୁକ ଧରି ବୁଲିବା ଓ ଚୋରା ବାଲିଚାଲାଣ କାରବାର ବୃଦ୍ଧି ପାଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ରାଜନୈତିକ ଚାପର ବଶବର୍ତ୍ତୀ ନହୋଇ ତଦନ୍ତ କରିବା ସହ ଘଟଣାରେ ଯେଉଁମାନେ ସଂପୃକ୍ତ ଅଛନ୍ତି, ସମସ୍ତଙ୍କୁ ଗିରଫ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

**କିଛି ଦିନ ତଳେ ବିଜେପିରେ ମିଶିଥିଲା ମୁଖ୍ୟ ଅଭିଯୁକ୍ତ ହୁକୁ**

**ବିଜେପି ନେତାଙ୍କ ଛତ୍ରଛାୟାରେ ଆତଙ୍କ ଖେଳାଇଥିଲେ ଅଭିଯୁକ୍ତ**

ସୂଚନାଯୋଗ୍ୟ, ବୁଧବାର ପ୍ରେସ୍ କଲୋନୀର ଏକ ପରିତ୍ୟକ୍ତ ଘରେ ଭୋଜି ଚାଲିଥିବା ବେଳେ ସମସ୍ତେ ନିଶାସକ୍ତ ଥିଲେ। ସେଠାରେ ଥଟ୍ଟାମଜାରୁ ଆରୋପ-ପ୍ରତ୍ୟାରୋପ ଆରମ୍ଭ ହୋଇଥିଲା। ଅଭିଯୁକ୍ତ ନାଣ୍ଟୁ ଘରୁ ବନ୍ଧୁକ ଆଣିବା ପରେ 'ଖାଲି ନାଁରେ ବନ୍ଧୁକ ଧରୁଛୁ ନା ଫୁଟାଇ ପାରିବୁ' ବୋଲି ଚ୍ୟାଲେଞ୍ଜ ଦିଆଯାଇଥିଲା। ପରେ ହୁକୁ ରିଙ୍କୁଙ୍କ ଛାତିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା। ଦୁଃଖର ବିଷୟ ହେଉଛି, ଗୁଳିମାଡ଼ ପରେ ଅଭିଯୁକ୍ତମାନେ ରିଙ୍କୁଙ୍କୁ ହସ୍ପିଟାଲ ନେବା ପରିବର୍ତ୍ତେ ଦୋଷ ଲଦାଲଦି ହେବା ପାଇଁ ଯୋଜନା କରି ସମୟ ନଷ୍ଟ କରିଥିଲେ। ଏସସିବି ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ



ବିଷମ କଟକ, ୨୦।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ +୩ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମା' ମାର୍କମା ଯୁକ୍ତ +୩ ମହାବିଦ୍ୟାଳୟ ପରିସରରେ ଗତ ୧୧ ତାରିଖରୁ ଏହି ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ୧୦ ଦିନ ବ୍ୟାପି ଚାଲିଥିଲା। କାର୍ଯ୍ୟକ୍ରମରେ ବିଷମ କଟକ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଯୋଗ ଦେଇ ସାରା ଦେଶରେ ନାରୀ ନିର୍ଯାତନା ବୃଦ୍ଧି ପାଉଛି। ତେଣୁ ନାରୀ ମାନଙ୍କୁ ନିଜ ସୁରକ୍ଷା ନିଜେ କରିବାର କୌଶଳ ଶିକ୍ଷା ଦେବା ନିତ୍ୟାନ୍ତ ଜରୁରି । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା ଗ୍ରହଣ କରିବା ନିତ୍ୟାନ୍ତ ଆବଶ୍ୟକତା ରହିଛି ।ଏହି କୌଶଳ ସଦୁପଯୋଗ କରିବା ପାଇଁ ଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଚାନ୍ଦିନି ପାତ୍ର ମହାବିଦ୍ୟାଳୟର ୧୧୭ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ତାଲିମ ପାଇଥିବା ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ପ୍ରଦାନ କରିଛନ୍ତି। ଏ ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଶ୍ୱିନି କୁମାର ପଣ୍ଡା, ଅଧ୍ୟାପକ ସଂଜୟ ତ୍ରିପାଠୀ, ପ୍ରିତିରଂଜନ ବାରିକ, ଅଧ୍ୟାପିକା ତୃପ୍ତିମୟୀ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଦୀପ୍ତିରଣୀ ମିଶ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀ କଡ଼ ପଥର ପ୍ୟାକିଂ ଭୁଶୁଡୁଛି, ଚିନ୍ତାରେ ସହରବାସୀ

रायगड़ा,२०।२... 

ରାୟଗଡ଼ା,୨୦।୨(ସମିସ): ରାୟଗଡ଼ା ଜିଲ୍ଲାର ଚିରସ୍ରୋତା ନାଗାବଳୀ ନଦୀ ତଟରେ ଥିବା ରାୟଗଡ଼ା ସହରର ସ୍ଥିତି କଣ ରହିଛି ବୋଲି ଚାଲିଥିବା ବିଧାନସଭାରେ ଫେବୃଆରୀ ୧୯ ତାରିଖ ତାରକା ପ୍ରଶ୍ନ ସଂଖ୍ୟା ୪୫ରେ ଜଳସଂପଦ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କୁ ପ୍ରଶ୍ନ କରିଥିଲେ ରାୟଗଡ଼ାବିଧାୟକ କାଡ୍ରକା ଆପଲାସ୍ୱାମୀ। ରାୟଗଡ଼ା ସହରର ଉପକଣ୍ଠରେ ହାତୀ ପଥର ନିକଟରେ ନାଗାବଳୀ ନଦୀ ଗତିପଥ ବଦଳାଇବା ପରେ କୂଳରେ ଥିବା ରାୟଗଡ଼ା ସହରର ସ୍ଥିତି କଣ ରହିଛି ,କୂଳରେ ଗଢିଉଠିଥିବା ସହରର ତଳ ମାଟି ସ୍ଥିତି କେବେ ଅନୁଧ୍ୟାନ କରାଯାଇଛି କି, ସହର ଭିତର ମାଟି ତଳେ ନଦୀ ଜଳ ପ୍ରବାହିତ ହେଉନାହି ତ, ନଦୀ ତଳର ମାଟି ତଳେ କୋରଡ ହୋଇ ନାହିଁ ତ ବୋଲି ପ୍ରଶ୍ନ ବିଧାୟକ ରଖିଥିଲେ। ଯଦି ଏହାର କୌଣସି ସର୍ଭେ କରାଯାଇଛି, ତେବେ ଏ ସଂପର୍କୀତ ତଥ୍ୟ ପ୍ରଦାନ କରିବା ଏବଂ ଯଦି କରାଯାଇନାହିଁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ସର୍ଭେ ନେଇ କୌଣସି ଯୋଜନା କରିଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ଯାହାର ଉତ୍ତରରେ ଜଳସମ୍ପଦ ମନ୍ତ୍ରୀ ଶ୍ରୀ ମାଝି ହାତୀ ପଥର ନିକଟରେ ନଦୀ ଗତିପଥ ପରିବର୍ତ୍ତନ କରିବା ପରେ କୂଳସଂଲଗ୍ନ ରାୟଗଡ଼ା ସହରର କେତେକ ସ୍ଥାନରେ କୂଳ କ୍ଷୟ ହେବାର ଦୃଷ୍ଟିଗୋଚର ହୋଇଥିବା ଉତ୍ତରରେ ପ୍ରକାଶ କରିଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି କୋଣ୍ଡାତୁମ୍ବିଗୁଡା, ତୁମ୍ବିଗୁଡା, ଜେକେପୁର, କୋତାପେଟା, ମାଲିଗାଁ ଓ ମାରିଗୁଡା ଠାରେ ବନ୍ୟା ନିୟନ୍ତ୍ରଣ ଓ କୂଳ ସୁରକ୍ଷା ସମ୍ବନ୍ଧୀୟ ପ୍ରତିରୋଧକ କାର୍ଯ୍ୟ ଯଥା ପଥର ପାକିଂ ଏବଂ ପଥର ଡପିଙ୍ଗ କାର୍ଯ୍ୟ ସଂପାଦିତ ହୋଇଥିବା ବେଳେ ରାୟଗଡ଼ା ନିକଟରେ ନାଗାବଳୀ ନଦୀର ଅସୁରକ୍ଷିତ ପ୍ୟାଚ ପାଇଁ ମାରିଗୁଡା ନିକଟସ୍ଥ ନାଗାବଳୀ ନଦୀର ବାମ କୂଳରେ ବନ୍ୟା ସୁରକ୍ଷା କାର୍ଯ୍ୟ (ରିଟେନିଙ୍ଗ ୱାଲ) ନିମନ୍ତେ ୬୭୭ ଲକ୍ଷ ଟଙ୍କାରେ ୪୬୫ମିଟରର କାର୍ଯ୍ୟ ଚାଲିଥିବା, କୋଣ୍ଡାତୁମ୍ବିଗୁଡା ଠାରେ ଡାହାଣ ପାଶ୍ୱର୍ରେ ବନ୍ୟା ସୁରକ୍ଷା କାର୍ଯ୍ୟ (ଡଫିଂ) ନିମନ୍ତେ ୪୨.୨୯ଲକ୍ଷ ବ୍ୟୟରେ ୧୫୦ ମିଟର ଏବଂ ତୁମ୍ବିଗୁଡା ଠାରେ ନଦୀ କୂଳରେ ୪୯.୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୬୦ମିଟରର ଡଫିଂ କାର୍ଯ୍ୟ ଚାଲୁଥିବା ଉତ୍ତର ରଖିଛନ୍ତି ଜଳସଂପଦ ମନ୍ତ୍ରୀ ଶ୍ରୀ ମାଝି। ତେବେ ନାଗାବଳୀ ନଦୀର କରାଳ ରୂପ ତଥା ପ୍ରଖର ସ୍ରୋତରେ ନିକଟରେ କଲ୍ୟାଣସିଙ୍ଗପୁର ବ୍ଲକରେ ନଦୀ ତଟବର୍ତ୍ତୀ ଅଞ୍ଚଳରେ ପଥର ପ୍ୟାକିଂ ଓ ଡଫିଂ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ତାହା ଛଅ ମାସ ନ ବିତୁଣୁ ଭୁଶୁଡ଼ି ପଡିଛି। ତଥାପି ଏ ନେଇ ଜଳସଂପଦ ବିଭାଗ ଦ୍ୱାରା ପରିଚାଳିତ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ରାୟଗଡା ସଦର ବ୍ଲକ ଅନ୍ତର୍ଗତ ନାଗାବଳି ନଦୀ ତଟର ସାନ ଓ ବଡ଼ ରାଇସିଂ, ଗୁରୁରାଜଗୁଡା ଭଳି ଗାଁ ଗୁଡିକୁ ବନ୍ୟା ନିୟନ୍ତ୍ରଣ ସୁରକ୍ଷା ପଥର ପ୍ୟାକିଙ୍ଗ କାର୍ଯ୍ୟ ମଧ୍ୟ ଭୁଶୁଡି ପଡି ନଦୀ ଗର୍ଭରେ ମିଶି ସାରି ଥିବା ବେଳେ କଲ୍ୟାଣସିଙ୍ଗପୁର ସହରର ଗୌଡ଼ ସାହି ଠାରୁ ମେଡିକଲ ଛକ ବୁଲାଣି ଓ ମାଳିତୀ ସାହି ଠାରୁ କଣ୍ଡା ସାହି ପଛପଟ ନିକଟସ୍ଥ ନାଗାବଳୀ ନଦୀ କୂଳରେ ଜଳସଂପଦ ବିଭାଗ ପକ୍ଷରୁ ପ୍ରାୟ ୬କୋଟି ଟଙ୍କାରୁ ଅଧିକ ବ୍ୟୟରେ ପଥର ପେକିଙ୍ଗ କାର୍ଯ୍ୟ ଗତ ବର୍ଷ କରାଯାଇଥିବା ବେଳେ ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ଉକ୍ତ ସମୟରେ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପଥର ପ୍ୟାକିଂ ନାଗାବଳୀ ନଦୀର ପ୍ରଖର ସ୍ରୋତରେ ଭାସି ଯାଉଥିବା ବେଳେ ନାଗାବଳୀ ନଦୀର ପ୍ରଖର ସ୍ରୋତରେ ନଦୀ କୂଳବର୍ତ୍ତୀ ମାରିଗୁଡା ଏବଂ ଅଟାରୀଗୁଡା ସମେତ ରାୟଗଡ଼ା ସହରକୁ ଏହା ଆଗାମୀ ଭବିଷ୍ୟତରେ ବିପଦକୁ ଟାଣି ଆଣୁଥିବା ଏକ ସଙ୍କେତ ଦେଲାଣି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।



## ହୋଟେଲ ମାଲିକ ଅମର ସାହୁଙ୍କ ପରଲୋକ



ଜୟପୁର,୨୦।୨(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲା ତଥ ଜୟପୁର ସହରର ପ୍ରତିଷ୍ଠିତ ହୋଟେଲ ମାଲିକ ଅମର ସାହୁଙ୍କର ଆଜି ବିଶାଖପାଟଣା ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଆଜି ପୂର୍ବାହ୍ନ ସାଢେ ଗୋଟାଏ ସମୟରେ ବିଶାଖପାଟଣା ଘରୋଇ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ଜୟପୁର ଅଣାଯାଇ ରାତିରେ ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ସୂଚନା ମିଳିଛି। ଗତ କିଛି ଦିନ ପୂର୍ବରୁ ଜୟପୁରର ଏକ ଗାଧୁଆ ଗୃହରେ ସେ ଖସି ପଡିଯାଇଥିଲେ। ଫଳରେ ମୁଣ୍ଡର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ବିଶାଖପାଟଣା ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ମୁଖ କର୍କଟ ରୋଗରେ ଶୀକାର ହୋଇଥିଲେ ସୁଦ୍ଧା ସେଥିରୁ ସୁସ୍ଥ ହୋଇଥିଲେ। କିନ୍ତୁ ହଠାତ୍ ଏହିପରି ପଡିଯିବା ଯୋଗୁଁ ତାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ମୁଖ୍ୟତଃ ବିହାର ରାଜ୍ୟର ବାସିନ୍ଦା ହୋଇଥିଲେ ସୁଦ୍ଧା ଦୀର୍ଘ ୪୫ ବର୍ଷରୁ ଅଧିକ ସମୟ ହେଲା ସେ ଜୟପୁର ସହରରେ ରହି ଆସୁଥିଲେ। ପୁରାତନ ହୋଟେଲ ଅପସରାର ମାଲିକ ଏବଂ ଜଣେ ମିଷ୍ଟଭାଷୀ, ପରୋପକାରୀ ଭାବେ ତାଙ୍କର ପରିଚିତ ରହିଥିଲା। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ପଦ୍ମା ସାହୁ, ପୁଅ ବିବେକ, ପୁତ୍ରବଧୁ ଏବଂ ପରିବାର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଜୟପୁର ସହର ସମେତ କୋରାପୁଟ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି।

# ଗୋଟିଏ ରାତିରେ ୩ ଦୁର୍ଘଟଣା, ୬ ଗୁରୁତର

କଲ୍ୟାଣସିଂହପୁର,୨୦।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପୃଥକ ପୃଥକ ତିନୋଟି ସ୍ଥାନରେ ଦୁର୍ଘଟଣାରେ ୬ ଗୁରୁତର ହୋଇ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। କଲ୍ୟାଣସିଂହପୁର ବ୍ଲକରେ ଦେବଗିରି ଯାତ୍ରା ଦେଖି ଫେରୁଥିବା ବେଳେ ଉକ୍ତ ଦୁର୍ଘଟଣା ହୋଇଥିବା ଜଣାପଡିଛି। ରାତ୍ର ୮ଟା ସମୟରେ ଅଲଣ୍ଡା ଗ୍ରାମର ଶାଙ୍କାରାଓ କାଡ୍ରାକା (୪୫) ପିଲାଙ୍କୁ ଟିୟୁସନରୁ ଘରକୁ ନେବା ପାଇ ଆସି ରାସ୍ତା ପାଶ୍ୱର୍ରେ ବାଇକ୍ ରଖି ବସିରହିଥିବା ବେଳେ କାର୍ଯ୍ୟ ସାରି ଘରକୁ ଆସୁଥିବା ଏଙ୍କେନା ବେନିଆ ବାଇକ୍‌କୁ ଧକ୍କା ଦେବାରୁ ଶଙ୍କାରାଓଙ୍କ ଗୋଡ଼ ଛିଣ୍ଡି ଯାଇଥିଲା। ସେହିପରି ରାତ୍ର ପ୍ରାୟ ୧୧ଟା ୩୦ ସମୟରେ ଯାତ୍ରା ଦେଖି ଏକ ବାଇକ୍‌ରେ ଦୁଇଜଣ ଶିପୁନ କଣ୍ଡାଗରୀ (୧୭) ଓ ହେମନ୍ତ କଣ୍ଡାଗରୀ (୧୮) ଯାଉଥିବା ବେଳେ ଭାରସାମ୍ୟ ହରାଇ ଶିରିପୁର ବିଦ୍ୟାଳୟ ନିକଟ ବୁଲାଣିରେ କାଟି ନ ପରି ସିଧା ଏକ ଝୋଲାରେ ପଡି ଗୁରୁତର ହୋଇଥିଲେ। ସେହିପରି ପାହାନ୍ତିଆ ୩ଟା ସମୟରେ କଲ୍ୟାଣସିଂହପୁର ଠାରୁ କିଛି ଦୂରରେ ଏକ ବୋଲେର ଓଡି ୦୨ଏ କେ ୭୯୫୩ ସହ ବାଇକ ଧକ୍କା ଦେବାରୁ ଦୁଇ ଜଣ ଶ୍ରୀଧର କାଶୀ (୧୭)ଓ ନୀଳକଣ୍ଠ କାଶୀ (୧୮) ବାଳକର ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ମାନଙ୍କୁ କଲ୍ୟାଣ ସିଂହପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ମାନଙ୍କୁ ଡକ୍ଟର ସମ୍ୟରଞ୍ଜନ ମିଶ୍ର ପ୍ରାଥମିକ ଚିକିତ୍ସା କରି ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଅବସ୍ଥା ଗୁରୁତର ହୋଇଥିବାରୁ ବ୍ରହ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଦେଇଥିବା ସୂଚନା ମିଳିଛି। ଏହାକୁ ନେଇ ପୁଲିସ ପକ୍ଷରୁ ପୃଥକ ପୃଥକ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି।



## ମହୁମାଛି ଆକ୍ରମଣରେ ୨୦ ଆହତ

କୋରୁକୋଣ୍ଡା,୨୦।୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ ଆଜି ମାଉଳି ମା'ଙ୍କ ଯାତ୍ରାର ପ୍ରଥମ ଦିନ। ମା'ଙ୍କୁ ବରଣ କରିବା ନିମନ୍ତେ ସବୁ ବର୍ଷ ପରି ଆଜି ମନ୍ଦିର ପୂଜକ ତ୍ରିନାଥ ରଞ୍ଜିତିଙ୍କ ସମେତ ପ୍ରାୟ ୨୦ରୁ ଅଧିକ ଭକ୍ତ ଏବଂ ମାଲକାନଗିରିର ସଦର, କୋରୁକୋଣ୍ଡା ଥାନା ଅଧିକାରୀ ଆର ବିଜୟ କୁମାରଙ୍କ ସମେତ ତିନିରୁ ଅଧିକ ଥାନା କର୍ମଚାରୀ ପାହାଡ ଶିଖରକୁ ମା'ଙ୍କୁ ବରଣ ନିମନ୍ତେ ଯାଇଥଲେ। ପୂଜା ସାରି ଫେରିବା ସମୟରେ ରାସ୍ତାରେ ମହୁମାଛି ଆକ୍ରମଣରେ ଥାନା ଅଧିକାରୀଙ୍କ ସମେତ ପୂଜାରୀ ଏବଂ ଗ୍ରାମବାସୀଙ୍କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରେ ଆହତ ସମସ୍ତଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।



● ମାତୃଭାଷା ଓଡ଼ିଆ ବଦଳରେ ହିନ୍ଦୀ ଆସିଲା

# ପରୀକ୍ଷା ଦେଇ ପାରିଲେନି ଦୁଇ ଛାତ୍ରଛାତ୍ରୀ

ନନ୍ଦପୁର,୨୦।୨ (ସମିସ): ଯୁକ୍ତ ଦୁଇ ମାଧ୍ୟମିକ ଶିକ୍ଷା ପରିଷଦର ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ଦିନ ପରୀକ୍ଷା ମାତୃଭାଷା ଓଡ଼ିଆ ବିଷୟ ରହିଥିଲା। ପାଡୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ବାର୍ଷିକ ପରୀକ୍ଷାର ମାତୃଭାଷା ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ବେଳେ ଦୁଇ ଛାତ୍ର ନିରାଶ ହୋଇ ଘରକୁ ଫେରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚିତ ଯେ ପାଡୁଆ ରାଧାକୃଷ୍ଣ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ବିଭାଗର ଦୁଇ ପରୀକ୍ଷାର୍ଥୀ ଯଥା ସୁଭଦ୍ରା କିର୍ଶାନୀ ଓ ସାମୁଏଲ୍ ପାଙ୍ଗି ଆଜି ପରୀକ୍ଷା ଦେବାଲାଗି ନନ୍ଦପୁର ସିଦ୍ଧେଦେଭି କନିଷ୍ଠ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ। କିନ୍ତୁ ଆଜି ସେମାନଙ୍କ ନାମ ନଥିବା ନେଇ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଦିଆଯାଇ ନଥିଲା। ଆସନ୍ତା ୨୩ ତାରିଖ ସୋମବାର ଦିନ ହିନ୍ଦୀ ପରୀକ୍ଷାରେ ସେମାନଙ୍କ ନାମ ରହିଥିବା କଲେଜ କର୍ତୃପକ୍ଷ କହିଥିଲେ। ଏ ନେଇ ପାଡୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅର୍ଜୁନ ଚିଞ୍ଚିଆ ପରୀକ୍ଷାର୍ଥୀ ପରୀକ୍ଷା ଆବେଦନ କରିବା ସମୟରେ ଭୁଲ କରିଥାଇ ପାରନ୍ତି ବୋଲି ଯୁକ୍ତି ରଖିଥିଲେ। ହେଲେ ସଂପୃକ୍ତ ପରୀକ୍ଷାର୍ଥୀ ଦୁହେଁ କିଛି ଅଲଗା ମତ ରଖିଛନ୍ତି। ସେମାନଙ୍କ କହିବା ଅନୁସାରେ ଆଡମିଟ କାର୍ଡ ବିତରଣ ସମୟରେ ଏହି ତ୍ରୁଟି ବିଷୟରେ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ ହେଁ ଆଶ୍ୱାସନା ଛଡ଼ା କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏବେ ପ୍ରଶ୍ନ ଉଠୁଛି ପରୀକ୍ଷାର୍ଥୀ ପରୀକ୍ଷା ଦେବେ କେମିତି? ହିନ୍ଦୀ ଯାହା ତାଙ୍କ ମାତୃଭାଷା ନାହିଁ ଓ କେବେ ସେ ବିଷୟବସ୍ତୁର ବହି ପଢ଼ିନାହାନ୍ତି ସେ ବିଷୟରେ ପରୀକ୍ଷା ଦେବେ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫର୍ମ ଦାଖଲ ସମୟରେ ଯଦି କାହା ଦ୍ୱାରା ଭୁଲ ହୋଇଥାଏ, ପରବର୍ତ୍ତୀ ସମୟରେ ସୁଧାର କରାଗଲା ନାହିଁ କେମିତି ବୋଲି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଚଳିତ ୨୩ ତାରିଖରେ ଉଭୟ ଛାତ୍ରଛାତ୍ରୀଙ୍କ ମାତୃଭାଷା ହିନ୍ଦୀ ଭାଷାରେ ପରୀକ୍ଷା ରହିଥିବା ବେଳେ ପ୍ରଶ୍ନ ପତ୍ରର ଉତ୍ତର କଣ ଲେଖିବେ ସେ ନେଇ ଅବାକ୍ ହୋଇ ପଡିଛନ୍ତି ଦୁଇ ପରୀକ୍ଷାର୍ଥୀ ।




● ଟାୱାର ଥାଇ ନେଟ୍‌ୱର୍କ ନାହିଁ

# ଜିଓ ଓ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତା ହନ୍ତସନ୍ତ

ଚନ୍ଦ୍ରପୁର,୨୦।୨(ସମିସ): ରାୟଗଡ଼ା ଜିଲ୍ଲା ଠାରୁ ୧୨୦ କି.ମି ଦୂରରେ ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ଅବସ୍ଥିତ। ଏହି ବ୍ଲକ୍‌ରେ ଲୋକ ସଂଖ୍ୟା ୫୦,୦୦୦ରୁ ଅଧିକ ଥିଲେ ମଧ୍ୟ ନେଟୱର୍କ ପାଇଁ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ୪ଟି ହାଇସ୍କୁଲ ଏବଂ କଲେଜ ଥିଲେ ମଧ୍ୟ କୌଣସି ଅନୁଷ୍ଠାନରେ ୱାଇଫାଇ କାର୍ଯ୍ୟ କରୁନାହିଁ। ସମସ୍ତ ଅଫିସ କାମରେ ବାଧା ସୃଷ୍ଟି ହେଉଛି। ସରକାରଙ୍କୁ କେତେ ଗୁହାରି କଲେ ମଧ୍ୟ କେହି ଶୁଣିବାକୁ ନାରାଜ। ସେହିଭଳି ବ୍ଲକ୍ ମୁଖ୍ୟାଳୟ ହୋଇ ଥିଲେ ମଧ୍ୟ କୌଣସି ଏଟିଏମ୍‌ର ସୁବିଧା ନାହିଁ। ଟଙ୍କା ଉଠାଣ ନିମନ୍ତେ ୨୦କିମି ଦୂର ହନୁମନ୍ତପୁର ଗାଁକୁ ଯିବା ପାଇଁ ପଡୁଛି। ଭାରତ ସ୍ୱାଧୀନତା ହେବାର ଦୀର୍ଘ ୭୬ ବର୍ଷ ହେଲେ ମଧ୍ୟ ବ୍ଲକ୍ ହେଡକ୍ୱାର୍ଟର ଦୀପ ତଳେ ଅନ୍ଧାର। ଏହି ବ୍ଲକ୍‌ରେ ଅଧିକାଂଶ ଜାତି ଓ ଜନଜାତି ଲୋକ ବସବାସ କରୁଛନ୍ତି । ହେଲେ ନୂଆ ସରକାର ଆସିବା ପରେ ଜନସାଧାରଣଙ୍କ ମନରେ ଆଶା ଥିଲା କି ନୂତନ ବ୍ୟାଙ୍କ୍ ଏବଂ ଟାୱାରର ସୁବିଧା କରାଯିବ। ତେବେ ବର୍ଷାଧିକ ସମୟ ବିତି ଥିବା ବେଳେ ଅଞ୍ଚଳବାସୀଙ୍କ ଯେଉଁ ଆଶା ଥିଲା ତାହା ମଉଳି ଯାଉଛି । ସ୍ଥାନୀୟ ସାଂସଦ ଓ ବିଧାୟକ ତଥା ଜିଲ୍ଲା ପ୍ରଶାସନ ପାଖରେ ବହୁବାର ବ୍ଲକ ବାସିନ୍ଦା ନେଟୱର୍କ ସମସ୍ୟାର ସମାଧାନ ପାଇଁ ଦାବି କରୁଥିଲେ ମଧ୍ୟ ତାହା ପୂରଣ ହୋଇ ପାରୁ ନ ଥିବାରୁ ଆଗକୁ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



## ବିକ୍ରେତା ମାନଙ୍କ ପାଇଁ ତାଲିମ ଶିବିର

କୋରାପୁଟ,୨୦।୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ରାମ୍ପ ଯୋଜନା ଅଧୀନରେ ବିକ୍ରେତା ମାନଙ୍କ ପାଇଁ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକ୍ରେତା ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡ଼ିକର କ୍ଷମତା ବୃଦ୍ଧି, ଉତ୍ପାଦନ ଗୁଣବତ୍ତା ଏବଂ ବଜାର ସଂଯୋଗୀକରଣ ଉପରେ ରପ୍ତାନୀ, ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶକ ସଂଜୟ କୁମାର ମିଶ୍ର ଯୋଗଦେଇ ଆଲୋକପାତ କରିଥିଲେ। ସୁନାବେଡା ହିନ୍ଦୁସ୍ଥାନ ଏରୋନଟିକସ ଲିମିଟେଡ ଦ୍ୱାରା ବିକ୍ରେତା ମାନଙ୍କର ଯନ୍ତ୍ରାଂଶ କ୍ରୟ କରିବେ ବୋଲି ସେ କହିଛନ୍ତି। ଏହି ଶିବିରରେ ହାଲ ଡିଜିଏମ ଶୁଭେନ୍ଦୁ ଶେଖର ଦାସ ଓ ଡିଆଇସି ଜିଏମ ଚିନ୍ମୟ ପରିଡ଼ା,ଏ ଲଡିଏମ ଦେବେନ୍ଦ୍ର କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାର ବିଭିନ୍ନ ସହରର ବିକ୍ରେତା ମାନଙ୍କ ସହ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

## ନିର୍ମାଣ ଆରମ୍ଭକୁ ପାଞ୍ଚ ବର୍ଷ ବିତିଲା

# ମେଗା ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ

ବୈପାରୀଗୁଡ଼ା,୨୦।୨(ସମିସ):

ସରୁନି ମେଗା ପାଣି ଟାଙ୍କି ନିର୍ମାଣ । ଆଗକୁ ଆସୁଛି ଗ୍ରୀଷ୍ମଋତୁ । ଏବେଠୁ ଶୁଖିବାକୁ ଆରମ୍ଭ ହେଲାଣି ଜଳାଶୟ । ସେପଟେ ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପର ଟାଙ୍କି ନିର୍ମାଣ କାର୍ଯ୍ୟ । ଗାଁ ଗାଁରେ କେବେ ପହଞ୍ଚିବ ବିଶୁଦ୍ଧ ପାଣି । ସେ ନେଇ ଚିନ୍ତାରେ ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଞ୍ଚାୟତବାସୀ। ଦଶମନ୍ତପୁର ପଞ୍ଚାୟତରେ ମୋଟ ୧୪ ୱାର୍ଡ ଥିବା ବେଳେ ୩୮ଟି ଗାଁ ରହିଛି । ପ୍ରାୟ ଦଶ ହଜାରରୁ ଅଧିକ ଲୋକେ ବସବାସ କରନ୍ତି । ହେଲେ ଏହି ପଞ୍ଚାୟତବାସୀଙ୍କୁ ପାଇପ ପାଣି ଯୋଗାଇ ଦେବା ପାଇଁ ମେଗା ପକ୍ଷରୁ ଟାଙ୍କି ନିର୍ମାଣ ତ ହେଉଛି, କିନ୍ତୁ ପାଞ୍ଚ ବର୍ଷ ବିତିଲା ଟାଙ୍କି ନିର୍ମାଣ କାମ ସରୁନି । ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ କଚ୍ଛପ ଗତିରେ ଚାଲିଛି। ବିଶେଷ କରି ପଞ୍ଚାୟତର ଗିରୀଲପୁଟ, ଗାଡ଼ପୁଟ, ଜାମଯୋଡି, ତୋଟାଗୁଡା ଭଳି ଅନେକ ଗାଁରେ ପାଣି ସମସ୍ୟା ରହିଛି । ମେଗା ପାଣି ପାଇଲେ ସମସ୍ୟା ସମାଧାନ ହେବ। କିନ୍ତୁ କାମ ସରୁନି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସରପଞ୍ଚ ଏବଂ ଗ୍ରାମବାସୀ। ସୂଚନା ଥାଉକି, ବୈପାରୀଗୁଡା ବ୍ଲକ ବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଲମତାପୁଟ ରାସ୍ତା ପେଟାଘାଟି ନିକଟରେ ଆରମ୍ଭ ହେଲା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ । ଏହି କାର୍ଯ୍ୟ ଏକ ଘରୋଇ ଠିକା କମ୍ପାନୀ ଦ୍ୱାରା ଗତ ୨୦୨୧ ମସିହାରୁ ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୨୦୨୩ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବା ସହ ଜଳ ଯୋଗାଣ ହେବାର ଥିଲା। ଏଥିରେ ୧୮ଟି ପଞ୍ଚାୟତର ୨୮ ହଜାର ୨୫୦ ପରିବାର ଉପକୃତ ହେବେ। ଏଥିପାଇଁ ୧୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭକୁ ପାଞ୍ଚ ବର୍ଷ ବିତିଲା । ଇତି ମଧ୍ୟରେ ବ୍ଲକରେ ୧୬ଟି ଟ୍ୟାଙ୍କି ନିର୍ମାଣ କାମ ଶେଷ ହୋଇଥିବା ବେଳେ ହଳଦୀକୁଣ୍ଡ ଏବଂ ଦଶମନ୍ତପୁର ପାଣି ଟ୍ୟାଙ୍କି ଏ ପର୍ଯ୍ୟନ୍ତ କାମ ସରିନି । ଅନ୍ୟ ପଞ୍ଚାୟତ ପାଇଁ ପାଣି ଯାଞ୍ଚ କାମ ଆରମ୍ଭ ହୋଇଯାଇଛି । କିନ୍ତୁ ଦଶମନ୍ତପୁର ପଞ୍ଚାୟତବାସୀ କେବେ ପାଣି ପାଇବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ଯଦି ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାଇପ୍ ପାଣି ନ ମିଳିଲେ ଅଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସରପଞ୍ଚ ଆର ରୋହିତ କୁମାର ଏବଂ ଗ୍ରାମବାସୀ।



### ଚେତାବନୀ ଦେଲେ ଦଶମନ୍ତପୁର ସରପଞ୍ଚ

# କେନ୍ଦୁପତ୍ର ଶ୍ରମିକଙ୍କ ଧାରଣା



ଏମଭି ୭୯, ୨୦।୨ (ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନରେ ଏମ୍‌ଭି ୭୯ ଅଞ୍ଚଳରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନେ ବିଭିନ୍ନ ଦାବି ପୂରଣ ଦାବିରେ ଆଜି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ପଷ୍ଟ ପଦକ୍ଷେପ ଗ୍ରହଣ ହୋଇନାହିଁ। ଏହାକୁ ପ୍ରତିବାଦ କରି ସେମାନେ ଗଣଧାରଣା ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟ ଦାବୀମାନଙ୍କ ମଧ୍ୟରେ କେନ୍ଦୁପତ୍ର କେରି ଓ ବଣ୍ଡଲ ପ୍ରତି ଦର ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି, ବୋନସ ହାର ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ୪ ଲକ୍ଷ ଟଙ୍କାକୁ ବୃଦ୍ଧି, ରୋଗାକ୍ରାନ୍ତ ସମୟରେ ଛୁଟି ବ୍ୟବସ୍ଥା, ଖାଲି ପଦ ପୂରଣ ଓ ସାମାଜିକ ନିରାପତ୍ତା ପାଇଁ ବଜେଟରେ ୨୦୦ କୋଟି ଟଙ୍କା ବ୍ୟବସ୍ଥା ଭଳି ଦାବୀ ସମ୍ମିଳିତ ଅଛି। ସେହିପରି, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ, ପ୍ରସ୍ତାବିତ କିଛି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ ଓ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଶୀଘ୍ର ଆହ୍ୱାନ କରିବାକୁ ସଂଘ ଦାବି କରିଛି। ଧାରଣାସ୍ଥଳରେ ସଂଘର ପକ୍ଷରୁ କୁହାଯାଇଛି ଯେ, ଯଦି ଶୀଘ୍ର ଦାବି ପୂରଣ ନହେବ ଆଗାମୀଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସର୍ବସାଧାରଣ ପ୍ରତିକ୍ରିୟା ମିଳିନାହିଁ।

## ଆଦିବାସୀ ମହିଳାଙ୍କୁ ରୋଜଗାର ଦେଉଛି ଛତୁ ଚାଷ



କୁନ୍ଦୁରା, ୨୦।୨(ସମିସ): ବିଭିନ୍ନ ପ୍ରକାରର ଛତୁ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ନୁଆଗୁଡା ଗ୍ରାମର ଆଦିବାସୀ ମହିଳା। ବର୍ଷ ତମାମ୍ ଡିଙ୍ଗିରି ଛତୁ, ପାଳ ଛତୁ ଭଳି ବିଭିନ୍ନ ପ୍ରକାରର ଛତୁ ଅମଳ କରୁଛନ୍ତି ମହିଳା । ଛତୁଚାଷ ଏକ ଲାଭ ଜନକ ଚାଷ। କମ୍ ସମୟ,କମ୍ ପରିଶ୍ରମ ଓ କମ୍ ଖର୍ଚ୍ଚରେ ଅଧିକ ରୋଜଗାର ମିଳୁଥିବାରୁ ଏହାକୁ ଆପଣାଇଛନ୍ତି ଗାଁ ମହିଳା। କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ନୁଆଁଗୁଡା ଗ୍ରାମର ମହିଳା ସ୍ୱୟଂ ସହାୟକ ଗ୍ରୁପର ଆଦିବାସୀ ମହିଳାମାନେ ଛତୁ ଚାଷ କରି ଲାଭବାନ ହୋଇଛନ୍ତି ।ପ୍ରଥମେ ସରକାରଙ୍କ ତରଫରୁ କିଛି ଋଣ ମିଳିବା ପରେ ଗ୍ରାମର ୧୪ଜଣ ମହିଳା ମିଶି ୧୦ ବର୍ଷ ପୂର୍ବେ ଏହି ଚାଷ ଆରମ୍ଭ କରିଥିଲେ। ଅମଳ ଛତୁକୁ କୁନ୍ଦୁରା ବ୍ଲକ ଓ ବ୍ଲକ ବାହାରେ ବିକ୍ରି କରୁଛନ୍ତି ମହିଳା । ଏମିତି କି ମହିଳାଙ୍କ ଛତୁ ଫାର୍ମ ନିକଟକୁ ଆସି କିଣି ନେଉଛନ୍ତି ସ୍ଥାନୀୟ ବାସିନ୍ଦା । ଛତୁ ଚାଷ ପାଇଁ ଛତୁ ମଞ୍ଜି ଓ ନଡ଼ାର ଆବଶ୍ୟକତା ଥାଏ। ନଡ଼ାକୁ ଛୋଟ ଛୋଟ କାଟି ପାଣିରେ ଭିଜାଇ ରଖିବାକୁ ପଡିଥାଏ। ପାଣି ନିଗାଡିବା ପରେ ଛତୁ ମଞ୍ଜି ଦେଇ ବେଡ଼ ପକାଇ ଏହାକୁ ପଲିଥିନ ମଧ୍ୟରେ ରଖାଯାଏ। ମଞ୍ଜି ପକାଇବାର ୨୫ ଦିନ ପରେ ଛତୁ ଅମଳ ହୋଇଥାଏ। ମାସକୁ ପ୍ରାୟ ଏକ କ୍ୱିଣ୍ଟାଲ ଛତୁ ଅମଳ ହୋଇଥାଏ। ମିଶନ ଶକ୍ତି ତରଫରୁ ମହିଳାଙ୍କୁ ଏକ ଘର ଯୋଗାଇ ଦିଆଯାଇଛି ସେଠାରେ ଅମଳ କରୁଛନ୍ତି ମହିଳା। ବଜାର ପରିବର୍ତ୍ତେ ଏହି ଗ୍ରାମରୁ ଛତୁ କିଣୁଛନ୍ତି ଲୋକେ। ଛତୁଚାଷ ଆରମ୍ଭ କରି ଭଲ ରୋଜଗାର ହେବାରୁ ଆଉ ପଛକୁ ଫେରି ନାହାନ୍ତି। ବାର୍ଷିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି,ନିଜେ ଆତ୍ମନିର୍ଭରଶୀଳ ହୋଇ ଅନ୍ୟ ମହିଳା ମାନଙ୍କ ପାଇଁ ପ୍ରେରଣା ମଧ୍ୟ ପାଲଟିଛନ୍ତି।

## ବେଆଇନ ଗଚ୍ଛିତ ଧାନକୁ ଜବତ କଲା ଜିଲ୍ଲା ପ୍ରଶାସନ



ମାଲକାନଗିରି, ୨୦।୨ (ସମିସ):

ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡିର ସୁପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ସହ କଳା ବଜାରୀ ଉପରେ ରୋକ ଲଗାଇବା ପାଇଁ ଅତର୍କିତ ଚଢ଼ଉ ମଧ୍ୟ ଜାରି ରହିଛି। ଏହି କ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଯୋଗାଣ ବିଭାଗ, ପୁଲିସ ଓ ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା କୋରୁକୋଣ୍ଡା ବ୍ଲକର ଏମଭି-୨୯ ଓ ଏମଭି-୩୦ ଗ୍ରାମରେ ଅସାଧୁ ଧାନ ବ୍ୟବସାୟୀଙ୍କୁ ଧରିବା ପାଇଁ ମିଳିତ ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ବ୍ୟାପକ ଧାନ ଜବତ ହୋଇଛି। ତେବେ ଦୁଇଜଣ ଅସାଧୁ ବ୍ୟବସାୟୀଙ୍କ ଘରେ ଧାନ ଗଚ୍ଛିତ ରହିଥିବା ସୂଚନା ପାଇବା ପରେ ଏହି ଚଢ଼ଉ ସମୟରେ ଯରେ ଏମଭି-୨୯ ଗ୍ରାମରୁ ୪୦୦ କ୍ୱିଣ୍ଟାଲ ଓ ଏମଭି-୩୦ ଗ୍ରାମରୁ ୩୫୦ କ୍ୱିଣ୍ଟାଲ ଧାନ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ଜଣାପଡ଼ିଥିଲା। ଗଚ୍ଛିତ ଧାନର କୌଣସି ଉପଯୁକ୍ତ କାଗଜପତ୍ର ନଥିବାରୁ ଏହାକୁ ଜବତ କରାଯିବା ସହ ଗୋଦାମକୁ ସିଲ୍ କରାଯାଇଥିଲା ବୋଲି ଇଉପିଏ ଜିଲ୍ଲାପାଳ ଶ୍ରୀ ଭୋଇ ସୂଚନା ଦେଇଛନ୍ତି। ଏହି ଚଢ଼ଉ ସମୟରେ କୋରୁକୋଣ୍ଡା ଯୋଗାଣ ନିରୀକ୍ଷକ ଓ ମାଲକାନଗିରି ଅତିରିକ୍ତ ଯୋଗାଣ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଛତ୍ରପତି ଶିବାଜୀ ମହାରାଜାଙ୍କ ଜୟନ୍ତୀ ପାଳିତ

ସୁନାବେଡା ,୨୦।୨ (ସମିସ): ଛତ୍ରପତି ଶିବାଜୀ ମହାରାଜାଙ୍କ ୩୯୬ ତମ ଜୟନ୍ତୀ ଦେଶ ପାଳନ କରୁଥିବାବେଳେ କୋରାପୁଟ ଜିଲ୍ଲାର ସୁନାବେଡ଼ା-୩ ସ୍ଥିତ ଶିଶୁ ମନ୍ଦିର ଛକ ଠାରେ




ବୁଧବାର ସନ୍ଧ୍ୟାରେ ସେବକ ଦଳ ତରଫରୁ ଛତ୍ରପତି ଶିବାଜୀ ମହାରାଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତ୍ରିଲୋଚନ ବେହେରା , ଶିବାନନ୍ଦ ପାତ୍ର, ଗୋବିନ୍ଦ ପାତ୍ର, ଗୋପବନ୍ଧୁ ମହାରଣା, ମନୋଜ ମହାନ୍ତି, ହେମନ୍ତ ପାତ୍ର, ସାଇମନ ସାଗର, କିରଣ ପାତ୍ର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟି ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ହୋଇଥିଲା। ଏହି ଜୟନ୍ତୀ ଦ୍ୱାରା କିପରି ଭାବେ ଛତ୍ରପତି ଶିବାଜି ମହାରାଜ ମୋଗଲ ମାନଙ୍କ ସହ ଲଢେଇ କରିଥିଲେ ସେ ବିଷୟରେ ଚର୍ଚ୍ଚା ହୋଇଥିଲା। ଲୋକମାନଙ୍କୁ ଭାରତର ଇତିହାସ ବିଷୟରେ ଅବଗତ କରାଯାଇଥିଲା।

### କୋପେନାରେ ଶାନ୍ତି ପାଇଁ ଖୋଲିଲା ବାଟ

# ୪ ପ୍ରସ୍ତାବ ଉପରେ ଦୁଇ ପକ୍ଷ ମଧ୍ୟରେ ସହମତି



ଉମରକୋଟ,୨୦।୨(ସମିସ): ଦୀର୍ଘ ମାସ ଧରି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ଠାରେ ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଆଜି ସମାଧାନ ହେଇଛି। ଆଜି ସଂଧ୍ୟାରେ କୋପେନା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ଉପସ୍ଥିତିରେ ୨ ଗୋଷ୍ଠୀ ମଧ୍ୟରେ ୪ ଦଫା ସମ୍ବଳିତ ପ୍ରସ୍ତାବ ଉପରେ ସମ୍ମତି ପ୍ରକାଶ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେଇଛି। ହୋଇଥିବା ଚୁକ୍ତି ଅନୁସାରେ ସରକାରୀ ଜାଗାରେ ଚର୍ଚ୍ଚ ଗୃହ ରହିବ ନାହିଁ। ଅନ୍ୟତ୍ର ଜମି କ୍ରୟ କରି ସରକାରଙ୍କ ନିୟମ ଅନୁସାରେ ଚର୍ଚ୍ଚ ଗୃହ ନିର୍ମାଣ କରିବେ। ଗ୍ରାମର ସ୍ୱତନ୍ତ୍ର ମଶାଣିରେ ଖ୍ରୀଷ୍ଟଧର୍ମ ବିଶ୍ୱାସୀଙ୍କୁ ଶବ ସତ୍କାର କରିବାକୁ ଦିଆଯିବ ନାହିଁ। ଯଦି ଖ୍ରୀଷ୍ଟ ଧର୍ମ ବିଶ୍ୱାସୀ ମୃତ୍ୟୁବରଣ କରନ୍ତି, ଯେ ପର୍ଯ୍ୟନ୍ତ ଶ୍ମଶାନ ପାଇଁ ନୂତନ ଜାଗା କ୍ରୟ କରିନାହାନ୍ତି, ସେ ପର୍ଯ୍ୟନ୍ତ ନିଜ ନିଜ ରୟତି ଜମିରେ ଧାର୍ମିକ ଚିହ୍ନ ନ ଲଗାଇ ଶବ ସତ୍କାର କରିବେ। ହିନ୍ଦୁ ଲୋକଙ୍କୁ ଧର୍ମାନ୍ତକରଣ କରିବେ ନାହିଁ । କେବଳ ସରକାରୀ ନିୟମ ଅନୁସାରେ ଓଡ଼ିଶା ଫ୍ରିଡମ ଅଫ୍ ରେଲିଜିୟନ ଧାରା ୧୯୮୯ ଅନୁସାରେ ଧର୍ମ ପରିବର୍ତ୍ତନ କରି ପାରିବେ। ଯଦି କେହି ବି ବେଆଇନ ଭାବେ ଧର୍ମ ପରିବର୍ତ୍ତନ ପାଇ କାର୍ଯ୍ୟ କରେ ତାକୁ ଆଇନ ଅନୁସାରେ ଦଣ୍ଡିତ କରାଯିବ। ଉଭୟ ପକ୍ଷ ଗ୍ରାମରେ ଶାନ୍ତି, ସଦ୍‌ଭାବନା, ପ୍ରେମ ଓ ଭାଇଚାରା ସାମ୍ପ୍ରଦାୟିକ ଏକତା ବଜାୟ ରଖିବା ପାଇଁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ସମ୍ମତି ପ୍ରକାଶ ପାଇଲା। ଏହି ସଭାରେ ନବରଙ୍ଗପୁର ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଉମରକୋଟ ବିଡିଓ ମନୋଜ କୁମାର ମେହେର, କୋପେନା ସରପଞ୍ଚ ପର୍ସୁ ଗଣ୍ଡ, ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଉମରକୋଟ ଆଇଆଇସି ବିପିନ କୁମାର ବାଗ, ଉମରକୋଟ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନ କୁମାର ପଟ୍ଟନାୟକ, କାମିନୀ ରାଜସ୍ୱ ନୀରିକ୍ଷକ ପୁରୁଷୋତ୍ତମ କଳଥିଆ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା କଡ଼ରୁ ନବଜାତ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର

ରାୟଗଡ଼ା,୨୦।୨(ସମିସ): ରାୟଗଡ଼ା ସହରରେ ପୁଣି ଦେଖିବାକୁ ମିଳିଛି ଏକ ହୃଦୟ ବିଦାରକ ଦୃଶ୍ୟ। ସହରର ଗୋଦାବରୀଶ ନଗର ତଥା ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଛ ପାଶ୍ୱର୍ ମୁଖ୍ୟ ରାସ୍ତାରେ ଆଜି ସକାଳୁ ଏକ ନବଜାତ ଶିଶୁର ମୃତଦେହ ରାସ୍ତାକଡ଼ ଅଳିଆ ଗଦାରେ ପଡ଼ିଥିବା ଦେଖିବାକୁ ମିଳିଛି। ଶିଶୁ ଜନ୍ମ ହେବା ପରେ କେହି ନବଜାତ ମୃତଶିଶୁକୁ ସେଠାରେ ଫୋପାଡି ଦେଇ ଚାଲିଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ମୃତଦେହକୁ କୁକୁରମାନେ ଝୁଣି ଖାଇଦେବା ଆଶଙ୍କା କରି ପୁଲିସ ନ ଆସିବା ପର୍ଯ୍ୟନ୍ତ ସାହି ବାସିନ୍ଦା ଜଗି ରହିଥିଲେ। ଘଟଣାସ୍ଥଳରେ ରାୟଗଡ଼ା ଟାଉନ ଥାନା ପୁଲିସ ପହଞ୍ଚି ମୃତ ଶିଶୁପୁତ୍ରକୁ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ କରୁଛି। କିଏ ଓ କାହିଁକି ଏଭଳି କରିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି।

## ନୂତନ ୧୦୮ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ

ଏମ୍ ଭି ୭୯,୨୦।୨ (ସମିସ):




ମାଲକାନଗିରି ଜିଲ୍ଲାର ଏମଭି ୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି)ରେ ଆଜି ଅତ୍ୟାଧୁନିକ ସୁବିଧାସମ୍ପନ୍ନ ନୂତନ ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି। ଏହି ନୂତନ ଆମ୍ବୁଲାନ୍ସ ପହଞ୍ଚିବା ସହିତ ଦୂରଗାମୀ ଅଞ୍ଚଳର ଆପତ୍କାଳୀନ ସ୍ୱାସ୍ଥ୍ୟସେବାରେ ନୂଆ ଗତି ଆସିବ ବୋଲି ଆଶା କରାଯାଉଛି। ପୂର୍ବରୁ ଏହି କେନ୍ଦ୍ରରେ ଚାଲୁଥିବା ଆମ୍ବୁଲାନ୍ସଟି ଦୀର୍ଘଦିନ ଧରି ପୁରୁଣା ଓ ବିକଳ ଅବସ୍ଥାରେ ଥିବାରୁ ଆପତ୍କାଳୀନ ରୋଗୀଙ୍କୁ ସମୟମତେ ହସ୍ପିଟାଲରେ ପହଞ୍ଚାଇବାରେ ବାଧା ସୃଷ୍ଟି ହେଉଥିଲା। ଏବେ ନୂତନ ଆମ୍ବୁଲାନ୍ସର ଆଗମନ ସହିତ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ପୂଜାର୍ଚ୍ଚନା ପରେ ଏହାକୁ ରୋଗୀ ସେବା ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ଏହି ନୂତନ ୧୦୮ ଆମ୍ବୁଲାନ୍ସରେ ଇମରଜେନ୍ସି ମେଡିକାଲ ଟେକ୍ନିସିଆନ (ଇଏମଟି) ଭାବେ ଇନ୍ଦ୍ରଜିତ ସରକାର ଓ ଅମରେଶ ମଣ୍ଡଳ, ପାଇଲଟ୍ ଭାବେ କାନାଇ ବାଗ୍ଚାଲ ଓ ରାହୁଲ ବାଛାର, ଏବଂ ହେଲ୍ପର ଭାବେ ଅଶ୍ୱିନୀ ବାଗ୍ଚାଲ ଓ ତୁସାର ସରଦାର କାର୍ଯ୍ୟରତ ରହିବେ। ସମସ୍ତେ ଦୀର୍ଘବର୍ଷର ଅଭିଜ୍ଞତା ସହିତ ଆମ୍ବୁଲାନ୍ସ ସେବାରେ ଜଡିତ ରହିଛନ୍ତି ଏବଂ ଅଞ୍ଚଳରେ ନିରନ୍ତର ଆପତ୍କାଳୀନ ସେବା ପ୍ରଦାନ କରିବାରେ ପ୍ରତିବଦ୍ଧ। ଏମଭି ୭୯ ପିଏଚସିର ଚିକିତ୍ସକ ଡାକ୍ତର ପ୍ରସନଜିତ ରାୟ କହିଛନ୍ତି, ନୂତନ ଆମ୍ବୁଲାନ୍ସର ଯୋଗଦାନ ସହିତ ଆପତ୍କାଳୀନ ସ୍ୱାସ୍ଥ୍ୟସେବା ଅଧିକ ଦୃଢ ଓ କାର୍ଯ୍ୟକ୍ଷମ ହେବ। ଦୂରଦୂରାନ୍ତ ଅଞ୍ଚଳର ରୋଗୀଙ୍କୁ ସମୟମତେ ହସ୍ପିଟାଲରେ ପହଞ୍ଚାଇବାରେ ଏହା ଏକ ବରଦାନ ସାବ୍ୟସ୍ତ ହେବ। ଏହି ନୂତନ ସେବାର ଆରମ୍ଭ ସହିତ ଏମଭି-୭୯ ଓ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ନୂଆ ଉନ୍ନତିର ଆଶା ଜାଗ୍ରତ ହୋଇଛି। ଏହା ସରକାରୀ ସ୍ୱାସ୍ଥ୍ୟ ଯୋଜନାର ଏକ ଉଦାହରଣ ଭାବେ ପରିଗଣିତ ହେବ।

## ବନ ବିଭାଗର ସଚେତନତା ରାଲି

କଲ୍ୟାଣସିଂହପୁର, ୨୦।୨(ସମିସ): ରାୟଗଡ଼ା ବନଖଣ୍ଡ କଲ୍ୟାଣସିଂହପୁର ଓ କାଶୀପୁର ରେଞ୍ଜ ମିଳିତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଞ୍ଜର ସଚ୍ଚିଦାନନ୍ଦ ପରିଡାଙ୍କ ନେତୃତ୍ୱରେ କାଶୀପୁର ଓ କଲ୍ୟାଣସିଂହପୁର ରେଞ୍ଜର ସମସ୍ତ ବନପାଳ, ବନରକ୍ଷୀ, ଅଗ୍ନି ନିରାପକ ଦଳ, ହାତୀ ସୁରକ୍ଷା ଦଳ କର୍ମଚାରୀ ମାନେ ଏକତ୍ରିତ ହୋଇ କାଶିପୁର ରେଞ୍ଜ ଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସେକ୍ସନ ପରିକ୍ରମା କରି ସଚେତନତା ରଥରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ସ୍ଲୋଗାନ ଦେଇ କଲ୍ୟାଣ ସିଂହପୁର ବନାଞ୍ଚଳ କାର୍ଯ୍ୟାଳୟକୁ ଆସିଥିଲେ। ଏଠାରେ ଏକ ସାଧାରଣ ବୈଠକ କରାଯାଇ ଥିଲା। ଗଛ ରୋପଣ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ବୁଡଗୁଡା ବନପାଳ ପ୍ରଦୀପ କୁମାର ଜେନା, କାଶିପୁର ବନପାଳ ଦୀନବନ୍ଧୁ ଶବର, ଶୁଙ୍ଗେର ବନପାଳ ବଳରାମ କାଡ୍ରାକା, ମାଣ୍ଡିବିଶି ବନପାଳ ସୁରେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଉତ୍କଳ ସମ୍ମିଳନୀର ପ୍ରସ୍ତୁତି ବୈଠକ




ମାଲକାନଗିରି, ୨୦।୨(ସମିସ):

ଆସନ୍ତା ୨୫ ତାରିଖରେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଏବଂ ଅନ୍ୟାନ୍ୟ ସଦସ୍ୟଙ୍କ ମାଲକାନଗିରି ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଥିବା ବେଳେ ଏହାକୁ ନେଇ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖା ସଭାପତି ଦୁଷ୍ମନ୍ତ କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ସଭାପତିଙ୍କ ଗସ୍ତକୁ ନେଇ ବିଭିନ୍ନ ଆଲୋଚନା କରଯାଇଥିଲା। ସୂଚନା ଥାଉକି, ଆସନ୍ତା ୨୫ ତାରିଖରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତିଙ୍କ ସମେତ ୨୦ ଜଣ ସଦସ୍ୟ ଜିଲ୍ଲା ଗସ୍ତରେ ଆସି ରାତ୍ରି ଯାପନ କରିବା ପରେ ୨୬ ତାରିଖ ସକାଳୁ ମହା ପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ ପରେ ସମସ୍ତେ ଓଡିଶାର ଶେଷ ସୀମାରେ ଥିବା ଜିଲ୍ଲାର ମୋଟୁ ତହସିଲ ଅଞ୍ଚଳକୁ ଗସ୍ତ କରି ସେଠାରେ ମୁଗି ପଏଣ୍ଟ ପରିଦର୍ଶନ କରିବା ସହ ସ୍ଥାନୀୟ ବାସିନ୍ଦା, ବିଭିନ୍ନ ଅଧିକାରୀଙ୍କ ସହ ଓଡିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଦିଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାଖା ପକ୍ଷରୁ ସମସ୍ତ ଆୟୋଜନ ନିମନ୍ତେ ଆଜି ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହ ସମସ୍ତ ବିଷୟ ଉପରେ ଆଲୋଚନା କରାଯାଇ ଏହାକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜିଲ୍ଲା ଶାଖାର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଇଉପିଏ ସଭାପତି ଲମ୍ବୋଦର ତୁରୁକ, ସମ୍ପାଦକ ଅଶୋକ ମିଶ୍ର, ରବୀନ୍ଦ୍ର କୁମାର ମହାରଣା, ଉପେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ନୂତନ ଆମ୍ବୁଲାନ୍ସ ଲୋକାର୍ପିତ

କୋରୁକୋଣ୍ଡା,୨୦।୨ (ସମିସ):

ମାଲକାନଗିରି ଜିଲ୍ଲା ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଜି ଏକ ନୂତନ ଆମ୍ବୁଲାନ୍ସ ଗାଡି ଆସିଥିବା ବେଳେ ଏହି ନୂତନ ଆମ୍ବୁଲାନ୍ସ ଲୋକାର୍ପିତ ହୋଇଯାଇଛି। ଏହି ନୂତନ ଆମ୍ବୁଲାନ୍ସ ଟିକୁ ଉଦ୍‌ଘାଟନ କରିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ସୌଭାଗ୍ୟ ରଞ୍ଜନ ହୁଇ। ନଡ଼ିଆ ମାରି ଧୂପ ଏବଂ ଦ୍ୱୀପ ଦେଇ ପୂଜାର୍ଚ୍ଚନା କରି ଗାଡିଟିର ଶୁଭାରମ୍ଭ କରାଯାଇଥିଲା। ସୂଚନା ଥାଉ କି ପୂର୍ବେ ଏହି ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ବିଭାଗ ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ତେବେ ଉକ୍ତ ଆମ୍ବୁଲାନ୍ସ ଟି ପୁରୁଣା ହୋଇଯାଇଥିବାରୁ ବର୍ତ୍ତମାନ ବିଭାଗ ପକ୍ଷରୁ ଏହି ନୂତନ ଆମ୍ବୁଲାନ୍ସଟି ଏମରି ସବୁଜ ସ୍ୱାସ୍ଥ୍ୟସେବା କମ୍ପାନୀ ମାଧ୍ୟମରେ ପ୍ରଦାନ କରିଥିବା ସୂଚନା ମିଳିଛି। ଆଜିର ଏହି ନୂତନ ଆମ୍ବୁଲାନ୍ସ ଉଦଘାଟନ ସମୟରେ ଇନଚାର୍ଜ ଡାକ୍ତର ଶ୍ରୀ ହୁଇଙ୍କ ସମେତ ନର୍ସିଂ ଅଫିସର ରମ୍ୟ ରଞ୍ଜନ ପାଣିଗ୍ରାହୀ, ଫାର୍ମାସିଷ୍ଟ ବିକ୍ରମ ପାତ୍ର, ଆମ୍ବୁଲାନ୍ସ ଚାଳକ ବନୋଜିତ ଗାଏନଙ୍କ ସମେତ ଅନ୍ୟ ଡାକ୍ତର ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ।




### ଗୋ-ମାଂସ ବିକ୍ରି ନେଇ ଉତ୍ତେଜନା

# ଥାନା ଆଗରେ ଧାରଣା ଦେଲେ ଗୋ ସୁରକ୍ଷା ସମିତି ସଦସ୍ୟ

ବିଷମକଟକ/ଦୁର୍ଗୀ,୨୦।୨(ସମିସ): ଗୋ ମାଂସ ବିକ୍ରିକୁ ନେଇ ବିଷମକଟକ ଥାନାରେ ଉତ୍ତେଜନା ଦେଖା ଦେଇଛି। କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ ବିଷମକଟକ ଗୋ ସୁରକ୍ଷା ସମିତି ସଦସ୍ୟ। ସୂଚନା ଅନୁସାରେ ଏହି ଥାନା ଅନ୍ତର୍ଗତ ଦୁର୍ଗୀ ସଦର ପଞ୍ଚାୟତ ଶୁଣ୍ଡି ମଶାଣି ନିକଟରେ ଏକ ଗାଈକୁ କାଟି ଗୋ ମାଂସ ଚାଲାଣ କରାଯାଉଥିବା ବେଳେ ଗୋ ସୁରକ୍ଷା ସମିତି ସଦସ୍ୟ ମାନେ ଏହାକୁ ଜବତ କରିଥିଲେ। ସେହି ଗ୍ରାମର କିଛି ଲୋକ ଗୋଟିଏ ଗାଈ ହତ୍ୟା କରି ତାର ମାଂସକୁ ଗୁଣପୁର, ବିଷମକଟକ, ରାୟଗଡା, ମୁନିଗଡା ଅଞ୍ଚଳକୁ ବିକ୍ରି ପାଇଁ ପଠାଇବା ବେଳେ ଦୁର୍ଗୀ ଗ୍ରାମର କିଛି ଭାରତୀୟ ଜନତା ପାର୍ଟୀ ତଥା ଗୋ ସୁରକ୍ଷା ସମିତି ସଦସ୍ୟ ସେହି ସ୍ଥାନରେ ପହଞ୍ଚି ଗାଈ କାଟୁଥିବା ଲୋକ ମାନଙ୍କୁ କାବୁ କରିବା ସହ ଗାଈ କଟାଳି ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବିଷମ କଟକ ଥାନା ଅଧିକାରୀଙ୍କୁ ଅବଗତ କରିଥିଲେ। ଥାନା ଅଧିକାରୀଙ୍କ ନିକଟରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ଗୋ ସୁରକ୍ଷା ସମିତି ସଦସ୍ୟ ମାନେ ଉତ୍ୟକ୍ତ ହୋଇ କଟାଯାଇଥିବା ଗାଈ ମାଂସକୁ ଏକ ଗାଡି ସାହାର୍ଯ୍ୟରେ ବିଷମ କଟକ ଥାନାକୁ ଆଣି ଥାନା ସମ୍ମୁଖରେ ରଖି ଧାରଣାରେ ବସିଥିଲେ। ଯେ ପର୍ଯ୍ୟନ୍ତ ଗୋ ହତ୍ୟା କରିଥିବା ଲୋକ ମାନଙ୍କୁ ପୁଲିସ୍ ଗିରଫ କରିବ ନାହିଁ, ସେ ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ସେମାନେ ଅଡି ବସିଥିଲେ। ଦୁର୍ଗୀ ଗ୍ରାମର



ଦୁଇ ଜଣଙ୍କ ବିରୋଧରେ ବିଷମ କଟକ ଜିବେ ନୃଷ୍ଟୁରତା ସମିତି ସଭାପତି ସୁବୋଧ ପ୍ରଧାନ ବିଷମ କଟକ ଥାନାରେ ଏତଲା ଦେଇଛନ୍ତି। ଧାରଣାରେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରିୟ ମାର୍ଗଦଶକ ମଣ୍ଡିଳିର ଉପାଧ୍ୟକ୍ଷ ସ୍ୱାମୀ ନିର୍ବାଣ ନନ୍ଦ ଗିରି , ମଳୟ ଦଳେଇ, ସୁରେଶ ବେହେରା,ଚନ୍ଦନ ପଣ୍ଡା,ରିତେଶ ମହାନ୍ତି , ଦୁର୍ଗୀ ବିଜେପି ମଣ୍ଡଳ ସଭାପତି ଜଗନ୍ନାଥ ପାଢି, ଶୁଭମ୍ ପାଢି ପ୍ରମୁଖ ଅଛନ୍ତି। ଖବର ଲେଖା ପର୍ଯ୍ୟନ୍ତି କୌଣସି ସମାଧାନ ହୋଇନାହିଁ କି ଗୋ ହତ୍ୟକାରୀ ମାନଙ୍କୁ ପୋଲିସ ଗିରଫ କରିନାହିଁ। ବିଷମ କଟକ ପଶୁ ଡାକ୍ତରଖାନାର ଏକ ଟିମ ଥାନାରେ ପହଞ୍ଚି ଗୋ ମାଂସର ନମୂନା ସଂଗ୍ରହ କରିଛନ୍ତି। ଏନେଇ ପୁଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କୋଷାଗୁମଡ଼ା,୨୦।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାର ସରସ୍ୱତୀ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ ପାତ୍ର ଥିବାବେଳେ ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକ, ମୁଖ୍ୟବକ୍ତା ଭାବରେ ଅମିତା ରାୟ କୋଡ଼ିଙ୍ଗା କଲେଜ ପ୍ରିନ୍ସପାଲ, ବିଦ୍ୟାଳୟ ସଭାପତି ଭୁବନେଶ୍ୱର ନାୟକ, ସମ୍ପାଦକ ନିରାକାର ବେହେରାଙ୍କ ସହ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ବ୍ରଜମୋହନ ବିଶ୍ୱାଳ, ରାମଚନ୍ଦ୍ର ମହାନ୍ତି, ଛନ୍ଦାରାଣୀ ପଟ୍ଟନାୟକ, କଳ୍ପନା ପଟ୍ଟନାୟକଙ୍କ ସହ ବିଦ୍ୟାଳୟର ଅନ୍ୟ ଗୁରୁଜୀ, ଗୁରୁମାଙ୍କ ସହ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତ୍ତମ ସଫଳତା ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ମାନପତ୍ର, ମେଡାଲ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜଣେ ଶିଶୁ, ଜଣେ ଶିକ୍ଷକ, ଗୋଟିଏ ବହି ଓ ଗୋଟିଏ କଲମ ବିଶ୍ୱକୁ ବଦଳାଇ ଦେଇପାରେ।
-ମଲାଲା ୟୁସଫଜାଇ

## ଉପରମୁହାଁ ମହଙ୍ଗା

ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ମୁଦ୍ରାସ୍ଫୀତିର ଗତିକୁ ଅନୁଧ୍ୟାନ କରି ଗତ ବୈଠକରେ ରିପୋ ରେଟ ଅପରିବର୍ତ୍ତିତ ରଖିଥିଲେ। କ୍ରମାଗତ ସୁଧହାର ହ୍ରାସର କୋହଳ ନୀତିରୁ ମନେ ହେଉଥିଲା ଦେଶର ବଜାର ବ୍ୟବସ୍ଥା ସୁଧୁରୁଛି ଏବଂ ଖାଉଟିଙ୍କ କ୍ରୟଶକ୍ତି ବଢୁଛି। ତେବେ ଗତ ଡିସେମ୍ବର ଓ ଜାନୁଆରୀ ମାସରେ ମୁଦ୍ରାସ୍ଫୀତି ହାର ଯେପରି ଉପରମୁହାଁ ହେବାରେ ଲାଗିଛି ସେଥିରୁ ମନେ ହେଉଛି ଖାଉଟିଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ। ଅବଶ୍ୟ କେନ୍ଦ୍ର ପରିସଂଖ୍ୟାନ ବିଭାଗ ଦୀର୍ଘଦିନ ଧରି ଅପରିବର୍ତ୍ତିତ ରହିଥିବା ମୁଦ୍ରାସ୍ଫୀତିର ମୂଳ ବର୍ଷ ୨୦୨୪ ରୁ ଆରମ୍ଭ କରିଥିବାରୁ ପ୍ରଦର୍ଶିତ ଚିତ୍ର ନେଇ ସାଧାରଣ ଲୋକଟିଏ ଆକଳନ କରିବା କଷ୍ଟକର ହୋଇପଡ଼ିବ। ଦେଶର ପରିବର୍ତ୍ତିତ ଅର୍ଥନୀତି ଓ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଦ୍ରାସ୍ଫୀତି ସୂଚକାଙ୍କ ନିର୍ଦ୍ଧାରଣ ଧାରାରେ କିଛି ପରିବର୍ତ୍ତନ କରାଯାଇଛି। ଏହି ନୂଆଧାରାରେ ଖାଦ୍ୟ ସାମଗ୍ରୀର ଗୁରୁତ୍ୱ ହ୍ରାସ ପାଇଛି। ଖାଦ୍ୟ ସାମଗ୍ରୀର ବର୍ଦ୍ଧିତ ମୂଲ୍ୟ ସୂଚକାଙ୍କକୁ ପ୍ରଭାବିତ କରୁଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଏହା କରାଯାଇଥିବା ମନେ ହୁଏ।

ଯେକୌଣସି ବ୍ୟକ୍ତିର ଜୀବନଧାରଣ ମାନ ଆକଳନ କଲା ବେଳେ ତାହାର ଖାଦ୍ୟ ସାମଗ୍ରୀକୁ ହିଁ ପ୍ରାଥମିକତା ପ୍ରଦାନ କରାଯାଇଥାଏ। ଆଗ ଖାଇପିଇ ବଞ୍ଚିଲେ ତେଣିକି ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଦେଶର ୮୦ କୋଟି ଲୋକ ସରକାର ଦେଉଥିବା ମାଗଣା ରାସନ୍ ଉପରେ ନିର୍ଭର କରି ଜୀବନ ଅତିବାହିତ କରୁଥିବା ବେଳେ ଖାଦ୍ୟ ସାମଗ୍ରୀକୁ କୌଣସି ପରିସ୍ଥିତିରେ ଗୌଣ ଦୃଷ୍ଟିରେ ବିଚାର କରାଯାଇପାରିବ ନାହିଁ। ସରକାରୀ ରିପୋର୍ଟରୁ ପ୍ରକାଶ ଯେ ଗତ ଡିସେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ହାର ୦.୮୩ ପ୍ରତିଶତ ଥିବା ବେଳେ ତାହା ଜାନୁଆରୀରେ ୧.୮୧ ପ୍ରତିଶତକୁ ବୃଦ୍ଧି ପାଇଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ଏହି ମୁଦ୍ରାସ୍ଫୀତି ୧୦ ମାସର ରେକର୍ଡକୁ ଅତିକ୍ରମ କରିଛି। ଅଥଚ ଖୁଚୁରା ମୁଦ୍ରାସ୍ଫୀତି ହାର ୨.୭୫ ପ୍ରତିଶତରେ ପହଞ୍ଚିଛି। ସରକାର ଏହାର କାରଣ ଯାହା ଦର୍ଶାନ୍ତୁ ନା କାହିଁକି ଶୀତଦିନିଆ ପନିପରିବା ଓ ଫସଲ ଅମଳ ଋତୁ ଅତିକ୍ରମ କରୁଥିବାରୁ ମୂଲ୍ୟବୃଦ୍ଧିର ପ୍ରଭାବ ଅନୁଭୂତ ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ସାମଗ୍ରୀର ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ବର୍ଦ୍ଧିତ ମୂଲ୍ୟରେ ସେସବୁ ଉତ୍ପାଦ ବଜାରକୁ ଛାଡୁଛନ୍ତି ବିଭିନ୍ନ ସଂସ୍ଥା। ସରକାରୀ ବ୍ୟବସ୍ଥାରେ ମୂଲ୍ୟବୃଦ୍ଧି ଜନିତ ସମସ୍ୟା ଉପରେ କୌଣସି କଟକଣା ନାହିଁ। ଉତ୍ପାଦନ ଖର୍ଚ୍ଚ ବଢୁଥିବା ବେଳେ ଏହି ବ୍ୟୟ ଭାର ଉଭୟ କ୍ରେତା ଓ ବିକ୍ରେତା ବହନ କରୁଥିଲେ ମୂଲ୍ୟ ବୃଦ୍ଧି ଏକ ସହଣୀୟ ସ୍ତରରେ ରହିପାରନ୍ତା। ସରକାର ଜିଏସଟି ହାରରେ ସଂସ୍କାର ଆଣି ସାମୟିକ ମୂଲ୍ୟହ୍ରାସର ପ୍ରଚାର ଓ ପ୍ରସାର ମାଧ୍ୟମରେ ଯେଉଁ ଲୋକପ୍ରିୟତା ହାସଲ କରିଥିଲେ ମାସ ତିନିଟାରେ ତାହା ଫସର ଫାଟି ଗଲାଣି। ସେଥିପ୍ରତି କାହାର ନିଘା ନାହିଁ। ଏହାର ଯଥାର୍ଥତା ସଂପର୍କରେ ଉଲ୍ଲେଖ କଲା ବେଳେ ପରିସଂଖ୍ୟାନର ଆବଶ୍ୟକତା ଦର୍ଶାଯିବା ଜରୁରୀ। ଗତ ଡିସେମ୍ବରରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ହାର ଶୂନ୍ୟ ରହିଥିବା ବେଳେ ଜାନୁଆରୀରେ ତାହା ୧.୪୧ ପ୍ରତିଶତ ହୋଇଛି।

ପ୍ରତି ପରିବାରରେ ମାସିକିଆ ବଜେଟ ପ୍ରସ୍ତୁତ ହୋଇଥାଏ। ସେହି ବଜେଟରେ ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରାଧାନ୍ୟ ପାଇବା ସ୍ୱାଭାବିକ। ଏ ବାବଦରେ ବଜେଟରେ ବରାଦ ଅର୍ଥଠାରୁ ଅଧିକ ବ୍ୟୟ କରିବାକୁ ପଡୁଥିବାରୁ ଖାଉଟି ବାଧ୍ୟ ହେଉଛି କ୍ରୟ ସଂକୋଚନ କରିବାକୁ। ଠିକେ ଠିକେ ହିସାବ କଲେ ଡାଲିର କିଲୋ ପିଛା ମୂଲ୍ୟ ୩୦ ଟଙ୍କା ଓ ଖାଇବା ତେଲ ଲିଟରପିଛା ମୂଲ୍ୟ ୨୦ ଟଙ୍କା ବୃଦ୍ଧି ପାଇଛି। ଖାଉଟିଙ୍କ ସଚେତନତା ଅଭାବରୁ ଖାଇବା ତେଲ ପ୍ୟାକେଟର ଓଜନ ୮୫୦/ ୯୦୦ ଗ୍ରାମକୁ ହ୍ରାସ କରି ବର୍ଦ୍ଧିତ ମୂଲ୍ୟର ପ୍ରତିଯୋଗିତା କରୁଛନ୍ତି କମ୍ପାନୀ। ଏ ପ୍ରକାର ଠକେଇର କିଛି ଉତ୍ତର ନାହିଁ। ଏମିତି ଦେଖିବାକୁ ଗଲେ ଗହମ ଓ ଡାଲିଜାତ ସାମଗ୍ରୀର ମୂଲ୍ୟ ଏହି ଦୁଇମାସ ମଧ୍ୟରେ ଆକାଶଛୁଆଁ ହେଲାଣି। ବିସ୍କୁଟ, କେକ, ଚକଲେଟ ଓ ନୁଡୁଲ୍ସ ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଛି। ନହେଲେ ପ୍ୟାକେଟର ଆକାର ଛୋଟ କରି ସେହି ପୁରୁଣା ଦାମରେ ଗ୍ରାହକଙ୍କୁ ଠକୁଛନ୍ତି କମ୍ପାନୀ। ସତେଯେପରି ମନେ ହେଉଛି ମୂଲ୍ୟବୃଦ୍ଧି ବ୍ୟବସ୍ଥାର ଅପରିହାର୍ଯ୍ୟ ଅଙ୍ଗ ହୋଇପଡ଼ିଛି। ସରକାର କମ୍ପାନୀ ମାଲିକଙ୍କ ସହ ଯୋଗାଯୋଗରେ ଥିବା ବେଳେ ଭୋଟଦାତା-ଖାଉଟିଙ୍କୁ ଭୁଲିଯାଇଛନ୍ତି।

ବିଚିତ୍ର ଆମ ବ୍ୟବସ୍ଥା। ମୁନାଫାଖୋର ବେପାରୀଙ୍କ ସହ ସଂପର୍କ ଚାନ୍ଦା ପାଇଁ। ପୁଣି ସମୟ ଆସିଲେ ମତଦାତାଙ୍କୁ ବିଭିନ୍ନ ଉପାୟରେ ସାମୟିକ ଅନୁଗୃହୀତ କରି ଭୋଟ ଲୁଟି ଚାଲିଛି କ୍ଷମତା। ମିଛ ପ୍ରଚାର ଓ ମିଛ ପ୍ରତିଶ୍ରୁତିରେ ଦେଶ ଚାଲିଛି। ମିଛ ପ୍ରତି ସହନଶୀଳତା ଏଥି ମଧ୍ୟରେ ଆମ ମଧ୍ୟରେ ବୃଦ୍ଧି ପାଇଛି। ମିଛ-ସତର ଭେଦ ଯେ ଆମେ ବୁଝିପାରୁନେ ଏକଥା ନୁହେଁ। ଯେଉଁଠି ପ୍ରତିବାଦର ସ୍ୱରକୁ ବିଭିନ୍ନ ଉପାୟରେ ଚପାଇ ଦିଆଯାଏ ସେଠାରେ ସରକାରୀ ମିଛକୁ ବୁଝିସାରିଥିବା ଲୋକଙ୍କ ଆବଶ୍ୟକତା ଓ ଚାହିଦା ହ୍ରାସ ପାଇବା ସ୍ୱାଭାବିକ। ସମାଜର ଜାଣିବା ଶୁଣିବା ସଚେତନ ଲୋକଟି ସରକାରୀ ମିଛକୁ ହଜମ କରିବା ସକାଶେ ଦାନ୍ତ ଦେଖାଇଦେଇ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେବାକୁ ବାଧ୍ୟ ହେଉଛି। ଯେତେବେଳେ ବ୍ୟବସ୍ଥାଗତ ପରିବର୍ତ୍ତନର ସମ୍ଭାବନା ସୁଦୂର ପରାହତ, ସେତେବେଳେ ମୁହଁ ଖୋଲି କାହାର ଦନ୍ତାଘାତରେ କ୍ଷତାକ୍ତ ହେବାର କୌଣସି ଯଥାର୍ଥତା ନାହିଁ। 'ହରିବୋଲ' ଧ୍ୱନି ଦେଇ ବ୍ୟବସ୍ଥାକୁ ଆଗେଇ ନେଉଥିବା ବୃହତ ବର୍ଗଙ୍କ ସହ ସାମିଲ ହୋଇ ନ ପାରିଲେ ପଛ ଧାଡ଼ିରେ ତଳକୁ ମୁହଁପୋତି ନିରବରେ ସହ୍ୟ କରିବାର ଶକ୍ତି ନିଜ ମଧ୍ୟରେ ସଞ୍ଚୟ କରିବା ନେବା ଉଚିତ। ଏହି ଅବ୍ୟବସ୍ଥିତ ଗଣତନ୍ତ୍ରର କେବେ ଭାଗ୍ୟୋଦୟ ଘଟିବ ତାହା କାହାକୁ ଜଣାନାହିଁ।

ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟ ବ୍ୟବସ୍ଥାରେ ଦେଶର ସାଧାରଣ ବର୍ଗ ହଜିଯାଇଛନ୍ତି। ବାଣିଜ୍ୟ ନିଅଣ୍ଟ ଓ ଋଣ ଭାରରେ ଭାରାକ୍ରାନ୍ତ ସରକାର। ବ୍ୟବସ୍ଥାକୁ କୌଣସି ପ୍ରକାରରେ ଆଗେଇ ନେବା ପାଇଁ ମିଛିମିଛକା ବଜେଟ ବରାଦ, ଯେଉଁଠି ଖର୍ଚ୍ଚ କରିବାର ପ୍ରତିଶ୍ରୁତିବଦ୍ଧତା ନଥିବ। ପୁଣି ଘୂରି ଫେରି ତାହା ସବୁ ଆସିଯିବ ରାଜକୋଷକୁ। ପରିସ୍ଥିତି ଉପରେ ନଜର ରଖିଥିବା ସଚେତନ ନାଗରିକମାନେ ସ୍ଥିର ନିଶ୍ଚିତ ଯେ ଚଳିତ ଆର୍ଥିକ ଋତୁ ନିଶ୍ଚୟ ମହଙ୍ଗା ସାବ୍ୟସ୍ତ ହେବ। ସରାକାରୀ ବ୍ୟବସ୍ଥା ଏହାକୁ ସୁଧାରିବା ଅବସ୍ଥାରେ ନାହିଁ। କିଛି ଲୋକଙ୍କ ଭୋଗ ପାଇଁ ଆମକୁ ଏବେଠାରୁ ତ୍ୟାଗ କରିବା ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିବ। ●

## ସୁସ୍ଥ ଜୀବନ ଓ ଜୀବାଧିକାର

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଡିସେମ୍ବର ୨୦୨୫ ରେ ଦକ୍ଷିଣ ଆମେରିକୀୟ ଦେଶ ପେରୁର ସାଟିପୋ ଓ ନାଉଟା ନାମକ ଦୁଇଟି ପୌରପାଳିକା ଏକ ଅଧ୍ୟାଦେଶ ଜାରି କରିବା ପରେ ଆମାଜନର ଶୁଙ୍କବିହୀନ ବା ଦଂଶନହୀନ ମହୁମାଛିକୁ ଆଇନଗତ ଅଧିକାର ଦିଆଯାଇଛି ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ। କୌଣସି କୀଟକୁ ଆଇନଗତ ଅଧିକାର ମିଳିବା ବିଶ୍ୱରେ ଏହା ପ୍ରଥମ। ସମ୍ପ୍ରତି କୀଟପତଙ୍ଗଗୁଡ଼ିକ ମାନବୀୟ ହସ୍ତକ୍ଷେପ, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ନିଆଁ ଓ ଜଙ୍ଗଲ କ୍ଷୟ ଭଳି ଅନେକ ବିପଦର ସମ୍ମୁଖୀନ ହେଉଥିବାରୁ ଉପରୋକ୍ତ ଆଇନଗତ ଅଧିକାର ଦ୍ୱାରା ଶୁଙ୍କବିହୀନ ମହୁମାଛିଙ୍କ ସୁରକ୍ଷା ଓ ସଂରକ୍ଷଣ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

ଡାଇନୋସୋର୍ ସମୟରୁ ପ୍ରାୟ ୮ କୋଟି ବର୍ଷ ଧରି ଏହି ମହୁମାଛି ବିଶ୍ୱର ଉଷ୍ଣମଣ୍ଡଳୀୟ ଜଙ୍ଗଲର ସନ୍ତୁଳନ ବଜାୟ ରଖିଛନ୍ତି। ଉଦାହରଣ ସ୍ୱରୂପ, ଆମାଜନରେ ସେମାନେ କୋକୋ, କଫି ଓ ଆଭୋକାଡୋ ପରି ଫସଲ ସମେତ ୮୦% ରୁ ଅଧିକ ଉଦ୍ଭିଦର ପରାଗସଙ୍ଗମ ପ୍ରକ୍ରିୟାରେ ସହଯୋଗ କରିଆସୁଛନ୍ତି। ଆଦିବାସୀମାନଙ୍କ ସଂସ୍କୃତି ଓ ଆଧ୍ୟାତ୍ମିକ ବିଶ୍ୱାସ ସହିତ ଶୁଙ୍କବିହୀନ ମହୁମାଛିଙ୍କ ନ୍ୟାୟିକ ଅଧିକାର ଅବିଚ୍ଛେଦ୍ୟ ଭାବରେ ଜଡ଼ିତ। ଏହି ଅଧିକାରଗୁଡ଼ିକ ମଧ୍ୟରେ ସେମାନଙ୍କର ଅସ୍ତିତ୍ୱର ଅଧିକାର, ସୁସ୍ଥ ଜନସଂଖ୍ୟା ବଜାୟ ରଖିବା, ସେମାନଙ୍କର ବାସସ୍ଥାନ ପୁନରୁଦ୍ଧାର କରିବା ଏବଂ ପ୍ରଦୂଷଣମୁକ୍ତ ପରିବେଶରେ ସୁସ୍ଥ ଭାବରେ ବଞ୍ଚିବା ଇତ୍ୟାଦି ଅନ୍ତର୍ଭୁକ୍ତ।

ଆଉ ଏକ ଘଟଣାକ୍ରମେ ଡିସେମ୍ବର ୧, ୨୦୦୫ରେ ତେଲଙ୍ଗାନାର ୟେଙ୍କାଥାଲା ଗାଁର ଏକ ପଥର ଖଣିରେ ଏକ ରକ୍ ଇଗଲ୍ ଆଉଲ୍(ପେଚା) ପରିବାର ବସା ବାନ୍ଧିଥିବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେମାନଙ୍କ ଅଣ୍ଡା ଉଷୁମାଇବା ପ୍ରକ୍ରିୟା ଚାଲିଥିବା ବେଳେ ଖନନ କାର୍ଯ୍ୟ ସାମୟିକ ବନ୍ଦ ରଖାଗଲା। ରାଜ୍ୟ ବନ୍ୟ ଅଧିକାରୀମାନେ ନିର୍ଦ୍ଦେଶ ଦେଲେ ଯେ ପେଚା ଛୁଆ ଜନ୍ମ ହୋଇ ବସା ଛାଡ଼ି ଯିବା ପର୍ଯ୍ୟନ୍ତ ଖଣି ଖନନ କାର୍ଯ୍ୟ ବନ୍ଦ ରହିବ। ଡିସେମ୍ବର ୨୦୨୫ରେ ଘଟିଥିବା ଏହି ଘଟଣା ବନ୍ୟଜୀବଙ୍କ ପ୍ରତି ସହାନୁଭୂତିର ଏକ ବିରଳ ଉଦାହରଣ ଥିଲା।

ସୁସ୍ଥ ଜୀବନର ଅଧିକାର ହେଉଛି ସମସ୍ତ ମାନବ ଅଧିକାର ମଧ୍ୟରୁ ସବୁଠାରୁ ମୌଳିକ। ଏହି ନୀତି ସାରା ବିଶ୍ୱରେ ଆଇନଗତ ବ୍ୟବସ୍ଥା, ସାମ୍ବିଧାନିକ ଢାଞ୍ଚା ଓ ଅନ୍ତର୍ଜାତୀୟ ମାନବ ଅଧିକାର ପରିସରରେ ଗଭୀର ଭାବରେ ନିହିତ ରହିଛି। ସମାନ ଭାବରେ ପ୍ରତ୍ୟେକ ଜୀବଙ୍କର, ଯଥା - ପଶୁ, କୀଟପତଙ୍ଗ, ପକ୍ଷୀ, ଉଦ୍ଭିଦ, ଏପରିକି ଏକ ସୂକ୍ଷ୍ମଜୀବର ମଧ୍ୟ ମଣିଷଙ୍କ ଭଳି ମର୍ଯ୍ୟାଦା ସହିତ ବଞ୍ଚିବାର ଅଧିକାର ଅଛି। ଜୀବନର ଅଧିକାରକୁ ଅନ୍ତର୍ଜାତୀୟ ଚୁକ୍ତି ଓ ଘୋଷଣାପତ୍ରରେ ଏକ ସାର୍ବଜନୀନ ମାନବ ଅଧିକାର ଭାବରେ ସ୍ୱୀକୃତି ଦିଆଯାଇଛି। ମାନବାଧିକାରର ସାର୍ବଜନୀନ ଘୋଷଣାନାମା-୧୯୪୮ର ଧାରା ୩ ରେ କୁହାଯାଇଛି ଯେ - 'ପ୍ରତ୍ୟେକଙ୍କର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି।' ନାଗରିକ ଓ ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିନାମା(ଆଇସିସିପିଆର)-୧୯୬୬ର ଧାରା ୬ ଘୋଷଣା କରେ ଯେ ଜୀବନର ଅଧିକାର ଅନ୍ତର୍ନିହିତ ଏବଂ ଆଇନ ଦ୍ୱାରା ସୁରକ୍ଷିତ ରହିବା ଆବଶ୍ୟକ।

'ୱାଶିଂଟନ ସମ୍ମିଳନୀ' ଭାବରେ ଜଣାଶୁଣା 'ବିପଦପୂର୍ଣ୍ଣଜାତୀୟବନ୍ୟପ୍ରାଣୀଓଉଦ୍ଭିଦରଅନ୍ତର୍ଜାତୀୟ ବାଣିଜ୍ୟ ସମ୍ବନ୍ଧୀୟ ସମ୍ମିଳନୀ(ସିଆଇଟିଇଏସ୍)' ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟର ବିପଦରୁ ବିଲୁପ୍ତପ୍ରାୟ ଉଦ୍ଭିଦ ଓ ପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ଏକ ବହୁପାକ୍ଷୀୟ ଚୁକ୍ତି। ଏହା ୧୯୬୩ରେ 'ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ(ଆଇୟୁସିଏନ୍)'ର ସଦସ୍ୟମାନଙ୍କ ବୈଠକରେ ଗୃହୀତ ଏକ ପ୍ରସ୍ତାବକ୍ରମେ ପ୍ରସ୍ତୁତ କରାଯାଇଥିଲା। ଏହି ସମ୍ମିଳନୀ ୧୯୭୩ରେ ସ୍ୱାକ୍ଷର ପାଇଁ ଖୋଲାଯାଇଥିଲା ଏବଂ ସିଆଇଟିଇଏସ୍ ୧ ଜୁଲାଇ ୧୯୭୫ ରେ କାର୍ଯ୍ୟକାରୀ ହୋଇଥିଲା। ଏହାର ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ବାଣିଜ୍ୟ (ଆମଦାନୀ/ରପ୍ତାନି) ଯେଭଳି ସିଆଇଟିଇଏସ୍ ଅଧୀନରେ ଅନ୍ତର୍ଭୁକ୍ତ ପ୍ରାଣୀ ଓ ଉଦ୍ଭିଦଗୁଡ଼ିକର ବଞ୍ଚିବା ପାଇଁ ବିପଦ ସୃଷ୍ଟି ନ କରେ ତାହା ନିଶ୍ଚିତ କରିବା। ଏହା ଅନୁମତି ଓ ପ୍ରମାଣପତ୍ର ବ୍ୟବସ୍ଥା ମାଧ୍ୟମରେ ହାସଲ କରାଯାଏ। ସିଆଇଟିଇଏସ୍ ୪୦, ୯୦୦ରୁ ଅଧିକ ଜାତୀୟ ଜୀବକୁ ବିଭିନ୍ନ ପରିମାଣର ସୁରକ୍ଷା ପ୍ରଦାନ କରେ।

'କନଭେନସନ ଅନ ବାଇଓଲଜିକାଲ ଡାଇଭରସିଟି(ସିବିଡି) ବା ଜୈବ ବିବିଧତା ସମ୍ବନ୍ଧୀୟ ସମ୍ମିଳନୀ, ଏକ ବହୁପାକ୍ଷିକ ଚୁକ୍ତି, ଯାହା ୧୯୯୨ ମସିହାର ବ୍ରାଜିଲ ର ରିଓ ଡି ଜାନେରିଓଠାରେ ଅନୁଷ୍ଠିତ 'ଧରିତ୍ରୀ ସମ୍ମିଳନୀ'ରେ ଅନୁମୋଦିତ ହୋଇଥିଲା। ଏହି ସମ୍ମିଳନୀର ତିନୋଟି ମୁଖ୍ୟ ଲକ୍ଷ୍ୟ ହେଉଛି: ଜୈବ ବିବିଧତା ସଂରକ୍ଷଣ; ଏହାର ଉପାଦାନଗୁଡ଼ିକର ଯୁକ୍ତିଯୁକ୍ତ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦରୁ ଉପଲବ୍ଧ ହେଉଥିବା ଲାଭର ନ୍ୟାୟସଙ୍ଗତ ଓ ସମାନ ବଣ୍ଟନ। ଏହାର ଉଦ୍ଦେଶ୍ୟ ହେଉଛି ଜୈବ ବିବିଧତାର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଜାତୀୟ ରଣନୀତି ବିକଶିତ କରିବା ସହିତ ଏହାକୁ ପ୍ରାୟତଃ ସ୍ଥାୟୀ ବିକାଶ ସମ୍ବନ୍ଧୀୟ ପ୍ରମୁଖ ଦସ୍ତାବିଜ ଭାବରେ ପରିଗଣିତ କରିବା।

୧୯୭୦ ଦଶକର ମଧ୍ୟଭାଗ ସୁଦ୍ଧା ଭାରତବର୍ଷ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଓ ପ୍ରାକୃତିକ ବାସସ୍ଥାନ କ୍ଷତି ଯୋଗୁଁ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ଭଳି ଅନେକ ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଥିବା ଅନୁଭବ କରିବାକୁ ଲାଗିଲା। ସରକାର ଚିନ୍ତା କଲେ ଯେ ଏହାକୁ ମୁକାବିଲା କରିବା ପାଇଁ କିଛି ଜରୁରୀ ପଦକ୍ଷେପ ନେବା ଆବଶ୍ୟକ। ସେହି ସମୟରେ ପରିବେଶ ସୁରକ୍ଷାକୁ ନିର୍ଦ୍ଦିଷ୍ଟ ଭାବରେ ସମ୍ବୋଧିତ କରୁଥିବା କୌଣସି ସାମ୍ବିଧାନିକ ବ୍ୟବସ୍ଥା ନଥିଲା। ୧୯୭୨ ମସିହାରେ 'ମାନବୀୟ ପରିବେଶ' ବିଷୟବସ୍ତୁ ଉପରେ ସ୍ୱିଡେନର ରାଜଧାନୀ ଷ୍ଟକହୋମଠାରେ ଏକ ବଡ଼ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାରା ବିଶ୍ୱର ଦେଶମାନେ ପରିବେଶଗତ ସମସ୍ୟା ଓ ସେଗୁଡ଼ିକର ସମାଧାନ ବିଷୟରେ ଆଲୋଚନା କରିବା ପାଇଁ ଏକାଠି ହୋଇଥିଲେ। ଭାରତ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲା ଏବଂ ଅନୁଭବ କରିଥିଲା ଯେ ଆମକୁ ମଧ୍ୟ ପରିବେଶ ସୁରକ୍ଷାକୁ ଗମ୍ଭୀରତାର ସହିତ ନେବାକୁ ପଡ଼ିବ।

ଷ୍ଟକହୋମ ସମ୍ମିଳନୀ ପରେ ଭାରତ ମାନବ ଓ ବନ୍ୟଜୀବଙ୍କ ଅଧିକାରକୁ ସୁରକ୍ଷା ଦେବା ଏବଂ ପରିବେଶ ସଂରକ୍ଷଣ ପାଇଁ ଆଇନ ପ୍ରଣୟନ ଭଳି ଅନେକ ପଦକ୍ଷେପ ନେଇଥିଲା। ବନ୍ୟ ଜୀବ (ସୁରକ୍ଷା) ଆଇନ-୧୯୭୨ ହେଉଛି ଉଦ୍ଭିଦ ଓ ପ୍ରାଣୀ ସୁରକ୍ଷା ପାଇଁ ପ୍ରଣୀତ ଭାରତୀୟ ସଂସଦର ଏକ ଆଇନ। ଏହି ଆଇନରେ ବନ୍ୟ ପ୍ରାଣୀ, ପକ୍ଷୀ, ଉଦ୍ଭିଦ ଇତ୍ୟାଦିର ସୁରକ୍ଷା ପାଇଁ ବ୍ୟବସ୍ଥା ରହିଛି। ଏହା ସହିତ ଜଡ଼ିତ କିମ୍ବା ଆନୁଷଙ୍ଗିକ ବିଷୟଗୁଡ଼ିକ ପାଇଁ ମଧ୍ୟ ଧ୍ୟାନ ଦିଆଯାଇଛି। ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ଧାରା ୪୮-ଏ (୪୮ଇ) କୁ ଧାରା ୪୮ ସହିତ ସଂଯୁକ୍ତ କରାଯାଇଥିଲା। ଧାରା ୪୮-ଏ ହେଉଛି ପରିବେଶ ସୁରକ୍ଷା ସହିତ ଜଡ଼ିତ ରାଷ୍ଟ୍ରନୀତିର ଏକ ନିର୍ଦ୍ଦେଶାତ୍ମକ ନୀତି। ଏହି ଧାରାରେ କୁହାଯାଇଛି ଯେ 'ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଦେଶର ଜଙ୍ଗଲ ଓ ବନ୍ୟଜୀବଙ୍କୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରାଯିବ।' ଏହା ରାଜ୍ୟକୁ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଏ। ଭାରତୀୟ ସମ୍ବିଧାନର ଧାରା ୨୧ ରେ ପ୍ରଦୂଷଣମୁକ୍ତ ଜଳ ଓ ବାୟୁ ଉପଭୋଗ କରିବାର ଅଧିକାର ଅନ୍ତର୍ଭୁକ୍ତ। ଏହି ବ୍ୟାଖ୍ୟା ପରିବେଶ ସୁରକ୍ଷାକୁ ମାନବ ଅଧିକାର ସହିତ ଯୋଡ଼ିବା ପାଇଁ ପଥ ପ୍ରଶସ୍ତ କରେ। ଦ୍ରୁତ ଶିଳ୍ପାୟନ, ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ କ୍ରମଶଃ ସୁସ୍ଥ ପରିବେଶର ଅଧିକାରକୁ ବିପଦରେ ପକାଇଥାଏ।

ଭାରତ ୧୯୮୦ ମସିହାରେ ଜଙ୍ଗଲ (ସଂରକ୍ଷଣ) ଆଇନ ପ୍ରଣୟନ କରିଥିଲା। ୪ ଅଗଷ୍ଟ ୨୦୨୪ ରେ ଭାରତର ଗେଜେଟରେ ପ୍ରକାଶିତ ବିଷୟ ଅନୁସାରେ ଏହାକୁ ସଂଶୋଧନ କରାଯାଇଥିଲା - 'ବନ (ସଂରକ୍ଷଣ) ସଂଶୋଧନ ଆଇନ, ୨୦୨୩'। ପ୍ୟାରିସ୍ ଜଳବାୟୁ ସମ୍ମିଳନୀ-୨୦୧୫ରେ ଭାରତର ପ୍ରତିଶ୍ରୁତିବଦ୍ଧତା ପୂରଣ କରିବା ପାଇଁ ଏହି ସଂଶୋଧନ ଏକ ପୂର୍ବ ଆବଶ୍ୟକତା ଥିଲା। ଭାରତର ଜାତୀୟତା ନିର୍ଦ୍ଦିଷ୍ଟ ଅବଦାନ ଲକ୍ଷ୍ୟ ଥିଲା ୨୦୩୦ ସୁଦ୍ଧା ଅତିରିକ୍ତ ୨.୫ ରୁ ୩.୦ ବିଲିୟନ ଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ କାର୍ବନ ସିଙ୍କ୍ ବା ଅଙ୍ଗାର କୁଣ୍ଡ ସୃଷ୍ଟି କରିବା। ପୁଣି ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନର ଜାତୀୟ ଲକ୍ଷ୍ୟ ହାସଲ କରିବା ଏବଂ ପରିବେଶଗତ ସନ୍ତୁଳିତ ସ୍ଥାୟୀ ବିକାଶ ମାଧ୍ୟମରେ ଜଙ୍ଗଲ କାର୍ବନ ଷ୍ଟକ୍ ବଜାୟ ରଖିବା କିମ୍ବା ବୃଦ୍ଧି କରିବା ପାଇଁ ଜଙ୍ଗଲର ଗୁରୁତ୍ୱକୁ ସାକାର କରିବାକୁ ପଡ଼ିବ। ଭାରତରେ ଜଙ୍ଗଲ ଏବଂ ସେଗୁଡ଼ିକର ଜୈବବିବିଧତା ସଂରକ୍ଷଣ କରିବାର ଏକ ସମୃଦ୍ଧ ପରମ୍ପରା ରହିଛି। ତେଣୁ ଜଙ୍ଗଲ ସଂରକ୍ଷଣ ପରିଚାଳନା ଓ ପୁନରୁଦ୍ଧାର, ପରିବେଶଗତ ସୁରକ୍ଷା ବଜାୟ ରଖିବା, ଜଙ୍ଗଲର ସାଂସ୍କୃତିକ ଓ ପାରମ୍ପରିକ ମୂଲ୍ୟବୋଧ ବଜାୟ ରଖିବା ଏବଂ ଆର୍ଥିକ ଆବଶ୍ୟକତା ଓ କାର୍ବନ ନିରପେକ୍ଷତାକୁ ସହଜ କରିବା ପାଇଁ ବ୍ୟବସ୍ଥା ଯୋଗାଇବା ଆବଶ୍ୟକ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

## ଓଡ଼ିଆ ଅସ୍ମିତାର ଅନୁସନ୍ଧାନ

ଡ. କିଶୋର ମହାନ୍ତି

ଓଡ଼ିଆ ଅସ୍ମିତା କଥା କେତେଦିନରୁ ଖୋଜା ଚାଲିଲାଣି। ଅଥଚ ଏ ସମ୍ପର୍କରେ କେହି ସ୍ଥିର ସିଦ୍ଧାନ୍ତରେ ଏ ଯାଏଁ ବୋଧହୁଏ ପହଞ୍ଚି ପାରିଲେ ନାହିଁ। ଏବେ ଯା' ପାଟିରୁ ବାହାରୁଛି ପ୍ରଥମେ ଓଡ଼ିଆ ଅସ୍ମିତା କଥା। ରାଜନେତାଙ୍କଠାରୁ ଆରମ୍ଭ କରି ଖଣି ଖାଦନରେ ଶ୍ରମିକ, ଦିନ ମଜୁରିଆ, ଚାଷୀ ଓ ଛାତ୍ର ମହଲରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି ଆମରାଜ୍ୟରେ ଓଡ଼ିଆ ଅସ୍ମିତା। କିଏ ଦୂରରେ ଥାଇ ହେଉ ବା ପ୍ରବାସରେ ଥାଇ ହେଉ ହିନ୍ଦୀ ଅବା ସ୍ଥାନୀୟ ଭାଷାରେ ଭଲ ଭାବରେ କଥାବାର୍ତ୍ତା ହୋଇ ଅନ୍ୟ ଆଗରେ ଚାକୁଳେଇ କହୁଛି ଓଡ଼ିଆ ଅସ୍ମିତା କଥା। ଏବେ କୁଆଡ଼େ ଓଡ଼ିଆ ଅସ୍ମିତା ଆମର ହଜିଯିବାକୁ ବସିଛି। ତା'କୁ ଆଣି ଥାପନା କରିବା ତଥା ପୁନରାୟ ନବକଳେବର ଦେବା ପାଇଁ ଆମ ବୀର ଓଡ଼ିଆ ପୁଅମାନେ ଅଣ୍ଟା ଭିଡ଼ିଲେଣି। ନିଜେ ନିଜକୁ ପ୍ରଶ୍ନ କରୁଛନ୍ତି ଓଡ଼ିଆ ଅସ୍ମିତା କ'ଣ କିଛି ଅଛି?

ଫକୀର ମୋହନ ସେନାପତି, ଗୋପବନ୍ଧୁ, ମଧୁ ବାରିଷ୍ଟର ଏପରିକି ପୁରୁଖା ବିଜ୍ଞ ପଣ୍ଡିତ ସାହିତ୍ୟିକ ଆମ ଓଡ଼ିଶାର ଏଇ ଅସ୍ମିତା ପାଇଁ କେତେ ଯେ ସଂଗ୍ରାମ କରି ନାହାନ୍ତି ସତରେ! ତଥାପି ଓଡ଼ିଆ ଅସ୍ମିତା କେଉଁଠି କେମିତି ହଠାତ୍ ହଜିଗଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେ ସିନା ଆମ ପୂର୍ବପୁରୁଷ, ସଂଗ୍ରାମୀ ନେତାମାନଙ୍କୁ ତାଙ୍କ ଜନ୍ମଦିନରେ ତାଙ୍କ ବେକରେ ଫୁଲମାଳ ପିନ୍ଧାଇ ମହାଆଡ଼ମ୍ବରରେ ଦିବସଟିକୁ ପାଳନ କରୁଛୁ। ହେଲେ ତାଙ୍କ ପ୍ରତିମୂର୍ତ୍ତି ପାଖରେ ଆମେ ଓଡ଼ିଆ ବୋଲି ପରିଚୟ ବାଢ଼ି ପାରୁ ନାହୁଁ। ଜଣାଯାଉଛି ଆମେ ଆମ ଭାଷା, ମାଟି ମା' ପ୍ରତି ମମତା ନାହିଁ। ଏଣୁ ଓଡ଼ିଆ ଅସ୍ମିତା ବଞ୍ଚି ରହିବ କେମିତି? ନିଜକୁ ନିଜେ ଘରେ ସମସ୍ତଙ୍କୁ ପଚାରନ୍ତୁ ତ - ଓଡ଼ିଆ ଅସ୍ମିତା କ'ଣ କହି ପାରିବେ? କିନ୍ତୁ ଗୋଟାଏ ସମୟରେ ଏହି ଓଡ଼ିଆ ଅସ୍ମିତାର ଧୂଆଁ କେମିତି ହଇଚଇ ଓ ଜନମତ ସୃଷ୍ଟି କଲା ତାହା କାହାକୁ ଅଛପା ନାହିଁ? ସଭିଏଁ ଏବେ ବି ସନ୍ଧାନ ଏ ଓଡ଼ିଆ ଅସ୍ମିତାଟା କ'ଣ? ଏ ସମ୍ପର୍କରେ ଥୋକେ ଅଭିଧାନ ଖେଳାଇ ପକାଇଲେ। ଥୋକେ ଇତିହାସ ପୃଷ୍ଠା ଓଲଟାଇଲେ। ଥୋକେ ବିଚାରବିମର୍ଶ କଲେ। ଆଉ ଥୋକେ ସ୍ଲୋଗାନ ଦେଇ ନିଜ ମିଶନକୁ ଟାଣ କରି ସଫଳତା ହାସଲ କଲେ। ତା'ପରେ ସବୁ ଫସର ଫାଟିଗଲା। ଓଡ଼ିଆ ଅସ୍ମିତା ଆସ୍ତେ ଆସ୍ତେ ଲୁଚିବାକୁ ବସିଲାଣି।

ଉତ୍କଳୀୟ ଜାତୀୟ ଜୀବନ ଗଠନରେ ଓଡ଼ିଆ ଅସ୍ମିତାକୁ ବଳିଷ୍ଠ, ସାକାର ଓ ମହିମାନ୍ୱିତ କରିବାରେ ଗୌରୀଶଙ୍କର, ଫକୀରମୋହନ, ପ୍ୟାରୀମୋହନ ଆଚାର୍ଯ୍ୟ, ରାଧାନାଥ, ଗୋବିନ୍ଦଚରଣ, ମଧୁସୂଦନ, ନୀଳମଣି ବିଦ୍ୟାରତ୍ନ, ଗଙ୍ଗାଧର ବିଶ୍ୱନାଥଙ୍କର ପ୍ରଭୃତି ବିଦ୍ୱାନ ବରପୁତ୍ରଗଣଙ୍କ ଯେ କେତେ ଅବଦାନ ଥିଲା ତାହାକୁ କ'ଣ କେହି କେବେ ହେଲେ ଅସ୍ୱୀକାର କରି ପାରିବ? 'ଉତ୍କଳ ସମ୍ମିଳନୀ' ହିଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା କରିବାରେ ଓଡ଼ିଆଙ୍କର ଆଖି ଖୋଲିଦେଲା। ଇତିହାସ କହେ ଏହି ସମ୍ମିଳନୀ ହିଁ ଓଡ଼ିଆଙ୍କୁ ଓଡ଼ିଆର ପ୍ରକୃତ ପରିଚୟ ଦେଇଛି। ଓଡ଼ିଆ ସାହିତ୍ୟରେ ରାଜନୀତିର ପ୍ରତ୍ୟେକ୍ଷ ପ୍ରଭାବ ଅନୁଭୂତ ହୋଇଛି ମଧୁସୂଦନ ଦାସ, ନୀଳକଣ୍ଠ, ଗୋପବନ୍ଧୁ, ଜଗବନ୍ଧୁ ସିଂହ, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ସାହିତ୍ୟିକ କର୍ମୀମାନଙ୍କର ଯୁଗୋପଯୋଗୀ ରଚନାବଳୀ ଦ୍ୱାରା। ଫଳସ୍ୱରୂପ ଜାତୀୟ ଜୀବନରେ ରାଜନୀତି ସହିତ ସଚେତନତାର ବୃଦ୍ଧି ଘଟିଥିଲା। ମାତୃଭାଷାର ଉନ୍ନତି ସାଧନକୁ ମଧ୍ୟ ଜାତୀୟ କବି ଓ ଲେଖକ ବର୍ଗ ଆପଣାର ଲକ୍ଷ୍ୟ ଭାବରେ ଗ୍ରହଣ କରିଥିଲେ। ସେଥିପାଇଁ 'ସତ୍ୟବାଦୀ' ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ ଗୋପବନ୍ଧୁ।

ଆମେ ଏବେ ଓଡ଼ିଆ ଅସ୍ମିତାକୁ ଉଣ୍ଡାଳୁଛେ। ଆଗକୁ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା କରିବାରେ ଆମେ କ'ଣ ଏବେ ଗୋପବନ୍ଧୁ, ମଧୁବାବୁ ଓ ଗୋଦାବରୀଶ ମହାପାତ୍ରଙ୍କ କଥା ହେଜୁଛେ କି? ଆମ ପିଲାମାନେ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ିବେ। ଆମ ବଡ଼ ବଡ଼ ଫଳକମାନଙ୍କରେ ଅଶୁଦ୍ଧ ଓଡ଼ିଆ ଶବ୍ଦ ସହ ବିଚିତ୍ର ଢଙ୍ଗରେ କଦର୍ଯ୍ୟ ଶବ୍ଦରେ ରାସ୍ତାଘାଟରେ ଶୋଭାପାଇବ। ଆମ ଗଣମାଧ୍ୟମ ଶୁଦ୍ଧ ଓଡ଼ିଆ ଭାଷା ଉଚ୍ଚାରଣ କରିବା ତ ଦୂରର କଥା ହିନ୍ଦୀ-ଇଂରାଜୀ ମିଶା ଓଡ଼ିଆ ଶବ୍ଦର ବ୍ୟବହାର ଆମର କେଉଁ ଅସ୍ମିତାର ପରିଚୟ ଦେଇଥାଏ? ଛୁଟି ଦରଖାସ୍ତଟିଏ ଭଲରେ ଲେଖା ହୋଇପାରେନା ସରକାରୀ ଦପ୍ତରରେ। ଓଡ଼ିଆ ଭାଷାର ବ୍ୟବହାର ପାଇଁ ଆମେ ଏତେ ବିମୁଖ କାହିଁକି? ବଡ଼ ବଡ଼ ହୋର୍ଡିଂରେ ଓଡ଼ିଆ ଭାଷା ବ୍ୟତିରକେ ଇଂରାଜୀ ଓ ହିନ୍ଦୀ ଭାଷାର ବହୁଳ ବ୍ୟବହାର କରାଯାଏ। ଏପରି ସ୍ଥଳେ ଆମେ ଅସ୍ମିତା, ଅସ୍ମିତା କହି ଚିତ୍କାର କଲେ କ'ଣ କିଛି ମିଳିପାରେ?

ଆମେ ସବୁକଥାରେ କେବଳ କୁମ୍ଭୀର କାନ୍ଦଣା କରୁ। କିଛିସମୟ ଗଲା ପରେ ଆମର ଖୋଜିବା ଶେଷ ହୁଏ। ପୁଣି ନୂଆ କିଛି ଗୋଟାଏ ହାସଲ କରିବାର ସନ୍ଧାନରେ ଲାଗିପଡୁ। ଖାଲି କଥାରେ କହି ଦେଲେ ହେବ ନି। ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାକୁ ହେଲେ ନିଜ ପରମ୍ପରା, ସଂସ୍କୃତି ଓ ଭାଷା ସାହିତ୍ୟର ଜାତୀୟବୋଧ ଭାବକୁ ପ୍ରତିଷ୍ଠା କରିବାକୁ ହେବ। ତେବେ ଯାଇ 'ଓଡ଼ିଆ ଅସ୍ମିତା' ରହିଛି ବୋଲି କହିବାକୁ ହେବ। ବିଶ୍ୱ ଦରବାରରେ ନିଜର ପରିଚୟ ବାଢ଼ିବାକୁ ହେବ। ●

କଟକ, ମୋ: ୯୪୩୭୭୨୮୪୭୫

## ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ


ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହି ବର୍ଣ୍ଣନା ମୁତାବକ ଉକ୍କଳ ଦେଶକୁ (ଉତ୍କଳ) ଭାରତର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ଥିବା କୁହାଯାଇପାରିବ ନାହିଁ। କିନ୍ତୁ ବୁଦ୍ଧଙ୍କ ଆବିର୍ଭାବ (ଖ୍ରୀ. ପୂ ଷଷ୍ଠ ଶତାବ୍ଦୀ) ବର୍ଷକୁ ହୁଏନସାଂଙ୍କର ଭାରତ ଭ୍ରମଣରେ ଆସିବା (ଖ୍ରୀଷ୍ଟିୟ ସପ୍ତମ ଶତାବ୍ଦୀ) ହେଉଛି ଅତ୍ୟନ୍ତ ଲମ୍ବା ଅବଧିର ଫରକ। ଏଣୁ ଏତେକାଳ ଅନ୍ତରରେ କୌଣସି ସ୍ଥାନର ଅବସ୍ଥିତିକୁ ସଠିକ୍ ଭାବେ ସ୍ଥାନିତ କରିବା ଅଯୌକ୍ତିକ ତଥା ପ୍ରାୟ ଅସମ୍ଭବ। ଏଣୁ ଚୀନ ପରିବ୍ରାଜକଙ୍କର ଏହି ତଥ୍ୟକୁ ଆମେ ସଂପୂର୍ଣ୍ଣ ଠିକ୍ ବୋଲି ଧରି ନେଇପାରିବା ନାହିଁ। ଅଧିକନ୍ତୁ 'ଲଳିତବିସ୍ତର' ଗ୍ରନ୍ଥର ଦର୍ଶିତ ତଥ୍ୟ ମଧ୍ୟ ହୁଏନସାଂଙ୍କ ବର୍ଣ୍ଣନାଠାରୁ ଫରକ ରହୁଛି।

'ଲଳିତବିସ୍ତର'ରେ ତପସ୍ସୁ ଓ ଭଲ୍ଲିକଙ୍କ ନିବାସସ୍ଥଳ 'ସିଲୁକ୍ଷ' ନାମକ ସହର କଥା ଦର୍ଶାଯାଇଛି। ଏହି ସହରକୁ ଗାନ୍ଧାର ରାଜ୍ୟର 'ଶିଳା' ନାମକ ସହର ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ ହୁଏନସାଂ ତପସ୍ସୁ ଓ ଭଲ୍ଲିକ ଦୁଇଭାଇଙ୍କ ନିବାସସ୍ଥଳ ଦୁଇଟି ଭିନ୍ନ ଭିନ୍ନ ସହର ବୋଲି ଦର୍ଶାଇବା ସହ ଏମାନଙ୍କ ଉତ୍ତର-ପଶ୍ଚିମ ଭାଗରେ 'ବଲ୍ଖ'ଠାରୁ ଦୂରରେ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ସେହିଭଳି 'ଲଳିତବିସ୍ତର' ଗ୍ରନ୍ଥର ପ୍ରଣୟନ ବେଳେ ମଧ୍ୟ ଉକ୍କଳ 'ଉତ୍ତରାପଥ'ରେ ଅବସ୍ଥିତ ଏକ ସହର ବା ଅଧିଷ୍ଠାନ(ଯେଉଁଭଳି ବର୍ମୀୟ ପରମ୍ପରାରେ ଉକ୍କଳକୁ ଇରାବତୀ ତ୍ରିକୋଣଭୂମିରେ ଅବସ୍ଥିତ ବୋଲି ଦର୍ଶାଯାଇଛି) ବୋଲି ଦର୍ଶାଯାଇ ଭ୍ରମାତ୍ମକ ଧାରଣ ସୃଷ୍ଟି କରାଯାଇଛି। ତେଣୁ ଏ ପ୍ରସଙ୍ଗରେ ଏକ ସଠିକ୍ ନିଷ୍ପତ୍ତିରେ ପହଞ୍ଚିବା ନିମନ୍ତେ ଆମଙ୍କୁ 'ବିନୟ', 'ନିକାୟ' ଓ 'ଜାତକ' ଭଳି ପାଳି ବୌଦ୍ଧଗ୍ରନ୍ଥକୁ ଯିବାକୁ ହେବ। ସେଥିରେ ତପସ୍ସୁ ଓ

ଓଡ଼ିଶାର ବୌଦ୍ଧ ପରମ୍ପରା



ଭଲ୍ଲିକ ଦୁଇ ବଣିକ ଭ୍ରାତା ଉକ୍କଳ ଜନପଦର ବୋଲି ଦର୍ଶାଯାଇଛି। ଏହି ଉକ୍କଳକୁ ଭାରତର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ଉତ୍କଳ ଅଥବା ବର୍ତ୍ତମାନର ଓଡ଼ିଶା ବୋଲି ଚିହ୍ନିତ କରାଯିବା ହିଁ ଏକମାତ୍ର ପନ୍ଥା।

ପ୍ରାଚୀନ କାଳରେ ମଗଧର ପ୍ରମୁଖ ସହରମାନ ଯେପରିକି ରାଜଗୃହ, ଗୟା ଓ ପାଟଳୀପୁତ୍ର ଇତ୍ୟାଦି ଦକ୍ଷିଣ-ପୂର୍ବ ଭାଗରେ ରହିଥିବା ସହର ଅଥବା ରାଜ୍ୟଗୁଡ଼ିକ ସହ ଯୋଜନାବଦ୍ଧ ଭାବେ ରାସ୍ତା ମାଧ୍ୟମରେ ଖ୍ୟାତିଲାଭ କରିଥିବା ତାମ୍ରଲିପ୍ତ ବନ୍ଦର ସହ ସଂଯୁକ୍ତ ହୋଇଥିଲା। ତାମ୍ରଲିପ୍ତ ଥିଲା ବିଭିନ୍ନ ଦିଗକୁ ସଂଯୁକ୍ତ କରୁଥିବା ରାସ୍ତାସବୁର ମିଳନ ସ୍ଥଳ। ଖ୍ରୀଷ୍ଟପୂର୍ବ ତୃତୀୟଶତାବ୍ଦୀରେ ସିଂହଳର ରାଜା 'ଦେବାନାମ୍ପିୟତିସ୍ସ' ପାଟଳୀପୁତ୍ରର ମୌର୍ଯ୍ୟ ଦରବାରକୁ ଚାରିଗୋଟି ପ୍ରତିନିଧି ମଣ୍ଡଳୀ ପଠାଇଥିଲେ। ସେମାନେ ଉଭୟ ଆସିବା ତଥା ଫେରନ୍ତା ଯାତ୍ରା ନିମନ୍ତେ 'ତାମଲିତ୍ତି' (ତାମ୍ରଲିପ୍ତ) ବନ୍ଦରକୁ ହିଁ ବ୍ୟବହାର କରିଥିଲେ। ପୁନଶ୍ଚ ପବିତ୍ରବୋଧି ବୃକ୍ଷର ଚାରା ଯେତେବେଳେ ସିଂହଳ ପଠାଗଲା, ତାହାକୁ ଗଙ୍ଗା ନଦୀରେ ବୋଇତ ସାହାଯ୍ୟରେ ଗୟାଠାରୁ ତାମଲିତ୍ତି ବନ୍ଦରକୁ ଅଣାଯାଇଥିଲା। ସେଠାରୁ ଜାହାଜରେ ସିଂହଳ ପଠାଯାଇଥିଲା। ଏହିଭଳି ଭାବରେ ପ୍ରାଚୀନ କାଳରୁ ହିଁ ମଗଧ ଓ ଦକ୍ଷିଣ-ପୂର୍ବ ଭାରତ ମଧ୍ୟରେ ଏକ ସଂଗଠିତ ଯୋଗାଯୋଗ ବ୍ୟବସ୍ଥା ସ୍ଥାପିତ ହୋଇଥିଲା। ଏହିଭଳି ଭାବରେ ଉକ୍କଳ ଅଥବା ଉତ୍କଳରୁ ଯାଇଥିବା ତପସ୍ସୁ ଓ ଭଲ୍ଲିକ ଭ୍ରାତାଦ୍ୱୟ ତାମ୍ରଲିପ୍ତ ଓ ସୁମ୍ହ (ଝାଡ଼ଖଣ୍ଡ ଅଞ୍ଚଳ) ହୋଇ ଗୟା ସନ୍ନିକଟ ଉରୁବଳାଠାରେ ପହଞ୍ଚିବା ଗତାନୁଗତିକ ଯୋଗାଯୋଗ ମାର୍ଗ ହିଁ ଥିଲା ଏଥିରେ କୌଣସି ଅବାସ୍ତବ ଘଟଣା ନ ଥିଲା। (ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବକେୟା ପାରିଶ୍ରମିକକୁ କେନ୍ଦ୍ର କରି ଛୁରାମାଡ଼

ବାରିପଦା/ବଡ଼ସାହି, ୨୦।୨(ସମିସ): ବଡ଼ସାହି ଥାନା ଅଧୀନ ସିଂହଟିଆ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ବକେୟା ପାରିଶ୍ରମିକ ମାଗିବାକୁ କେନ୍ଦ୍ର କରି ମାଲିକ ଓ ଟେକ୍ନିସିଆନ ମଧ୍ୟରେ ବଚସା ହୋଇଥିଲା। ତେବେ ମାଲିକଜଣଙ୍କ ଉତକ୍ଷିପ୍ତ ହୋଇ ଟେକ୍ନିସିଆନଙ୍କୁ ଛୁରୀରେ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ବଳଭଦ୍ରପୁର ଗ୍ରାମର ମିଥୁନ ନାଏକ(୩୨)। ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଜଣଙ୍କ ଫେରାର୍ ଥିବା ବେଳେ ବଡ଼ସାହି ଥାନାରେ ତାଙ୍କ ନାମରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ କରୁଛି। ଆକ୍ରମଣକାରୀଜଣଙ୍କ ସିସିକେମେରା ଇନଷ୍ଟଲ କରନ୍ତି। ଆହତ ମିଥୁନ ତାଙ୍କ ପାଖରେ କାମ କରୁଥିବା ବେଳେ ୧୨ହଜାର ଟଙ୍କା ପାରିଶ୍ରମିକ ପାଇବାକୁ ଥିଲା। ଯାହାକୁ ନେଇ ସିଂହଟିଆ ଛକରେ ଗଣ୍ଡଗୋଳ ହୋଇଥିଲା।

# ଓୟୋରେ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ

**ପରିବାର ଅଗୋଚରରେ ପ୍ରେମିକା ସହ ହୋଟେଲରେ ରହିଥିଲେ**

**ପ୍ରେମିକା ବିରୋଧରେ ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକ**



ଭୁବନେଶ୍ୱର, ୨୦।୨(ସମିସ): ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରେ ଜଣେ ଇଞ୍ଜିନିୟରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳର ବୁବୁନା ପ୍ରଧାନ (୨୮)। ପ୍ରେମିକା ବର୍ଷାଙ୍କ ସହ ସେ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଏକ ଓୟୋ ହୋଟେଲରେ ରହିଥିଲେ। ସେଠାରେ ତାଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ବର୍ଷାଙ୍କ କହିବା ଅନୁଯାୟୀ ବାବୁନା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ କେଉଁ କାରଣରୁ ବାବୁନାଙ୍କ ମୃତ୍ୟୁ ଘଟିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ, ବାବୁନାଙ୍କ ପରିବାରଲୋକ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ ଶବକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୁବୁନାଙ୍କ ପରିବାରଲୋକ ପୁରୁଣା ଭୁବନେଶ୍ୱରରେ ଦୀର୍ଘ ବର୍ଷ ହେବ ରହୁଛନ୍ତି। ରଙ୍ଗ କାମ କରି ବାପା ମାଟିଆ ପରିବାର ଚଳାଉଛନ୍ତି। ବୁବୁନା ଭୁବନେଶ୍ୱରର ଏକ ଘରୋଇ କଲେଜରେ ୬ବର୍ଷ ତଳେ ମେକାନିକାଲ ଇଞ୍ଜିନିୟରିଂରେ ବିଟେକ୍ ଶେଷ କରିଥିଲେ। ପରେ ସେ ସଫ୍ଟୱେୟାର କୋର୍ସ ମଧ୍ୟ କରି ଚାକିରି କରୁଥିଲେ। ତେବେ ୨ ମାସ ହେଲା ଚାକିରି କରିବାକୁ ବେଙ୍ଗାଲୁରୁ ଯାଇଥିଲେ। ପରିବାରଲୋକଙ୍କୁ ନ ଜଣାଇ ବାବୁନା ବେଙ୍ଗାଲୁରୁରୁ ଆସିଥିଲେ। ସେ ଓ ପ୍ରେମିକା ବର୍ଷା ଗତକାଲି ଗୁରୁବାର ପୋଖରୀପୁଟର ଡିଏଭି ପବ୍ଲିକ ସ୍କୁଲ ନିକଟରେ ଓୟୋ ହୋଟେଲରେ ରୁମ ନେଇ ରହିଥିଲେ। ରାତି ପ୍ରାୟ ୩ଟା ବେଳେ ବାବୁନାଙ୍କ ପରିବାରଲୋକଙ୍କୁ ଫୋନ୍ କରିଥିଲେ ବର୍ଷା। ବୁବୁନା ବେକରେ କପଡ଼ା ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି ବୋଲି ଜଣାଇଥିଲେ।

ବୁବୁନାଙ୍କ ମାଆ ଲଳିତା ପ୍ରଧାନ କହିଛନ୍ତି, ବର୍ଷା ମୋ ପୁଅକୁ ଛାଡ଼ି ବ୍ୟାଙ୍କରେ କାମ କରୁଥିବା ଅନ୍ୟ ଜଣଙ୍କୁ ଭଲ ପାଉଛି। ମୋ ପୁଅକୁ ରାତିରେ ଡାକିଥିଲା। ତାକୁ ସେମାନେ ମିଳିମିଶି ହତ୍ୟା କରିଛନ୍ତି। ବେଙ୍ଗାଲୁରୁରୁ ମୋ ପୁଅକୁ ଡକାଇ ଆଣି ମାରିଛନ୍ତି। ମୋ ପୁଅକୁ ବର୍ଷା ସହ ବାହା କରିବାକୁ ମୁଁ ରାଜି ଥିଲି। କିନ୍ତୁ ବର୍ଷା ମୋ' ପୁଅ ସହ ପ୍ରତାରଣା କରିଥିଲା। ବର୍ଷା ସହ ତା' ପ୍ରେମିକ ଓ ଅନ୍ୟମାନେ ମଧ୍ୟ ଥିଲେ। ଏହି ମାମଲାରେ ବର୍ଷା ଓ ତାଙ୍କ ସହ ଥିବା ଅନ୍ୟମାନଙ୍କୁ ଗିରଫ କରାଯାଉ ବୋଲି ସେ କହିଛନ୍ତି।

ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ହୋଟେଲ ରେଜିଷ୍ଟର ଆଦି ଯାଞ୍ଚ କରି ଅଧିକ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଏୟାରପୋର୍ଟ ଥାନାଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ବୁବୁନାଙ୍କ ପରିବାର ସହ ପ୍ରେମିକା ପ୍ରାୟ ୪ ବର୍ଷ ଧରି ଯୋଗାଯୋଗରେ ଥିଲେ। ପ୍ରେମିକା ଓ ପରିବାର ଲୋକମାନେ ବୁବୁନାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନେବା ପରେ ଆମେ ଖବର ପାଇଥିଲୁ। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକାଶ ସ୍ୱପ୍ନ...

ନୂତନ ଭାବେ ପ୍ରଣୟନ କରିଥିବା ଭିବି ଜି-ରାମ-ଜି ଯୋଜନା ପାଇଁ ଓଡ଼ିଶା ସରକାର ନିଜ ବଜେଟ୍‌ରେ ବ୍ୟୟ ବରାଦ କରିଛନ୍ତି। ଏହି ଯୋଜନା ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ରେ ୫ ହଜାର ୫୭୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ମନରେଗାର ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଲାଗି ୧୫୦୦ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ରାଜ୍ୟର ୪ ଟି ଜିଲ୍ଲା କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି। ପୁନଶ୍ଚ ପାରାଦୀପ ଓ ବଲାଙ୍ଗିରରେ ନୂତନ ସରକାରୀ ଇଂଜିନିୟରିଂ କଲେଜ ପାଇଁ ମଧ୍ୟ ଯୋଜନା କରାଯାଇଛି। ଶିକ୍ଷା ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶାକୁ ସୁନିଶ୍ଚିତ କରିବା ପାଇଁ ୨୩ ହଜାର ୧୮୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଅର୍ଥ ସହ ଚଳିତ ବଜେଟ୍ ୧ ହଜାର ଉନ୍ନତ ଆଇସିୟୁ ଓ ୫୦୦ ଏଚ୍‌ଡିୟୁ ଶଯ୍ୟା ସ୍ଥାପନ ପାଇଁ ଯୋଜନା ରହିଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଯୋଜନା ପାଇଁ ୪୨୭୯ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ବଜେଟରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜ୍ୟର ୬ ଲକ୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପେନସନ ସ୍କିମ୍‌ରେ ଯୋଡ଼ିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଫଳରେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପାଇବାକୁ ହେଲେ ପୂର୍ବ ହିତାଧିକାରୀଙ୍କ ମୃତ୍ୟୁ ଦ୍ୱାରା ଖାଲିସ୍ଥାନ ସୃଷ୍ଟି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ରାଜପଥ ସହିତ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେତୁ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ରାଜ୍ୟର ପ୍ରମୁଖ ସେତୁ ନିର୍ମାଣ, ସୁଗମ ଯାତାୟତ ପାଇଁ ସଡ଼କ ବିକାଶ ଆଦି ପାଇଁ ୭ ହଜାର ୫୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି କ୍ରମରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତା ଉନ୍ନତି, କାଠଯୋଡ଼ି ଉପରେ ଦ୍ୱିତୀୟ ସେତୁ, କେନ୍ଦୁଝର ବାଇପାସ୍ ରୋଡ୍, ଜାତୀୟ ରାଜପଥ-୫୩ ଏମ୍‌ସିଏଲ୍ ଛକରୁ ବୈଜମୁଣ୍ଡା ଛକ ପର୍ଯ୍ୟନ୍ତ ବୁର୍ଲା ରିଙ୍ଗ ରୋଡ୍ ନିର୍ମାଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ ନେଇ ନିଷ୍ପତ୍ତି ହୋଇଛି।

### ରୋଷେଇ ଘର...

ଋଣ ବୋଝକୁ ବହୁ ପରିମାଣରେ ହ୍ରାସ କରିଥିଲୁ। ଆର୍ଥିକ ପରିଚାଳନାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଥିଲା। ମାତ୍ର ବିଜେପି ସରକାର ଖୁବ୍ ଶୀଘ୍ର ଓଡ଼ିଶାକୁ ଏକ ଦେବାଳିଆ ରାଜ୍ୟରେ ପରିଣତ କରିବା ଦିଗରେ ଆଗେଇ ଚାଲିଛନ୍ତି। ରାଜ୍ୟର ଋଣ ଖୁବ୍ ଶୀଘ୍ର ୧,୩୦,୦୦୦ କୋଟି ଟଙ୍କା ଛୁଇଁବାକୁ ଯାଉଛି। ଏହା ଓଡ଼ିଶା ଉପରେ ଆର୍ଥିକ ଚାପ ପକାଇବ, ରାଜ୍ୟର ବିକାଶ ଗତି ଏବଂ ଲୋକଙ୍କ କଲ୍ୟାଣକୁ ପଥଭ୍ରଷ୍ଟ କରିବ। ଓଡିଶାର ଲୋକମାନେ ଆଶା କରିଥିଲେ ଯେ ଡବଲ୍ ଇଞ୍ଜିନ୍ କେନ୍ଦ୍ରରୁ ଦ୍ୱିଗୁଣିତ ଅନୁଦାନ ଓ ସହାୟତା ରାଶି ଆଣିବ। ମାତ୍ର ଦୁର୍ଭାଗ୍ୟ ହେଉଛି ବର୍ଷ ବର୍ଷ ଧରି ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଛି ଓ ଗତ ଦୁଇବର୍ଷରେ ଏହା ଚରମ ସୀମାରେ ପହଞ୍ଚିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଚାଷୀଙ୍କୁ ଉତ୍ସର୍ଗ କରିଛନ୍ତି, କିନ୍ତୁ ବଜେଟ୍ ଚାଷୀଙ୍କ ପ୍ରକୃତ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି। ରାଜ୍ୟର ବିକାଶ ଉପରେ କୌଣସି ଧ୍ୟାନ ନ ଦେଇ ସମସ୍ତ ବଡ଼ ପ୍ରତିଶ୍ରୁତି ଦିଆଯାଇଛି। ଶୂନ୍ୟ ରୋଷେଇଘର କିନ୍ତୁ ଖାଦ୍ୟ ସୂଚୀ ଲମ୍ବା ବୋଲି ନବୀନ କହିଛନ୍ତି।

### କୃଷି ବ୍ୟୟବରାଦ...

ଆର୍ଥିକ ବର୍ଷରେ ସରକାର ଏହି ବିଭାଗ ପାଇଁ ୧୪୭୦୧.୩୯ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଅର୍ଥାତ୍ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ବିଭାଗର ବରାଦ ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ବଢ଼ିଛି। ରାଜ୍ୟରେ ଚାଷୀଙ୍କ ଧାନ କିଣାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦ ଜାରି ରହିଛି। ସରକାରଙ୍କ ପାଖରେ ଟଙ୍କା ନଥିବାରୁ ଚାଷୀଙ୍କ ଧାନ କିଣାଯାଉନଥିବା ଚର୍ଚ୍ଚା ହେଉଛି। ସେହିପରି ବିଭାଗ ଅଧିନରେ ଚାଷୀ କଲ୍ୟାଣ ପାଇଁ ଅଧିକ ଅର୍ଥର ଆବଶ୍ୟକ ହେଉଥିବା ବେଳେ, ସରକାର ମାତ୍ର ୬୮ ଲକ୍ଷ ଟଙ୍କା ଅଧିକ ପ୍ରଦାନ କରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଚାଷୀ ନେତା।

ଅନ୍ୟପକ୍ଷରେ ଅବକାରୀ ରାଜସ୍ୱ ଉପରେ ସରକାରଙ୍କ ମାତ୍ରାଧିକ ନିର୍ଭରଶୀଳତାକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅବକାରୀ ରାଜସ୍ୱ ବାବଦରେ ୧୦୯୦୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦରେ ୯୭୫୩.୬୩ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଥିଲେ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅବକାରୀ ରାଜସ୍ୱ ବାବଦରେ ସରକାର ଅଧିକ ୧୧୪୬ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିବା, ସରକାରଙ୍କ ମନୋବୃତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ସେହିପରି ନିକୋଟିନ ଯୁକ୍ତ ଗୁଟଖା, ପାନ ମସଲା ବିକ୍ରି ଉପରେ ସରକାର ପ୍ରତିବନ୍ଧକ ଜାରି କରୁଛନ୍ତି। ଏପରିସ୍ଥଳେ ରାଜ୍ୟ ସରକାର ଅଧିକ ୧୧୪୬ କୋଟି ଟଙ୍କା କେଉଁଠୁ ଆଦାୟ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ଯେ ଅଧିକ ମଦ ପିଅନ୍ତୁ, ଏହା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ମଦ ବିରୋଧୀ ଆନ୍ଦୋଳନର ନେତୃବୃନ୍ଦମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରଥମଥର ପାଇଁ ଅବକାରୀ ରାଜସ୍ୱ ଆଦାୟ ଲକ୍ଷ୍ୟ ୧୦ ହଜାର କୋଟି ଟପିଛି।

### ନ୍ୟାୟିକ ଅଧିକାରୀ...

ନିର୍ବାଚନ କମିଶନଙ୍କ ଅଧିକାରୀଙ୍କ ସମେତ ସବୁ ସମ୍ବନ୍ଧିତ ପକ୍ଷର ବୈଠକ ଶନିବାର ଡକାଇବାକୁ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଭୟ ପକ୍ଷ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସରକାର ଏବଂ ଇସିଙ୍କ ମଧ୍ୟରେ ବିଶ୍ୱାସର ଅଭାବ ରହିଛି ବୋଲି ଦର୍ଶାଉଛି। ଏବେ ପ୍ରକ୍ରିୟା ଦାବି ଏବଂ ଅଭିଯୋଗ ସମାଧାନ ସ୍ତରରେ ଅଟକି ରହିଛି। ତେଣୁ ହାଇକୋର୍ଟଙ୍କ ପକ୍ଷରୁ ନିଯୁକ୍ତ ନ୍ୟାୟିକ ଅଧିକାରୀ ଏହାର ସମାଧାନ ଏବଂ ପର୍ଯ୍ୟବେକ୍ଷଣ କରିବେ। ନ୍ୟାୟିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅଦାଲତଙ୍କ ଆଦେଶ ଧରାଯିବ। ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ହେବ। ଏହା ସହିତ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି କରିବା ପାଇଁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଆବଶ୍ୟକ ପଡ଼ିଲେ ଅତିରିକ୍ତ ତାଲିକା ଜାରି କରିବାକୁ ଅଧିକାର ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଗ୍ରେଡ୍-ଏ ଅଧିକାରୀଙ୍କୁ ଏସଆଇଆର ପ୍ରକ୍ରିୟା ଉପଲବ୍ଧ ନ କରାଇବାକୁ ନେଇ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଏଭଳି ସ୍ଥିତି ସୃଷ୍ଟି କରାଯାଉଛି ଯେଉଁଠି ନ୍ୟାୟିକ ଅଧିକାରୀଙ୍କୁ ଦଖଲ ଦେବାକୁ ପଡୁଛି। ରାଜ୍ୟ ସରକାର ସହଯୋଗ କରିବେ ବୋଲି ଆଶା ଥିଲା। ରାଜ୍ୟ ସରକାରଙ୍କ ସହଯୋଗର ସ୍ତର ଏହି ଭଳି କି? ଗତ ୯ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସରକାର ୧୭ ତାରିଖରେ ଜବାବ ଦେଇଥିଲେ। ଅଧିକାରୀଙ୍କ ଯାଞ୍ଚ କରାଯାଉଛି ବୋଲି ସରକାର କହୁଛନ୍ତି। ମାତ୍ର ଏହା କିଭଳି ଯାଞ୍ଚ!୮,୫୦୦ ଅଧିକାରୀଙ୍କୁ ପଠାଯାଇଛି ବୋଲି ସରକାର କହିବାର ଥିଲା। ସୁପ୍ରିମକୋର୍ଟ ମାଇକ୍ରୋ-ଅବଜରଭର ନୁହଁନ୍ତି। ଏହା ଦେଖି ଖରାପ ଲାଗୁଛି। ରାଜ୍ୟ ସହଯୋଗ କରିବ ବୋଲି ଆଶା ଥିଲା। ମାତ୍ର ଆମେ ବ୍ୟକ୍ତିଗତ ବାଖ୍ୟା ଚାହୁଁ ନାହୁଁ ବୋଲି ସିଜେଆଇ କହିଛନ୍ତି। ନ୍ୟାୟିକ ଅଧିକାରୀଙ୍କୁ ସହାୟତା କରିବା ପାଇଁ ମାଇକ୍ରୋ-ଅବଜରଭର ଏବଂ ରାଜ୍ୟ ସରକାରଙ୍କ ଅଧିକାରୀ ମୁତୟନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଏସଆଇଆର ଅଧିକାରୀଙ୍କୁ ଦିଆଯାଇଥିବା ଧମକକୁ ନେଇ କି ପଦକ୍ଷେପ ନିଆଯାଇଛି, ତାହା ଉପରେ ଅତିରିକ୍ତ ସତ୍ୟପାଠ ଦାଖଲ କରିବାକୁ ସୁପ୍ରିମକୋର୍ଟ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପଡ଼ି ରହିଥିବା ମାମଲାର ଶୁଣାଣି ପାଇଁ କୌଣସି ଅସ୍ଥାୟୀ ବ୍ୟବସ୍ଥା କରିବାକୁ ହାଇକୋର୍ଟ ପ୍ରଶାସନଙ୍କୁ କହିଛନ୍ତି। ଏସଆଇଆର କାର୍ଯ୍ୟରେ ମୁତୟନ ନ୍ୟାୟିକ ଅଧିକାରୀଙ୍କୁ ଲଜିଷ୍ଟିକ ସହାୟତା ଏବଂ ସୁରକ୍ଷା ପ୍ରଦାନ କରିବାକୁ ରାଜ୍ୟର ଜିଲ୍ଲାପାଳ ଏବଂ ଏସପିଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### ଟାରିଫ୍ ରଦ୍ଦ...

ମାତ୍ର ଦେଶରେ ଶାନ୍ତି ଥିବାବେଳେ ଟ୍ରମ୍ପ ଏହି ଅଧିକାର ପ୍ରୟୋଗ କରି ଅନ୍ୟ ଦେଶ ଉପରେ ଦାଉ ସାଧିଥିଲେ। ରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତି ବିରୋଧରେ ଅନେକ ବ୍ୟବସାୟୀ ଏବଂ ୧୨ ରାଜ୍ୟ ମାମଲା ଦାଏର କରିଥିଲେ। ପୂର୍ବରୁ ନିମ୍ନ କୋର୍ଟ ମଧ୍ୟ ଟ୍ରମ୍ପଙ୍କ ଟାରିଫକୁ ବେଆଇନ ଦର୍ଶାଇବା ସହ ଶୁଳ୍କ ଲଗାଇବାର ଅଧିକାର ରାଷ୍ଟ୍ରପତିଙ୍କ ପାଖରେ ନ ଥିବା ରାୟ ଦେଇଥିଲେ।

ଏହି ଶୁଳ୍କ ମାମଲାର ବିଚାର କରି ସୁପ୍ରିମକୋର୍ଟଙ୍କ ପୀଠର ୬-୩ ମତରେ ରାୟ ପ୍ରକାଶ ପାଇଛି। ୧୯୭୭ର ଏହି ଆଇନରେ ଅନ୍ୟ ଦେଶ ଉପରେ ଶୁଳ୍କ ଲଗାଇବାକୁ ଅନୁମତି ଦିଆଯାଉ ନାହିଁ ବୋଲି ସୁପ୍ରିମକୋର୍ଟ ଅନୁଧ୍ୟାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ଯଦି କଂଗ୍ରେସ ଆଇଇଇପିଏ ସହିତ ଶୁଳ୍କ ଲାଗୁ କରିବାର ସ୍ୱତନ୍ତ୍ର ଏବଂ ଅସାଧାରଣ କ୍ଷମତା ପ୍ରଦାନ କରିବାକୁ ଚାହୁଁଥିଲା, ତେବେ ଅନ୍ୟାନ୍ୟ ଶୁଳ୍କ ଭଳି ଏଥିପାଇଁ ମଧ୍ୟ ଆଇନ ଅଣାଯାଇପାରିଥାନ୍ତା। ଆମେରିକା ସମ୍ବିଧାନ ଏହି ଶୁଳ୍କ ଲଗାଇବାକୁ ରାଷ୍ଟ୍ରପତିଙ୍କୁ ନୁହେଁ; ବରଂ ୟୁଏସ କଂଗ୍ରେସକୁ ଅଧିକାର ଦେଇଛି। କଂଗ୍ରେସ ହିଁ ଶୁଳ୍କ ଏବଂ ଟିକସ ସମ୍ବନ୍ଧରେ ନିଷ୍ପତ୍ତି ନେଇପାରିବ। ସୁପ୍ରିମକୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି ଏକପାଖିଆ ଭାବେ ଶୁଳ୍କର ପରିସର, ପରିମାଣ ଏବଂ ସମୟସୀମା ଉପରେ ନିଷ୍ପତ୍ତି ନେଉଛନ୍ତି। ଅଧିକାର କ୍ଷେତ୍ର, ଇତିହାସ, ସାମ୍ବିଧାନିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଶୁଳ୍କକୁ କାର୍ଯ୍ୟକାରୀ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ କଂଗ୍ରେସଠାରୁ ଅନୁମତି ନେବାର ଥିଲା। ଶାନ୍ତି ସମୟରେ ରାଷ୍ଟ୍ରପତି ଅଖଣ୍ଡ କ୍ଷମତା ଉପଭୋଗ କରିପାରିବେ ନାହିଁ। ଏହା ସରକାର ମାନୁଛନ୍ତି ଏବଂ ମାନିବା ବି ଉଚିତ। ବିରୋଧ କରାଯାଇଥିବା ଏହି ଶୁଳ୍କକୁ ଯୁଦ୍ଧ ସମୟରେ ମିଳିଥିବା କ୍ଷମତା ଭାବେ ଦେଖାଯାଉ ନାହିଁ।

ସୂଚନାଯୋଗ୍ୟ ଯେ ଟ୍ରମ୍ପ ଭାରତ ଉପରେ ଆଗ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ପରେ ରୁଷ ଠାରୁ ଅଶୋଧିତ ତୈଳ କ୍ରୟକୁ ନେଇ ଦଣ୍ଡ ସ୍ୱରୂପ ଆଉ ୨୫ ଶୁଳ୍କ ଲଗାଇ ଥିଲେ। ମାତ୍ର ଭାରତ ସହ ବାଣିଜ୍ୟ ଚୁକ୍ତି ହେବା ପରେ ଶୁଳ୍କକୁ ହ୍ରାସ କରି ୧୮ ପ୍ରତିଶତ କରି ଦେଇଥିଲେ। ଏବେ ଏହା ରଦ୍ଦ ହୋଇଯାଇଛି। କିନ୍ତୁ ଆମେରିକା ସହ ଭାରତର ହୋଇଥିବା ବାଣିଜ୍ୟ ଚୁକ୍ତିକୁ ନେଇ ବିରୋଧୀଦଳଗୁଡ଼ିକ ବିରୋଧ କରୁଛନ୍ତି। ଭାରତ ସରକାର ଚାପର ବଶବର୍ତ୍ତୀ ହୋଇ ଟ୍ରମ୍ପଙ୍କ ଆଗରେ ନଇଁ ଯାଇଛନ୍ତି ବୋଲି କହୁଛନ୍ତି। ଏହି ଚୁକ୍ତି ଦ୍ୱାରା ଭାରତର କ୍ଷତି ଏବଂ ଆମେରିକାର ଲାଭ ହେବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସବୁ ଶୁଳ୍କ ରଦ୍ଦ ହେବ ନାହିଁ। ଷ୍ଟିଲ ଏବଂ ଆଲୁମିନିୟମ ଉପରେ ଲଗା ଯାଇଥିବା ଶୁଳ୍କ ଅଲଗା ଆଇନ ଅଧୀନରେ ଲାଗୁ କରାଯାଇଥିଲା। ତେଣୁ ଏହା ପୂର୍ବ ଭଳି କାର୍ଯ୍ୟକାରୀ ହେବ। ମାତ୍ର ଅଲଗା ଅଲଗା ଦେଶ ଉପରେ ଟ୍ରମ୍ପ ଲଗାଇ ଥିବା ରେସିପ୍ରୋକାଲ ଟାରିଫ(ଜବାବୀ ଶୁଳ୍କ) ରଦ୍ଦ ହୋଇଯିବ। ସେହିପରି କାନାଡ଼ା, ଚୀନ୍ ଏବଂ ମେକ୍ସିକୋରୁ ଆସୁଥିବା କିଛି ସାମଗ୍ରୀରେ ଟ୍ରମ୍ପ ଲଗାଇଥିବା ୨୫ ପ୍ରତିଶତ ଶୁଳ୍କ ମଧ୍ୟ ହଟିଯିବ।

## ସପିଙ୍ଗ୍ ମଲ୍ ସେଲ୍ସ ଗାର୍ଲଙ୍କ ମୃତ୍ୟୁ; ମ୍ୟାନେଜର ଅଟକ

ବାସୁଦେବପୁର,୨୦।୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ସହରରେ ଏକ ସପିଙ୍ଗ୍ ମଲ୍‌ର ସେଲ୍ସଗାର୍ଲ କାମିନୀ କାଞ୍ଚନ ଧଳଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିବାବେଳେ କାମିନୀଙ୍କ ମୃତ୍ୟୁ ପାଇଁ ମଲ୍‌ର ମ୍ୟାନେଜର ରାହୁଲ ନାୟକ ଦାୟୀ ବୋଲି ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପ୍ରେସ୍ କ୍ଲବ୍ ମାର୍ଗରେ ଥିବା ଉକ୍ତ ସପିଙ୍ଗ୍ ମଲ୍ ମ୍ୟାନେଜରଙ୍କୁ ପୁଲିସ ଅଟକ ରଖିଛି। କାମିନୀଙ୍କ ବାପା ସୁରେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଝିଅକୁ ରାହୁଲ ଗତ ଜାନୁଆରୀ ୩୧ରେ ପିକ୍‌ନିକ୍‌ରେ ବୁଲାଇ ନେଇ ମୃଦୁ ପାନୀୟ କିମ୍ବା ଖାଇବାରେ ସ୍ଲୋ ପଏଜନ୍ ଦେଇଥିଲେ।


**AFFIDAVIT**

I, Domti Abinash Dora, S/o - Alekha Chandra Dora, Resident of Police Camp, Sunabeda, PO / PS - Sunabeda, Dist- Koraput, Pin - 763003, Odisha, declare by this affidavit No. 200, dated - 05/02/2026, that now onwards I shall be known as **D ABINASH DORA** for all future purposes.

**AFFIDAVIT**

I, Neerabati Seth, W/o- Trilochan Seth, resident of Lupursingha, P.O.- Lupursingha, P.S.-Lacchhipur, Dist-Subarnapur, Odisha - 767068, have changed my name from **Nirupama Mallik to Neerabati Seth** vide affidavit before Notary Public Sonepur, Odisha, dated 03.01.2026. Henceforth I shall be known as **Neerabati Seth** for all purposes.

**AFFIDAVIT**

I, **Kamini Prabha Nayak**, formerly known as Kamini Nayak, resident of Gopalpur, P.O. Brahmanigaon, P.S. Binjharpur, Dist- Jajpur, PIN - 755027, do hereby declare that I have changed my name from **"Kamini Nayak" to "Kamini Prabha Nayak"** vide Affidavit **dated 19.02.2026, before the Executive Magistrate, Bhubaneswar.** Henceforth, I shall be known as **Kamini Prabha Nayak** for all purposes.

**AFFIDAVIT**

I, **Madhaba Ghosh,** S/o- Manmath Ghosh, resident of At/Po-Jayrampur,Ps- Bhograi, District- Balasore, Odisha, declared by this affidavit no 913 dated 19/02/2026 that now on word I shall be known as Madhaba Ghosh for all future purposes. Henceforth, **Madhaba Ghosh and Pranakrushna Ghosh** is the same and one person who is myself.

**AFFIDAVIT**

I, **Priyanka Mahanata,** W/o- Bismaya Panigrahi, Resident At Village - Mathatentulia, P.S.- Gondia, Dist- Dhenkanal, Odisha, PIN- 759016, declare this affidavit **No- A/285 dated 29.01.2026** that now onwards. I shall be known as **PRIYANKA MAHANTA** for all future purposes.

**AFFIDAVIT**

By virtue of an affidavit no.71 before the Executive Magistrate, Paralakhemundi, Gajapati, on dtd.06.02.2026, I, Balla Sankar Rao, S/o Balla Vasudev Rao, resident of Gajapati hereby declare that my daughter's name has been changed from **"Balla Sita" to "Balla Meghana"** vide Birth Certificate Regd. No. 805/2016 and Aadhaar No. 79044742776. Henceforth, she shall be known as **Balla Meghana** for all purposes.

**Sd/- Balla Sankar Rao**

**AFFIDAVIT**

I, Naina Devi Agrawal, aged about 48 years, W/o- Shyam Sundar Agrawal, resident of Ward No. 9, Purani Basti, Kantabanji, Po- Kantabanji, Ps- Kantabanji, Dist- Bolangir, Odisha, Pin- 767039, do hereby declare by this affidavit No. 337, dtd- 19/02/2026, that now onwards I shall be known as **NAINA AGRAWAL** for all future purposes.

**AFFIDAVIT**

**By virtue of an affidavit sworn before the Executive Magistrate, Gop, on dated 17/02/2026, I ADYASHA PANDA, W/o Basanta Kumar Panda resident of Village At/Po - Davar, Ps- Gop, Dist- Puri, Odisha, Pin- 752121 declare that I have changed my name from KUNI DORA (Old Name) to ADYASHA PANDA (New Name). Henceforth, I shall be known as ADYASHA PANDA for all future purposes.**

**Sd- ADYASHA PANDA**

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : **www.ireps.gov.in** ରେ ଅପ୍‌ଲୋଡ କରାଯାଇଛି।

ସଂ. MCS/Stores/E-Procure/Tender Notice/ Must Change Kit/72, ତା.17.02.2026

ଟେଣ୍ଡର ସଂ. 92265124

ବିବରଣୀ : (1) LHB EOG (ପାୱାର କାର) କୋଚ M36/SS-II ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମର ମଷ୍ଟ ଚେଞ୍ଜ (Must Change) କିଟ୍, (2) LHB EOG (ପାୱାର କାର) କୋଚ M72/SS-III ସିଡ୍ୟୁଲ ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (3) LHB EOG (ଏସି ଓ ନନ୍-ଏସି) କୋଚ M36/SS-II ଇତ୍ୟାଦିର ଆକ୍ସଲ ମାଉଣ୍ଟେଡ୍ ଡିସ୍କ ବ୍ରେକ୍ ସିଷ୍ଟମ ନିମନ୍ତେ ମଷ୍ଟ ଚେଞ୍ଜ (Must Change) କିଟ୍, (4) M72 / SS-III ସିଡ୍ୟୁଲ ଇତ୍ୟାଦି ନିମନ୍ତେ, ପରିମାଣ : 104 CSET, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖ ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.03.2026ରିଖ, 1500 ଘଟିକାରେ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-1153/Q/25-26

**VEHICLE FOR SALE**

MARUTI TOUR S, Model - 2023, Registration No-OD-34-R-9995, in as is where is condition Contact: M/S Sundaram Finance Limited, JAJPUR ROAD BRANCH Ph:94371 02409 within 7 days

**AFFIDAVIT**

I, Mohammed Abdula, aged about 29 years, S/o- Siddique Mohammed, resident of Sudpada, Balangir, Po- Balangir, Ps- Bolangir, Dist- Balangir, Odisha, Pin- 767001, do hereby declare by this affidavit No. 336, dtd- 19.02.2026, that now onwards I shall be known as **MAHAMMAD ABADULLA** for all future purposes.

**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to Email: 19sanatang@gmail.com

Contact 7978386707

**WANTED**

A well-established firm invites applications for the following position

**Tele Sales Executive**

Out Bound Uk process

Good English Speaking

**Salary: 10k to 20k**

depend upon experience

Interested candidates can send their CV to

Email: pin24u@gmail.com

9776245778
7752003261

Location: Bhubaneswar

ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**

ଶାଖା କାର୍ଯ୍ୟାଳୟ: ରାୟଗଡା

ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା

ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ମୋବାଇଲ ଆପ କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୨୦.୦୨.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ, ବର୍ତ୍ତମାନ ଫସଲ ବର୍ଷ ୨୦୨୫- ୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପାଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ। ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

25001/202/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
**E-mail Id – eerw_deogarh@yahoo.co.in**

**E-Procurement Notice**

**BID IDENTIFICATION NO. SERWDGH-Online-18/2025-26**

1. No of Building work :- **(08 Nos)**
2. Estimated Cost :- **Approx. Rs. 25.21 Lakhs to 33.61 Lakhs.**
3. Mode of submission of tender :- Tender shall be submitted online in **www.tendersodisha.gov.in**
4. Availability of tender for online bidding :- **23.02.2026, 10.00 A.M to 05.03.2026 up to 5.00 P.M**
5. Date and time of opening of tender :- **06.03.2026, 11.00 A.M**
6. Other details can be seen from the website **www.tendersodisha.gov.in**
7. Corrigendum / Addendum if any shall only be published in the above website.

Superintending Engineer
R.W. Division, Deogarh

OIPR-25001/25087/1/25-26/0013

**ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଭଦ୍ରକ**

ପତ୍ର ସଂଖ୍ୟା ୧୩୮୦, ତା. ୧୮.୦୨.୨୦୨୬

**ବିଜ୍ଞାପନ** 6001/14/2526

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଖାରାପାଣି ଚିଙ୍ଗୁଡ଼ି ଚାଷୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୪ ଅନୁଯାୟୀ, ଖାରାପାଣି ଚିଙ୍ଗୁଡ଼ି ଚାଷ ନିମନ୍ତେ ଆବଶ୍ୟକୀୟ ପଞ୍ଜୀକରଣ ଏବଂ ପଞ୍ଜୀକରଣର ନବୀକରଣ, ସମୟ ମଧ୍ୟରେ କରାଯିବା ଆବଶ୍ୟକ। ବିନା ପଞ୍ଜୀକରଣରେ ଚିଙ୍ଗୁଡ଼ି ଚାଷ କରିବା ଅବୈଧ ଅଟେ ଏବଂ ନିୟମ ଉଲଂଘନ କରାଯାଇଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହି ପ୍ରସଙ୍ଗରେ ଚିଙ୍ଗୁଡ଼ି ଚାଷ କରୁଥିବା ସମସ୍ତ ଚାଷୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଯେଉଁ ଚାଷୀମାନେ ନିଜ ଫାର୍ମର ପଞ୍ଜୀକରଣ କରାଇନାହାନ୍ତି, ସେମାନେ ତୁରନ୍ତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଅନଲାଇନ NSWS ପୋର୍ଟାଲରେ ଆବେଦନ କରିବେ। ପୁନଶ୍ଚ ଯଦି ଚିଙ୍ଗୁଡ଼ି ଚାଷ କରୁଥିବା ଫାର୍ମ ପୂର୍ବରୁ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ଲାଇସେନ୍ସ ପ୍ରାପ୍ତ ହୋଇଥିବେ ଏବଂ ଏହାର ଅବଧି ସମାପ୍ତ ହୋଇଥାଏ ତେବେ ତୁରନ୍ତ ସମ୍ପୃକ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଦ୍ୱାରା ଏହାର ନବୀକରଣ ପାଇଁ ଉପରୋକ୍ତ ସମୟ ସୀମା ମଧ୍ୟରେ ଆବେଦନ କରନ୍ତୁ। ଏହା ଅନୁସରଣ ନ କଲେ ସମ୍ପୃକ୍ତ ଚାଷ ଉପରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମାନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ଏବଂ ଖିଲାପକାରୀଙ୍କ ବିରୁଦ୍ଧରେ ଭାରତ ସରକାରଙ୍କ ତଟୀୟ ଜଳକୃଷି କର୍ତ୍ତୃପକ୍ଷଙ୍କ ନିୟମ ୨୦୨୩ ଧାରା ୧୪ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ବେଆଇନ ଚିଙ୍ଗୁଡି ଫାର୍ମକୁ ଉଚ୍ଛେଦ କରାଯିବ।

ଜିଲ୍ଲାପାଳ ତଥା ଅଧକ୍ଷ
ଜିଲ୍ଲା ସ୍ତରୀୟ କର୍ତ୍ତୃପକ୍ଷ କମିଟି, ଭଦ୍ରକ

OIPR-6001/6059/1/25-26/0001

**ୟୁକୋ ବ୍ୟାଙ୍କ**

ଜାମୁକୋଳି ଶାଖା

ପ୍ଲଟ୍ ନଂ.: ୬୯୧/୭୮୪, ସା.: ଜାମୁକୋଳି, ପୋ.: ପାଞ୍ଚଗାଁ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୦

**ଡିମାଣ୍ଡ ନୋଟିସ୍ (ସୁନା ଋଣ)**

**ୟୁକୋ ବ୍ୟାଙ୍କ, ଜାମୁକୋଳି ଶାଖା** ଦ୍ୱାରା ନିମ୍ନ ସୁନା ଋଣ ସୁବିଧା ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। ଆମର ବାରମ୍ବାର ଅନୁରୋଧ ସତ୍ତ୍ୱେ, ଆପଣ ଏ ପର୍ଯ୍ୟନ୍ତ ବକେୟା ରାଶି ପରିଶୋଧ କରିନାହାଁନ୍ତି। ଏଣୁ କିସ୍ତି/ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। **ଶାଖା ପ୍ରବନ୍ଧକଙ୍କ ଦ୍ୱାରା ୟୁକୋ ବ୍ୟାଙ୍କ, ଜାମୁକୋଳି ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ଡିମାଣ୍ଡ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| କ୍ରି. ନଂ. | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଋଣ ପରିମାଣ / ବକେୟା ଦେୟ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସୁନାର ବିବରଣୀ |
|---|---|---|---|---|
| ୧. | ଋଣଗ୍ରହୀତା: ନିରୁତା ଦାସ (ମୃତକ), ସ୍ୱ ନିରୁତା ଦାସଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ତାମସ କୁମାର ଦାସ, ୨) ଏଲିନା ଦାସ, ଉଭୟଙ୍କ ଠିକଣା- ସା.: ଆଶ୍ରୟପୁର, ପାଞ୍ଚଗାଁ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୦ | ଟ.୧,୩୬,୦୦୦/- / ଟ.୧,୫୦,୯୩୬.୮୬ + ଭବିଷ୍ୟତ ସୁଧ | ୩୦.୧୨.୨୦୨୫ / ୦୭.୦୧.୨୦୨୬ | ମୋଟ ଓଜନ: ୩୩.୫ ଗ୍ରାମ୍, ନେଟ୍ ଓଜନ: ୩୧.୫ ଗ୍ରାମ୍ |

ଏତଦ୍‌ଦ୍ୱାରା ବ୍ୟାଙ୍କ ସପକ୍ଷରେ ଆପଣ ସମ୍ପାଦିତ କରିଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏହାର କ୍ଷମତା ପ୍ରୟୋଗ କରି ଏହି ନୋଟିସ୍ ପ୍ରକାଶନ ତାରିଖର **୭ ଦିନ** ମଧ୍ୟରେ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରିବାକୁ ଆପଣଙ୍କୁ କୁହାଯାଉଛି। ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟ ଅଧିକାରର ପ୍ରୟୋଗ ବ୍ୟତୀତ ଆପଣଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ବକେୟା ଋଣ ଆଦାୟକରଣ ପାଇଁ ଉପରୋକ୍ତ ସୁନା ଅଳଙ୍କାରଗୁଡିକର ନିଲାମ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆମେ ଆଶା କରୁଛୁ, ଆପଣ ଏଭଳି ପରିସ୍ଥିତି ଠାରୁ ଦୂରେଇ ରହିବେ ଏବଂ ତୁରନ୍ତ ବକେୟା ଦେୟ ଦାଖଲ କରିବେ।

ସ୍ଥାନ : ଜାମୁକୋଳି, ତାରିଖ : ୨୦.୦୨.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସ୍କୁଲକୁ ବିଳମ୍ବରେ ଆସୁଛନ୍ତି ଶିକ୍ଷକ

# ତାତିଲେ ଗ୍ରାମବାସୀ, ସ୍କୁଲ ଫାଟକରେ ତାଲା ପକାଇଲେ



ଉମରକୋଟ,୨୦।୨(ସମିସ): ଶିକ୍ଷକମାନେ ପ୍ରତିଦିନ ବିଳମ୍ବରେ ସ୍କୁଲକୁ ଆସୁଛନ୍ତି । ଫଳରେ ସ୍କୁଲରେ ପାଠପଢ଼ା ହେଉନାହିଁ। ଆଜି ଏଥିରେ ଗ୍ରାମବାସୀ ଉତ୍କ୍ଷିପ୍ତ ହେଇ ସ୍କୁଲ ଫାଟକରେ କିଛି ଘଣ୍ଟା ପାଇଁ ତାଲା ପକାଇ ଦେଇଥିଲେ। ଏପରି ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ପଂଚାୟତର ତାରାଗାଁ ଗ୍ରାମରେ। ଏଠାରେ ଥିବା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୩୫ ଛାତ୍ରଛାତ୍ରୀ ରହିଥିବା ବେଳେ ୬ ଜଣ ଶିକ୍ଷକ ଅଛନ୍ତି। ସେଥିମଧ୍ୟରୁ ଜଣେ ଶିକ୍ଷକ ଛୁଟିରେ ଥିବା ବେଳେ ଜଣେ ମେଟରନିଟି ଛୁଟିରେ ଥିବା ବେଳେ ଜଣେ ସରକାରୀ ବିଏଲଓ କାର୍ଯ୍ୟରେ ନିୟୋଜିତ ଅଛନ୍ତି। କିନ୍ତୁ ଅନ୍ୟ ତିନି ଜଣ ଶିକ୍ଷକ ଦୀର୍ଘ ଦିନ ଧରି ସ୍କୁଲକୁ ବିଳମ୍ବରେ ଆସୁଥିଲେ। ଏପରିକି ଗ୍ରାମବାସୀ ବାରମ୍ବାର ତାଗିଦ୍ କରିବା ସତ୍ତ୍ୱେ ଏହି ଶିକ୍ଷକ ମାନେ କର୍ଣ୍ଣପାତ କରୁ ନ ଥିଲେ। ଫଳରେ ଗ୍ରାମବାସୀ ଅତିଷ୍ଠ ହେଇ ସିଆରସି ଓ ଉମରକୋଟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇବା ସହ ସ୍ଥାନୀୟ ବିଧାୟକ ତଥା ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଗ୍ରାମବାସୀ ଆଲୋଚନା କରିଥିଲେ। ତେବେ ସ୍କୁଲକୁ ଠିକ୍ ସମୟରେ ଆସିବୁ ବୋଲି ଶିକ୍ଷକ ମାନେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । କିନ୍ତୁ ତାହା ପାଳନ କରୁନଥିଲେ। ଆଜି ସବୁ ଛାତ୍ରଛାତ୍ରୀ ସ୍କୁଲରେ ପହଞ୍ଚି ଯାଇଥିଲେ ହେଁ ଏହି ୩ ଶିକ୍ଷକ ମାନେ ସ୍କୁଲକୁ ୧୧ ଟାରେ ପହଞ୍ଚିଥିଲେ। ଏହା ଦେଖି ଗ୍ରାମବାସୀ ଅତ୍ୟନ୍ତ ଉତ୍କ୍ଷିପ୍ତ ହୋଇ ବିଦ୍ୟାଳୟର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲେ। ଶିକ୍ଷକ ମାନେ ବିଦ୍ୟାଳୟକୁ ଠିକ ସମୟରେ ନ ଆସିବା କାରଣରୁ ଛାତ୍ର ଛାତ୍ରୀ ପାଠପଢାରେ ଅବହେଳା ହେଉଥିବା ଅଭିଯୋଗ କରି ଗ୍ରାମବାସୀ ତୁରନ୍ତ ଏହି ୩ ଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ବଦଳି କରିବାକୁ ଦାବି କରିଥିଲେ। ଖବର ପାଇଁ ଉମରକୋଟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବାଗ ଗାଁରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ତଦନ୍ତ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ୧ ଟା ବେଳେ ସ୍କୁଲରେ ତାଲା ଖୋଲି ଦେଇଥିଲେ । ପାଠପଢ଼ା ସ୍କୁଲରେ ସ୍ୱାଭାବିକ ଅବସ୍ଥାକୁ ଆସିଥିଲା।

# ବାଙ୍କଟିଗୁଡା ଗ୍ରାମରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



କୁଡୁମୁଲୁଗୁମ୍ମା, ୨୦।୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡଘାଟ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଙ୍କଟିଗୁଡା ଗ୍ରାମର ତୁଳସୀ କ୍ଷେତ୍ର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆଡମ୍ବର ସହକାରେ ପାଳିତ ହେଉଛି। ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା କାଲି ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ପ୍ରଥମ ଦିନରେ ଜଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ୧୦୮ ଜଣ ମହିଳା ନିକଟସ୍ଥ ଫୁଲେଇ ନଦୀରୁ ମୁଣ୍ଡରେ ଜଳ କଳସ ଧରି ଏକ ବିରାଟ ଶୋଭାଯାତ୍ରାରେ ମନ୍ଦିର ପରିସରରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏହାପରେ ଗଞ୍ଜାମ ଜିଲ୍ଲାର ଶରଧାପୁରରୁ ଆସିଥିବା ମୁଖ୍ୟ ଯଜ୍ଞ ଆଚାର୍ଯ୍ୟ ପୁରୋହିତ ଗୋଦାବରୀଶ ହୋତା, ଶଶାଙ୍କ ଭୂଷଣ ହୋତା, ବିନାୟକ ଆଚାର୍ଯ୍ୟ ପ୍ରମୁଖ ଯଜ୍ଞ ବେଦୀରେ ବୈଦିକ ରୀତିନିତୀରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ଏଥିରେ ଗ୍ରାମର ମୁଖ୍ୟ କର୍ତ୍ତା ଭାବେ ସନୀଆ ଦାସା, ବନ୍ଧୁ କପେ, ନକୁଳ ଦାସା, ନରସିଂହ ପୁଟିଆ ଓ ସୋମନାଥ ମାଢ଼ି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ରେ ସିରିପେଟା ଦୟଣା କ୍ଷେତ୍ରର ମହନ୍ତ ବ୍ରହ୍ମାନନ୍ଦ ଦାସ, ଜଗନ୍ନାଥ ମନ୍ଦିର ପୂଜକ ଡମ୍ବୁ ଦାସା ଓ ଇସ୍କନ ସଂସ୍ଥାର ପ୍ରଚାରକ ରଥରାଜ ଗୌରାଙ୍ଗ ଦାସ ଉପସ୍ଥିତ ରହି ବୈଦିକ ଓ ବୈଷ୍ଣବ ରିତୀନିତି ଅନୁସାରେ ଅଷ୍ଟପ୍ରହରୀ ନାମଯଜ୍ଞ ଭଳି ସମସ୍ତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଥିଲେ। ଆଜି ଅପରାହ୍ନ ୪ଟା ସମୟରେ ଶାସ୍ତ୍ର ଓ ବେଦମନ୍ତ୍ର ପାଠ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନୂତନ ମନ୍ଦିରର ଗର୍ଭଗୃହରେ ତିଆରି ହୋଇଥିବା ଆସନରେ ପ୍ରତିଷ୍ଠିତ କରାଯାଇଥିଲା। ଏହି ସମୟରେ ଭକ୍ତମାନଙ୍କର ଉତ୍ସାହ ଦେଖିବାକୁ ମିଳିଥିଲା। ଶଂଖନାଦ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ଏକ ଅଲୌକିକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ଭକ୍ତମାନେ ଆନନ୍ଦ ବଜାରରେ ପ୍ରସାଦ ସେବନ କରି ଆନନ୍ଦିତ ମନରେ ଘରକୁ ଫେରିଥିଲେ। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ବାଙ୍କଟିଗୁଡା ତୁଳସୀ କ୍ଷେତ୍ର ଟ୍ରଷ୍ଟ ସଭାପତି ଲବ କର୍ଲିଆ, ଜଗବନ୍ଧୁ ବାରିକ, ଉର୍ଦ୍ଧବ ଦାସା, ପ୍ରିତମ ଗୁଡତେଲୀ, ବାଗନା ଦାସା,ସନୀଆ ଦାସା, ସମାରୁ ଫୁଲା, ମାଧବ ଦାସା, ଗୌତମ କାଲାକୁରା, ସୁମିତ୍ରା ଦାସା, ବୃନ୍ଦା ଦାସା, ଭଗବାନ ସାହୁ, ରବିନ୍ଦ୍ର କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେବାୟତ କଲ୍ୟାଣ ସମିତିର ଶୋକସଭା



ଜୟପୁର,୨୦।୨(ସମିସ): ଦେବୋତ୍ତର ସେବାୟତ କଲ୍ୟାଣ ସମିତି ପକ୍ଷରୁ ସ୍ଥାନୀୟ ଗୀତା ଭବନ ପରିସରରେ ଦେବୋତ୍ତର ବିଭାଗର ବରିଷ୍ଠ କମଚାରୀ ତଥା ପୁରୋହିତ କୃଷ୍ଣଚନ୍ଦ୍ର ଦାଶଙ୍କ ବିୟୋଗରେ ଏକ ଶୋକସଭା ଗତକାଲି ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧ୍ୟକ୍ଷତାରେ ଦେବୋତ୍ତର ଅଧିନରେ ରହିଥିବା ସହର ଏବଂ ଆଖାପାଖ ଗ୍ରାମାଞ୍ଚଳର ସମସ୍ତ ମନ୍ଦିରର ପୂଜକ ଓ ସେବାୟତ ମାନେ ଉପସ୍ଥିତ ରହି ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଦେବତ୍ତୋର ଅଧୀନ କିମ୍ବା ସାଧାରଣରେ ହିନ୍ଦୁ ପରମ୍ପରା ଅନୁଯାୟୀ କୌଣସି ଜାନି ଯାତ୍ରା ହେଲେ ମଧ୍ୟ ସେ ପୂର୍ବରୁ ସମସ୍ତ ପ୍ରସ୍ତୁତି କରି ଦେଉଥିଲେ। ପିଲାଠାରୁ ବୁଢା, ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କ ସହ ଭଲ ସମ୍ପର୍କ ଥିଲା ବୋଲି ସେବାୟତ ମାନେ ପ୍ରକାଶ କରିଥିଲେ। ଏହି ଶୋକସଭାରେ ବାବୁ ବଜରଙ୍ଗୀ, ସମାଜସେବୀ ପରେଶ ରଥ, ପୂଜକ କାଳୀ ପ୍ରସାଦ ଦାଶ, ସିଦ୍ଧେଶ୍ୱର ଦାଶ,ବିରେନ୍ଦ୍ର ରଥ, ସଦଶିବ ମିଶ୍ର, ଦେବେନ୍ଦ୍ର ରଥ, ଜଗନ୍ନାଥ ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ସେବାୟତ ମାନେ ଉପସ୍ଥିତ ଥିଲେ।

# ଡାହାଣୀ ପ୍ରଥା ନିଷେଧ, ସଚେତନତା କର୍ମଶାଳା

ରାୟଗଡ଼ା,୨୦।୨(ସମିସ): ଡାହାଣୀ ସନ୍ଦେହରେ ଘଟୁଥିବା ନିର୍ଯାତନା ଭଳି ଅମାନବିକ କୁପ୍ରଥାକୁ ରୋକିବା ଓ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ମିନତୀ ଦେଓଙ୍କ ଅଧକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡାହାଣୀ ସନ୍ଦେହ ନିର୍ଦ୍ଦୋଷ ବ୍ୟକ୍ତି , ବିଶେଷ କରି ନାରୀ ନିର୍ଯାତନା, ସାମାଜିକ ବହିଷ୍କାର ଓ ହିଂସା , ହତ୍ୟା ଭଳି ଅମାନୁଷିକ କାଣ୍ଡ ରୋକିବା ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ଏବଂ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ଏହାର ମୂଳୋତ୍ପାଟନ କରିବାକୁ ଚେଷ୍ଟା ଜାରି ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋସନାର ବରଲା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏଡିପିଏଚଓ ଡ. ଶ୍ୟାମ ଚରଣ ଗୁରୁ , ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ବେହେରା, ପ୍ରତିମାରାଣୀ ଦାସ ଜିଲ୍ଲା ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ଅହଲ୍ୟା ସୁନା କାର୍ଯ୍ୟକ୍ରମ ଅଧିକାରୀ, ମୀନତି ପାତ୍ର ୟୁନିସିଏଫ ଜିଲ୍ଲା ସଂଯୋଜକ , ହେନା ରାଣୀ ପ୍ରଧାନ ଆଭା ସଂଯୋଜକ, ହେନବାନୀ ପ୍ରଧାନେ ଏଭିଏ ସଙ୍ଗଠନ, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସଂକଳ୍ପ ହବ୍ କର୍ମୀ ,ୱାନ୍ ଷ୍ଟପ ସେଂଟର୍ କର୍ମୀ, ଶକ୍ତି ସଦନ କର୍ମୀ, କିଶୋର ବାଳକ ବାଳିକା ,ସ୍ୱେଚ୍ଛାସେବୀ ମହିଳା ମଣ୍ଡଳୀର ସଦସ୍ୟା ପ୍ରମୁଖ ୭୦ ଜଣରୁ ଅଧିକ ମହିଳା ଯୋଗ ଦେଇଥିଲେ। ଡାହାଣୀ ଏକ ଭ୍ରାନ୍ତଧାରଣା, ବହୁଚରିତ୍ର ସ୍ୱଭାବ ଭଳି ଏହା ଏକ ମାନସିକ ରୋଗ, ଗୁଣିଆ ପାଖକୁ ନଯାଇ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବାକୁ କର୍ମଶାଳାରେ ଯୋଗଦେଇ ବିଶେଷଜ୍ଞ ରବି ନାରାୟଣ ଶତପଥୀ, ଆଡ଼ଭୋକେଟ ଏବଂ ନରେଶ ଶର୍ମା, ପୀରାମଲ ସଂସ୍ଥା ପରାମର୍ଶ ଦେବା ସହ ବିଭିନ୍ନ ଅଞ୍ଚଳରେ ଘଟିଥିବା ଡାହାଣୀ ସନ୍ଦେହ ଘଟଣା ସମ୍ପର୍କରେ ନିଜର ଅଭିଜ୍ଞତା ବ୍ୟାଖା କରିଥିଲେ। ଏହା ଏକ ପ୍ରକାର ଘରୋଇ ହିଂସା, ଏହା ଘରଠାରୁ ଆରମ୍ଭ ହୋଇ ସମାଜକୁ ବ୍ୟାପିଛି। ତେଣୁ ଏ ନେଇ ନିଜ ପରିବାରରୁ ହିଁ ସଚେତନତା ଆରମ୍ଭ ହେବା ଆବଶ୍ୟକ। ଓଡିଶା ଡାହାଣୀ ଶିକାର ନିରାକରଣ ଆଇନ ୨୦୧୩ ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଆଇନଗତ ଦଣ୍ଡବିଧାନ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ। ଅଧିନିୟମରେ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହିତ ୫ ,୦୦୦ ବା ତଦୁର୍ଦ୍ଧ ଟଙ୍କା ଜରିମାନା ହେବ ବୋଲି କୁହାଯାଇଥିଲା। ମହିଳା ମାନଙ୍କୁ ଡାହାଣୀ ଆଖ୍ୟା ଦେଇ ସେମାନଙ୍କ ସମ୍ପତ୍ତି ହଡ଼ପ କରାଯାଏ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଏହା ହୁଏ ବୋଲି ଆଲୋଚନା ହୋଇଥିଲା। ଡାହାଣୀ, ତନ୍ତ୍ର ମନ୍ତ୍ର, ଚେଙ୍କ ଦେବା ଏସବୁ କୁପ୍ରଥା ଏବଂ ଅନ୍ଧ ବିଶ୍ୱାସରୁ ଦୁରେଇ ରହିବା ପାଇଁ ଏବଂ ଶରୀରରେ ରୋଗ ହେଲେ ଡ଼ାକ୍ତରଖାନା ଯିବାପାଇଁ ପରାମର୍ଶ ଦିଆଯାଇଥିଲା। ଡାହାଣୀ ନିର୍ଯାତନା ଏବଂ ବାଲ୍ୟ ବିବାହ ସମ୍ପର୍କିତ ମାମଲା ପାଇଁ ପୋଲିସ ହେଲ୍ପ ଲାଇନ୍, ମହିଳା ହେଲ୍ପ ଲାଇନ୍- ୧୮୧, ଶିଶୁ ସହାୟତା ହେଲ୍ପ ଲାଇନ୍- ୧୦୯୮ ସୁଭଦ୍ରା ହେଲ୍ପ ଲାଇନ୍ - ୧୪୬୭୮କୁ କଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ରଚନା ଓ ବିତର୍କ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଜିଲ୍ଲା ସଂକଳ୍ପ ହବ୍‌ର ସଂଯୋଜକ ଦିବାକର ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏସ୍‌ଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ମାଥିଲି,୨୦।୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରୁପାଲ୍ଲୀ ପଞ୍ଚାୟତର ତୁଳସୀ ପାହାଡସ୍ଥିତ ୧୧୦ ନମ୍ବର ବିଏସ୍‌ଏଫ ବାଟାଲିୟନ ଯବାନଙ୍କ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମୁକ୍ତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇ ୫୦୦ରୁ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ସହିତ ମାଗଣା ଔଷଧ ବଣ୍ଟନ ଯୋଗାଇ ଦିଆଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ଭାତୃତ୍ୱ ଭାବ ବଜାୟ ରଖିବା ନେଇ ଆହ୍ୱାନ ଦିଆଯାଇଛି। ଗତ କିଛି ବର୍ଷ ଧରି ବିଏସ୍‌ଏଫ ଯବାନ ମାନେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହି ଲୋକଙ୍କ ସହ ଉତ୍ତମ ସମ୍ପର୍କ କରି ଶାନ୍ତିଶୃଙ୍ଖଳା ବାଜୟ ରଖିବାରେ ସଫଳ ହୋଇପାରିଛନ୍ତି। ଏଥିରେ ସ୍ଥାନୀୟ ଜନସାଧାରଣଙ୍କ ସହ ଯବାନ ମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ, ନେତୃବର୍ଗଙ୍କ ସହଯୋଗ ଭାବ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କୁହାଯାଇଛି। ଏହି ଅବସରରେ ବିଏସ୍‌ଏଫ ପକ୍ଷରୁ କମ୍ବଳ, ସ୍କୁଲ୍ ବ୍ୟାଗ, ଭଲିବଲ, ନେଟ୍, କ୍ରିକେଟ ବ୍ୟାଟ, ଚୌକି, ଫଙ୍କା, ପାଣି ଟାଙ୍କି ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫର ଦ୍ୱିତୀୟ କମାଣ୍ଡର ଅଧିକାରୀ ଉମେଶ କୁମାର ,ଉପ ସମାଜେ ରାଜୀବ ଚାନ୍ଦ, ଡିସି/ଅର୍ଜୁଡେଣ୍ଟ, ଡେପୁଟି କମାଣ୍ଡର ବରୁଣ କୁମାର, ଆସିଷ୍ଟାଣ୍ଟ କମାଣ୍ଡର ଅଖିଳେଶ ଝା, ଡାକ୍ତର ସଞ୍ଜୀବ କୁମାର , ଡାକ୍ତର ଦିବାକର ଶର୍ମା ଡାକ୍ତର ହେଚ ଡି ସିଂ, ଡାକ୍ତର ମାନସବିତା ରାଉତଙ୍କ ସମେତ ଟେମୁରୁପାଲ୍ଲୀ ସରପଞ୍ଚ ତୁମ୍ବେଶ୍ୱର ସମରଥ, ମହୁପଦର ସରପଞ୍ଚ ବୃନ୍ଦାବତୀ ଦୂରୁଆଙ୍କ ସମେତ ସ୍ଥାନୀୟ ଅଞ୍ଚଳର ୩୦୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ।

# କଡ଼ା ସୁରକ୍ଷାରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ

ନନ୍ଦପୁର,୨୦।୨(ସମିସ): କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶାନ୍ତି ଶୃଙ୍ଖଳାରେ ପ୍ରଥମ ଦିନ ମାଟ୍ରିକ ପରୀକ୍ଷା ଶେଷ ହୋଇଛି । ନନ୍ଦପୁର ବ୍ଲକ୍‌ର ୭ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୩୪ ଜଣ ଛାତ୍ର ଛାତ୍ରୀ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୧ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ସୂଚନା ପ୍ରଦାନ କରିଛନ୍ତି ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗୋମାଙ୍ଗ। ନନ୍ଦପୁର ବ୍ଲକର ମୋଟ ୭ଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୨୩୪ ଜଣ ଛାତ୍ର ଛାତ୍ରୀ, ପାଡୁଆ ଉଚ୍ଚ ବିଦ୍ୟାଳୟରେ ୨୭୫ ଜଣ, କୁଳର ସିଂ ବିଜୁ ପଟ୍ଟନାୟକ ଉଚ୍ଚ ବିଦ୍ୟାଳୟରେ ୧୪୩ ଜଣ, ଭେଜା ଉଚ୍ଚ ବିଦ୍ୟାଳୟରେ ୧୪୮ ଜଣ ମଧ୍ୟରେ ୧୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିଲେ,। ୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ବାଲଡ଼ାରେ ୨୫୮ ଜଣ, ସରକାରୀ ବିଦ୍ୟାଳୟ ହାଟଗୁଡାରେ ୨୨୮ ଜଣ ମଧ୍ୟରେ ୨୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଥିବା ବେଳେ ୭ଜଣ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହିଥିଲେ । ନେତାଜୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୫୬ ଜଣ। ମୋଟ ୭ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୪୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧ ଜଣ ଅନୁପସ୍ଥିତ ରହିଥିଲେ। ନନ୍ଦପୁର ବ୍ଲକର ୭ଟି ପରୀକ୍ଷା କେନ୍ଦ୍ର ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ତାଦରଖ ଦଳ ଗଠନ ହୋଇଥିବା ବେଳେ ବ୍ଲକ ସ୍ତରରେ ମଧ୍ୟ ପ୍ରତି କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିୟୋଜିତ ସହ ବିଡ଼ିଓ, ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି।



# ମୌଳିକ ସୁବିଧାରୁ ବଞ୍ଚିତ କର୍ଲାଡଙ୍ଗରିବାସୀ



ଉମରକୋଟ,୨୦।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ କର୍ଲାଡ଼ଙ୍ଗରି ଗାଁର ୩୦ ପରିବାର ସବୁ ପ୍ରକାରର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଉମରକୋଟ ସଦର ମହକୁମାରୁ ମାତ୍ର ନଅ କିଲୋମିଟର ଦୂରରେ ଅବସ୍ଥିତ ଏଇ ଗାଁ । ତେବେ ଆଦିବାସୀ ଅଧ୍ୟୁଷିତ ଘଞ୍ଚ ଜଙ୍ଗଲ ଘେରା ଗାଁରେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନି ପ୍ରଶାସନ। ଏହି ଗାଁର ୩୦ ପରିବାର ମଧ୍ୟରୁ ମାତ୍ର ୩ ଜଣଙ୍କ ନାଁରେ ଆବାସ ଯୋଜନାରେ ଘର ଦିଆଯାଇଥିବାବେଳେ ଅନେକ ପରିବାର ଏବେ ବି ବଞ୍ଚିତ। ସେହିପରି ଗାଁରେ ଗୋଟିଏ ନଳକୂଅ ଥିବାବେଳେ ଖରାଦିନେ ଶୋଷ ମେଣ୍ଟିବା ସମ୍ଭବ ହୁଏ ନାହିଁ ବୋଲି ଗ୍ରାମବାସୀ କହନ୍ତି। ଏଠାରେ ଅଙ୍ଗନବାଡି କି ପ୍ରାଥମିକ ଶିକ୍ଷା କେନ୍ଦ୍ରଟିଏ ନାହିଁ। ଫଳରେ ଗର୍ଭବତୀ ମାଁ ଓ ଶିଶୁ ଟିକାକରଣ ପାଇଁ ଅନ୍ୟ ଗାଁକୁ ଯିବାକୁ ପଡୁଛି। ପୁଷ୍ଟିସାର ଛତୁଆ ଓ ଛୋଟ ପିଲାଙ୍କ ରନ୍ଧା ଖାଦ୍ୟ ଗାଁ ପାଇଁ ସପନ। ସ୍କୁଲ ନଥିବାରୁ ଅଧାରୁ ଅଧିକ ପିଲା ପାଠପଢାରୁ ବଞ୍ଚିତ। ବିଧବା ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତାରୁ ମଧ୍ୟ ବହୁ ଅସହାୟ ଲୋକ ବଞ୍ଚିତ। ଗାଁର ବିଧବା ବୃଦ୍ଧା ଚନ୍ଦ୍ରମା ପରଜାଙ୍କ ସ୍ୱାମୀ ଦୀର୍ଘ ବର୍ଷ ହେବ ଆରପାରିକୁ ଚାଲିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଭତ୍ତା ଟିକେ ହୋଇପାରିଲାନି ବୋଲି ଦୁଃଖର ସହ କହିଛନ୍ତି। ଉମରକୋଟରୁ ରାଇଘର ମୁଖ୍ୟ ରାସ୍ତାରୁ ଗାଁକୁ ମାଟିରାସ୍ତାଟିଏ ରହିଛି। ଏହି ଗାଁର ଉନ୍ନୟନ ବିଷୟରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେରଙ୍କୁ ପଚାରିବାରୁ କର୍ଲାଡ଼ଙ୍ଗରି ଗାଁର ବିକାଶ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ପିଇବା ପାଣିର ବ୍ୟବସ୍ଥା ନିମନ୍ତେ ଆଉ ଦୁଇଟି ନଳକୂଅ ଏବଂ ଅତି ଆବଶ୍ୟକ ସ୍ଥଳେ ଗାଁକୁ ଟ୍ୟାଙ୍କର ସହାୟତାରେ ପାଣି ଯୋଗାଇବା ବ୍ୟବସ୍ଥା କରାଯିବ। ସେହିପରି ଗାଁର ମୌଳିକ ସମସ୍ୟା ସମ୍ପର୍କ ରେ ଗ୍ରାମପଞ୍ଚାୟତ ଅଧିକାରୀ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବାକୁ କହିଥିଲେ। ଗାଁରେ ମୌଳିକ ସୁବିଧାସୁଯୋଗ ଯୋଗାଇ ଦେବାପାଇଁ ଦାବି କରିଛନ୍ତି।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

କୋରାପୁଟ,୨୦।୨ (ସମିସ): ସ୍ଥାନୀୟ ସରକାରୀ ହାଇସ୍କୁଲ ପଡିଆ ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ଦଳ ବେହେରା,ସେମିଳିଗୁଡା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୁନୀତା ଦଣ୍ଡସେନା, ଅବସରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜି ଜଗଦୀଶ ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ସଂପର୍କରେ ଅତିଥି ମାନେ ଉପସ୍ଥିତ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ଦୁଇ ବିଭାଗର ଅଧିକାରୀ ମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ତୋଷୀ ଆଚାରୀ ଏବଂ ସୁଜାତା ଆଚାରୀ ମଞ୍ଚ ପରିଚାଳନା କରିଥିଲେ।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର


କୋରାପୁଟ,୨୦।୨(ସମିସ): ସ୍ଥାନୀୟ ଇସିଏଚସ୍ ପଲିକ୍ଲିନିକ୍ ଠାରେ ସୀତାମ୍ମାଧାରା ସ୍ଥିତ କିମ୍ସ ଆଇକନ୍ ହସ୍ପିଟାଲ୍ ପକ୍ଷରୁ ଏକ ମାଗଣା ହୃଦରୋଗ ଏବଂ ସ୍ନାୟୁରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡ. କେ. ଶ୍ରବଣ ଏବଂ ହୃଦରୋଗ ବିଶେଷଜ୍ଞ ଡ. କେ. ସତ୍ୟ କୁମାର ଯୋଗଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ପରାମର୍ଶ ଦେଇଥିଲେ। ଗ୍ରୁପ୍ କ୍ୟାପଟେନ (ଅବସରପ୍ରାପ୍ତ) ଏ.କେ. ପ୍ରଧାନ, ଡ. ବିଭୁ ରଞ୍ଜନ ସ୍ୱାଇଁ, ଡ. ବି. ଚନ୍ଦ୍ରକଳା ଏବଂ ହାବିଲଦାର (ଅବସରପ୍ରାପ୍ତ) ପି.କେ. ଦଳାଇ, ବାଳକୃଷ୍ଣ ଗୌଡ଼, ମାନସ ରଞ୍ଜନ ଦେଓ, ମମତା ରାନୀ, ଅକ୍ଷୟ ସ୍ୱାଇଁ, ଅଭିଷେକ ନାଇଡୁ ଏବଂ ଏ.ସି. କାହାଳୀ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଶିବିରରେ ପ୍ରାୟ ୫୦ ଜଣ ପୂର୍ବତନ ସେନା କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ସେବାର ସୁଯୋଗ ନେଇଛନ୍ତି। ହସ୍ପିଟାଲର ଏହି ଜନହିତକର କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ ବିଭାଗର ଯୁଗ୍ମ ସମୀକ୍ଷା ବୈଠକ

ନବରଙ୍ଗପୁର,୨୦।୨(ସମିସ): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ଶିଶୁ ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଓ ସମାଜ କଲ୍ୟାଣ ବିଭାଗ ର ଯୁଗ୍ମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ସ୍ୱାସ୍ଥ୍ୟ ଓ ମହିଳା ଓ ଶିଶୁ ବିଭାଗର ବିଭିନ୍ନ ସୂଚକାଙ୍କକୁ ସମୀକ୍ଷା କରି ବିଶେଷକରି କମ୍ ବୟସର ବିବାହ ଓ କମ୍ ବୟସର ଗର୍ଭଧାରଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର କେତେକ ସ୍ଥାନରେ ଏପରି ଘଟଣା ଘଟିଲେ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ବିରୋଧରେ ତତ୍‌କ୍ଷଣାତ ପୋଲିସ ଠାରେ ଏଫଆଇଆର କରିବାକୁ କଠୋର ନିର୍ଦ୍ଦେଶ ଦେଇଥିଲେ। ତେନ୍ତୁଳିଖୁଣ୍ଟି ଓ ଝରିଗାଁ ବ୍ଲକର ଦୁର୍ଗମ ଅଞ୍ଚଳରେ ଆନୁଷ୍ଠାନିକ ପ୍ରସବ ଘଟଣା ଅଧିକଥିବାରୁ ଜିଲ୍ଲାପାଳ ଗଭୀର ଚିନ୍ତାବ୍ୟକ୍ତ କରି ସଂପୃକ୍ତ ଅଧିକାରୀ ଆଶାକର୍ମୀଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ପୂର୍ବକ ଦୃଢ ପଦକ୍ଷେପ ନେବାକୁ କହିଥିଲେ। ସେଠାରେ ଅତିରିକ୍ତ ମାଆ ଗୃହ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରାଜ୍ୟ ମିଶନ ନିର୍ଦ୍ଦେଶିକାଙ୍କ ପାଖକୁ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।"ଟେକ୍ ହୋମ୍ ରେସନ୍ "ପୋଷଣ କାର୍ଯ୍ୟକ୍ରମକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକରେ ହଠାତ୍ ନିରୀକ୍ଷଣ କରି ସଠିକ୍ ଭାବେ କାର୍ଯ୍ୟକାରୀ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ରୋକିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲାପାଳ କହିଥିଲେ ଯେ, ମାତୃ ମୃତ୍ୟୁ ଘଟଣାରେ ଯଦି କୌଣସି କର୍ମଚାରୀଙ୍କ ଅବହେଳା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୋଧରେ ତଦ କ୍ଷଣାତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉମରକୋଟ ଓ ନବରଙ୍ଗପୁରର ପୋଷଣ ପୁନର୍ବାସ କେନ୍ଦ୍ରକୁ ଅଧିକ ଅତି ପ୍ରବଳ ଅପପୁଷ୍ଟି ଥିବା ଶିଶୁମାନଙ୍କୁ ଚିହ୍ନଟ କରି ପ୍ରେରଣ କରିବା ସହ ୧୦୦ ପ୍ରତିଶତ ଶଯ୍ୟା ପୂରଣ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ୍ , ଉପ-ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ମଳୟ ପ୍ରଧାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ମଳୟ କୁମାର ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଡିପିଏମ ଶଙ୍କର ଆଚାର୍ଯ୍ୟ, ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ, ମହିଳା ଓ ଶିଶୁ ବିକାଶର ସମସ୍ତ ସିଡିପିଓ, କର୍ମଚାରୀ ଓ ସ୍ୱସ୍ଥ୍ୟ ବିଭାଗର କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ।



# କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କୋରୁକୋଣ୍ଡା,୨୦।୨(ସମିସ); ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଏବଂ ଗ୍ରାମ ସ୍ତରୀୟ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆଜି ଡିଏଫଓ/ରେଞ୍ଜରଙ୍କ ଜରିଆରେ ୧୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋରୁକୋଣ୍ଡା କେନ୍ଦୁପତ୍ର ତୋଳାଳୀ, ଋତୁକାଳୀନ କର୍ମଚାରୀ , ବନ୍ଧେଇ ଏବଂ ଆନୁଷଙ୍ଗିକ କର୍ମଚାରୀ ମାନେ ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଦାବି ପୁରଣ ପାଇଁ ବାଲିମେଳା ସହରରେ ଥିବା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ କାର୍ଯ୍ୟାଳୟ ଠାରେ ଗଣଧାରଣା କରାଯିବା ସହ ବନାଞ୍ଚଳ ଅନୀଲ ବାଲାଙ୍କ ଜରିଆରେ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି। କେରି ପ୍ରତି ଦର ବୃଦ୍ଧି ଋତୁକାଳୀନ କର୍ମଚାରୀଙ୍କ ମଜୁରୀ ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ଦର ବୃଦ୍ଧି, ଫଡି ଉଚ୍ଛେଦ ବନ୍ଦ, ପ୍ରସ୍ତାବିତ ଡିଭିଜନରେ ଘରୋଇକରଣ ବନ୍ଦ , ଜିଏସଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ନିମନ୍ତେ ସମୀକ୍ଷା, ସଂଘର ମତାମତରେ କମିଟି ଗଠନ, ଶ୍ରମିକ କଲ୍ୟାଣ ଟ୍ରଷ୍ଟ ବୋର୍ଡ ବୈଠକ ଆହ୍ୱାନ, ବୋନସ ବୃଦ୍ଧି, ମୃତକଙ୍କ ସହାୟତା ରାଶି ୨ ରୁ ୪ ଲକ୍ଷ କରିବା, ଅସୁସ୍ଥତାରେ ଛୁଟିର ବ୍ୟବସ୍ଥା , ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରୋସେସିଙ୍ଗ କରିବା, ଋତୁକାଳୀନ କର୍ମଚାରୀଙ୍କ ପଦୋନ୍ନତିରେ ପଦ ପୂରଣ , ୱାଚରଙ୍କୁ ଏରିୟର ପ୍ରଦାନ, ମୁନସୀ ଓ ପଡ଼ି ସାଥିଙ୍କ ମଜୁରୀ ଧାର୍ଯ୍ୟ ସମୟରେ ପ୍ରଦାନ, କେନ୍ଦୁପତ୍ର ସଂସ୍ଥା କାର୍ଯ୍ୟକାରିତା ପାଇଁ ଓଏଫଡିସିକୁ ରିଭଲଭିଙ୍ଗ ଫଣ୍ଡ ଦିଆଯାଉ , ବଜେଟରେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ସହାୟତା ରାଶି ୨୦ କୋଟି ଟଙ୍କାର ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଉପୋରୋକ୍ତ ଦାବି ଗୁଡିକ ସଂଘ ପକ୍ଷରୁ ବାରମ୍ବାର ସରକାର ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସହ ଆଲୋଚନା କରାଯାଇଛି। ନୂତନ ରାଜ୍ୟ ସରକାରଙ୍କୁ ସହ ଆଲୋଚନା ପରେ ଦେଢ଼ ବର୍ଷରୁ ଉର୍ଦ୍ଧର ସମୟ ଦିଆଯିବା ସହ ସଂଘ କୌଣସି ଆନ୍ଦୋଳନ କରିନାହିଁ କିମ୍ବା ସରକାର ଏହାର ସମାଧାନ ମଧ୍ୟ କରିନାହାଁନ୍ତି।ଏ ଣୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବେ ଆନ୍ଦୋଳନାତକ ପନ୍ଥା ଗ୍ରହଣ କରିବାକୁ ଯାଉଛି। ଫେବୃଆରୀ ୨୦ ଓ ୨୧ ତାରିଖରେ ଓଡ଼ିଶାର ପ୍ରତ୍ୟେକ ରେଞ୍ଜ କାର୍ଯ୍ୟାଳୟରେ ଶତାଧିକ କର୍ମଚାରୀ ଗଣଧାରଣା କରିବେ। ଏହା ସତ୍ତ୍ୱେ ଯଦି କର୍ମଚାରୀଙ୍କ ସମସ୍ୟାର ସମାଧାନ ନ କରାଯାଏ, ତେବେ ଆସନ୍ତା ୨୭ ତାରିଖରେ କେନ୍ଦୁପତ୍ର ଉତ୍ପାଦନ ହେଉଥିବା ୨୨ଟି ଜିଲ୍ଲାରେ ଜାତୀୟ ଓ ରାଜ୍ୟ ରାଜପଥରେ ପୂର୍ବାହ୍ନ ୧୦ ଘଣ୍ଟିକା ଠାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ସଂଘ ରାଜ୍ୟବ୍ୟାପୀ ରାସ୍ତାରୋକ ଆନ୍ଦୋଳନ କରିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଧାରଣାରେ ବାଲିମେଳା କେନ୍ଦୁପତ୍ର ବନାଞ୍ଚଳ ଅଧୀନ କାଲୁରାମ ବରେଟ, ମଦନ ମୋହନ ରଥ, ବିଜୟ କୁମାର, ଗୋପୀନାଥ, ଆନନ୍ଦ ଭଗବାନ ପ୍ରଧାନୀଙ୍କ ସମେତ ସମସ୍ତ ଚେକର,ସମସ୍ତ ମୁନସୀ ଓ ଫଡି ସାଥି ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ଉପସ୍ଥିତ ରହିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ।

## ୪ବର୍ଷ ହେଲା ଜିଲ୍ଲାକୁ ମିଳିନି ଖେଳ ସାମଗ୍ରୀ କ୍ରୟ ପାଇଁ ଅନୁଦାନ

# ୫ ବ୍ଲକ୍‌ରେ ସମ୍ପୂର୍ଣ୍ଣ ହୋଇନି ମିନି ଷ୍ଟାଡିୟମ

ରାୟଗଡ଼ା,୨୦।୨(ସମିସ): ଆର୍ଥିକ ବର୍ଷ ୨୦୨୨-୨୩ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୪ବର୍ଷ ଧରି ରାୟଗଡ଼ା ଜିଲ୍ଲାର ବ୍ଲକ୍, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦକୁ କୌଣସି ଖେଳ ସାମଗ୍ରୀ କ୍ରୟ ପାଇଁ ଅର୍ଥ ପ୍ରଦାନ କରାଯାଇ ନାହିଁ ବୋଲି ଆଜି ରାୟଗଡା ବିଧାୟକ କ୍ରାଡାକା ଆପଲାସ୍ୱାମୀଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା ୮୯୯ରେ କରିଥିବା ପ୍ରଶ୍ନର ଉତ୍ତର ବିଧାନସଭାରେ ରଖିଛନ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ),କ୍ରୀଡା ଓ ଯୁବ ସେବା ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ବିଧାୟକ ଶ୍ରୀ କାଡ୍ରକା ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୨-୨୩ ଠାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାର କେଉଁ ବ୍ଲକ୍‌କୁ କେତେ ଟଙ୍କା ମିନି ଷ୍ଟାଡିୟମ ବାବଦରେ ଖର୍ଚ୍ଚ ପାଇଁ ଅର୍ଥ ଦିଆଯାଇଛି ଏବଂ କେଉଁ ବିଭାଗ କାର୍ଯ୍ୟ ସମାପ୍ତ ପରେ ବିଭାଗକୁ ବିନିଯୋଗ ପ୍ରମାଣପତ୍ର (ୟୁସି)ପ୍ରଦାନ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଥିସହ ବର୍ତମାନ ଏହାର ସ୍ଥିତି କଣ ଏବଂ ଉକ୍ତ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ଖେଳ ସାମଗ୍ରୀ କ୍ରୟ ନିମନ୍ତେ କେତେ ଅର୍ଥ ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। କ୍ରୀଡା ଓ ଯୁବ ସେବା ବିଭାଗୀୟ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ଉତ୍ତରରେ ସରକାର ବ୍ଲକ୍‌ସ୍ତରୀୟ ମିନି ଷ୍ଟାଡିୟମ ଯୋଜନା ଅନ୍ତର୍ଗତ ରାୟଗଡ଼ା ଜିଲ୍ଲାରେ ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଁଏ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ଗତ ୨୦୧୫-୧୬ ଓ ୨୦୧୬-୧୭ଆର୍ଥିକ ବର୍ଷରେ ୨୦ଲକ୍ଷ ଲେଖାଁଏ ଅର୍ଥ ପ୍ରଦାନ କରିଛନ୍ତି। ଜମି ଚିହ୍ନଟ ପ୍ରକ୍ରିୟା ବିଳମ୍ବ ପାଇଁ ପୁଣି ଥରେ ଜିଲ୍ଲା ପ୍ରଶାସନକୁ ଆର୍ଥିକ ବର୍ଷ ୨୦୨୨-୨୩ରେ ମିନି ଷ୍ଟାଡିୟମ ନିର୍ମାଣ ବାବଦକୁ ପଦ୍ମପୁର ଓ କୋଲନରା ବ୍ଲକକୁ ୨୦ଲକ୍ଷ ଲେଖାଁଏ ପ୍ରଦାନ କରିଥିଲେ। ତେବେ ଜିଲ୍ଲାରୁ କେବଳ ବିଷମକଟକ ବ୍ଲକକୁ ବାଦ ଦେଲେ ଅନ୍ୟ ୧୦ଟି ବ୍ଲକର ବିନିଯୋଗ ପ୍ରମାଣ ପତ୍ର ବିଭାଗ ପାଖରେ ଏଯାବତ୍ ହସ୍ତଗତ ହୋଇନ ଥିବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ଉତରରେ ଉପସ୍ଥାପନା କରିଥିଲେ। ଏହି ବ୍ଲକସ୍ତରୀୟ ମିନି ଷ୍ଟାଡିୟମ ଯୋଜନା ଆର୍ଥିକ ବର୍ଷ ୨୦୧୮-୧୯ରୁ ବନ୍ଦ ହୋଇଥିବା ବେଳେ ବର୍ତମାନ ଜିଲ୍ଲାର ଗୁଣପୁର, ବିଷମକଟକ,କୋଲନରା, ରାୟଗଡା, ଚନ୍ଦ୍ରପୁର ଓ ରାମନାଗୁଡା ବ୍ଲକ୍‌ରେ ମିନି ଷ୍ଟାଡିୟମ ସଂପୂର୍ଣ୍ଣ ହୋଇଥିବା ନେଇ ତଥ୍ୟ ଦିଆଯାଇଥିବା ବେଳେ କାଶିପୁର,ଗୁଡାରୀ, ପଦ୍ମପୁର, ମୁନିଗୁଡାରେ କାର୍ଯ୍ୟ ଚାଲୁ ରହିଥିବା ବେଳେ କଲ୍ୟାଣସିଙ୍ଗପୁର ବ୍ଲକ୍‌ରେ ଏହା ଆରମ୍ଭ ହିଁ ହୋଇ ନ ଥିବା ବିଭାଗୀୟ ତଥ୍ୟ କହୁଛି। ସେହିପରି ରାୟଗଡ଼ାର ମିନି ଷ୍ଟାଡିୟମ ମଧ ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇ ନ ଥିବା ବେଳେ ଏହାର କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ମନ୍ତ୍ରୀ ନିଜ ତଥ୍ୟରେ ଉପସ୍ଥାପନା କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାରେ ମିନି ଷ୍ଟାଡିୟମ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ବେଳେ ବର୍ତ୍ତମାନ ସରକାର ବ୍ଲକ୍‌ସ୍ତରୀୟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ୧୪କୋଟିରୁ ଉର୍ଦ୍ଧ ଟଙ୍କାରେ ନିର୍ମାଣ ପାଇଁ ଘୋଷଣା କରିଥିବା ବେଳେ ଏହା କେତେ ଫଳପ୍ରଦ ହେବ ତାହାକୁ ନେଇ କ୍ରୀଡାବିତମାନେ ଆଶା ଓ ଆଶଙ୍କାରେ ରହିଛନ୍ତି।

## ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ନନ୍ଦପୁର, ୨୦।୨(ସମିସ): ପ୍ରସିଦ୍ଧ ହନୁମାନ ମନ୍ଦିର ପ୍ରାଙ୍ଗଣରେ ନନ୍ଦପୁର ଐତିହ୍ୟ ସମ୍ପନ୍ନ ଦୋଳ ପୂର୍ଣ୍ଣିମା ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠ ରେ ଗ୍ରାମର ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ ଗୋପାଳ କୃଷ୍ଣ ବେବର୍ତ୍ତା, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲାରି, ସାମାଜିକ କର୍ମୀ ମୁନା ଦଳପତି, ପୂର୍ବତନ ସରପଞ୍ଚ କେଶବ ଖରା, ଯୁବନେତା ପ୍ରଭାତ ଗୁରୁ ମାଇ, ଯୁଧିଷ୍ଠିର ଖରା, ବାବୁ ରାଓ ଖରା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଗ୍ରାମବାସୀ ଯୋଗ ଦେଇ ଚଳିତ ବର୍ଷ ଦୋଳ ପୂର୍ଣ୍ଣିମା ଯାତ୍ରା ନେଇ ଆଲୋଚନା କରିଥିଲେ। ଆସନ୍ତା ମାସ ୩ ତାରିଖରେ ହେବାକୁ ଥିବା ଦୋଳ ପୂର୍ଣ୍ଣିମା ଯାତ୍ରା ଶୃଙ୍ଖଳିତ ସହ ଐତିହ୍ୟ ରୀତି ନୀତି ସହ ଜାକ ଜମକରେ ଆୟୋଜିତ କରିବାକୁ ଆଲୋଚନା କରାଯାଇଥିଲା । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ନନ୍ଦପୁର ଦୋଳ ଯାତ୍ରା ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା ।

# କୋରାପୁଟ ଲୋକ ଉତ୍ସବ ପାଳିତ





କୋରାପୁଟ,୨୦।୨(ସମିସ): ସ୍ଥାନୀୟ କୋଟସ୍ ପରିସରରେ ଆକ୍ସିସ ବ୍ୟାଙ୍କ ଫାଉଣ୍ଡେସନ ସହାୟତାରେ କୋଟସ୍ ଏବଂ କୋଲକାତାସ୍ଥିତ ସାମାଜିକ ସଂସ୍ଥା କଣ୍ଟାକ୍ଟ ବେସର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ରୁଟସ୍ ଟୁ ପ୍ରସ୍ପେରିଟି ପ୍ରକଳ୍ପ ଆନୁକୂଲ୍ୟରେ ତିନିଦିନିଆ ଲୋକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। କୋଟସର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୋରାପୁଟ ଜିଲ୍ଲାର ଐତିହ୍ୟ, ପରମ୍ପରା ଏବଂ ଆଦିବାସୀ ସଂସ୍କୃତିର ବୈଶିଷ୍ଟ୍ୟ ଏବଂ ସେମାନଙ୍କ ଲୋକନୃତ୍ୟ, ଲୋକ ଗୀତ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ କାରୁକାର୍ଯ୍ୟ ଗୁଡିକ ଉପରେ ଆଲୋକପାତ କରିବା ସହ ଆଦିବାସୀ ସଂପ୍ରଦାୟର ମହାନତା ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପ୍ରଚାର ଓ ପ୍ରସାର କରିବା ନିମନ୍ତେ ଆୟୋଜକ ମାନଙ୍କୁ ନିବେଦନ କରିଥିଲେ। କଣ୍ଟାକ୍ଟ ବେସ୍‌ର ନିର୍ଦ୍ଦେଶିକା ଅନନ୍ୟା ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଉପାଧିପ୍ରାପ୍ତ କୋଟପାଡର ବୁଣାକାର ଗୋବର୍ଦ୍ଧନ ପାନିକା ସମ୍ମାନିତ ଅତିଥି ଭେବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦିବାସୀ ସଂସ୍କୃତି ଉପରେ ଡ. ରାଜେନ୍ଦ୍ର ପାଢୀ, ପ୍ରଫେସର ମାଗୁଣି ଚରଣ ବେହେରା ଏବଂ ଡ. ପରେଶ ରଥ ଆଲୋଚନା କରିଥିଲେ। ଏହି ଉଦଘାଟନୀ ଲୋକ ଉତ୍ସବରେ କୋରାପୁଟର ବହୁ ମାନ୍ୟଗଣ ବ୍ୟକ୍ତି, ସ୍ଥାନୀୟ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଧାନ ଫାଉଣ୍ଡେସନ, ଶୋଭା, ଏଫ.ଇ.ଏସ୍, ପ୍ରଗତୀ, ଏକତା ଇତ୍ୟାଦିର କାର୍ଯ୍ୟକର୍ତ୍ତା, ଡ. ଜଗବନ୍ଧୁ ସାମଲ, ସେନ୍ତୋଷ କୁମାର ପଣ୍ଡା, ଡ. ଅଶୋକ କୁମାର ନନ୍ଦ, ଡ. ନରେନ୍ଦ୍ର କୁମାର ରଥ, ଡ. ସାବିତ୍ରୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।ବାଞ୍ଛାନିଧୀ ଚୌଧୁରୀ, ଦୀପକ କୁମାର କାଣ୍ଡି, ଗୋପୀନାଥ ପ୍ରଧାନ, ବଳରାମ ନାୟକ, ରୁବେନ ମାଲୀ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କଣ୍ଟାକ୍ଟ ବେସର ନିର୍ଦ୍ଦେଶିକା ଅନନ୍ୟା ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ବୃଦ୍ଧ ବିକାଶ

## ତଦନ୍ତ କରି ଭତ୍ତା ଯୋଗାଇ ଦିଆଯିବ: ବିଡିଓ



କାଲିମେଳା,୨୦।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିତ୍ରାଙ୍ଗପଲ୍ଲି ପଞ୍ଚାୟତ ଅନ୍ତର୍ଗତ ଏମପିଭି -୮ ଗ୍ରାମର ବିକାଶ ବାଛାଡ (୬୭) ନାମକ ଜଣେ ବିକଳାଙ୍ଗ ବୃଦ୍ଧଙ୍କୁ ଭତ୍ତା ମିଳୁନଥିବା ଅଭିଯୋଗ ହୋଇଛି। ସରକାର ବୃଦ୍ଧବୃଦ୍ଧାମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା, ସ୍ୱାମୀ ପରିତ୍ୟକ୍ତ ମହିଳାମାନଙ୍କ ପାଇଁ ସ୍ୱାମୀ ପରିତ୍ୟକ୍ତ ଭତ୍ତା, ବିକଳାଙ୍ଗ ମାନଙ୍କ ବିକଳାଙ୍ଗ ଭତ୍ତା ଓ ବିଧବା ମହିଳା ମାନଙ୍କ ପାଇଁ ବିଧବା ଭତ୍ତା ଭଳି ଅନେକ ଯୋଜନା କରିଛନ୍ତି। ହେଲେ ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଆଜିବି କାଲିମେଳା ବ୍ଲକର ବହୁ ଗରିବ ଅସହାୟ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଥିବା ଦେଖିବାକୁ ମିଳୁଛି। ପ୍ରଶାସନିକ ଅଧିକାରୀମାନଙ୍କ ଦାୟିତ୍ୱହୀନତା ତଥା ଖାମଖିଆଲ ମନୋଭାବ ଯୋଗୁ ଏପରି ସମସ୍ୟା ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ହିତାଧିକାରୀ ମାନେ ବାରମ୍ବାର ଆସି ନିରାଶ ହେଉଛନ୍ତି। ବୃଦ୍ଧଙ୍କ ୭୦ ଭାଗ ମାନସିକ ଅଗ୍ରସର ଦିବ୍ୟାଙ୍ଗ ପ୍ରମାଣପତ୍ର ଥିବା ବେଳେ ପରିବାର ଲୋକେ ବାରମ୍ବାର ଭତ୍ତା ପାଇଁ ଆବେଦନ କରୁଥିଲେ ମଧ ତାଙ୍କୁ ଭତ୍ତା ମିଳି ପାରୁନାହିଁ। ଏହାସହ ତାଙ୍କ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଥିବାରୁ ଚଳିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁଥି ପାଇଁ ବିକଳାଙ୍ଗ ବୃଦ୍ଧ ଜଣଙ୍କ ପରିବାର ପାଇଁ ବୋଝ ସଦୃଶ ହୋଇପଡିଛନ୍ତି। ସେ ସରକାରଙ୍କ ଠାରୁ ଭତ୍ତା ପାଇଲେ ନିଜର ଖର୍ଚ୍ଚ ତୁଲାଇ ପାରିବା ସହିତ ପରିବାର ଉପରେ ଆର୍ଥିକ ବୋଝରୁ ମୁକ୍ତ କରିପାରନ୍ତେ। ତେବେ ତୁରନ୍ତ ତାଙ୍କୁ ଭତ୍ତା ଦେବା ପାଇଁ ପ୍ରଶାସନ ନିକଟରେ ପରିବାର ସହିତ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କାଲିମେଳା ବିଡିଓ ପ୍ରଦୀପ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସେ ତାଙ୍କର କାଗଜପତ୍ର ସମ୍ପୂର୍ଣ୍ଣ ହେଲେ ଭତ୍ତା ଯୋଗାଇ ଦିଆଯିବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ତେବେ ପ୍ରଶାସନ କେବେ ଉକ୍ତ ବିକଳାଙ୍ଗ ବୃଦ୍ଧଙ୍କୁ ଭତ୍ତା ଯୋଗାଇ ଦେବ ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ବୋରିଗୀ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

ନାରାୟଣପାଟଣା,୨୦।୨(ସମିସ): ନାରାୟଣପାଟଣା ବ୍ଲକ ବୋରିଗୀ। ପଞ୍ଚାୟତର ଉନ୍ନୀତ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ପ୍ରଧାନ ଶିକ୍ଷକ ସୁଦିନ ବିଡ଼ିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଈଶ୍ୱର ମୁଦୁଲି, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ପାଙ୍ଗି, ପୂର୍ବତନ ସରପଞ୍ଚ ମୁସିକା ପେଣ୍ଟା ଯୋଗ ଦେଇଥିଲେ। ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପିଏମ୍‌ଶ୍ରୀ ସ୍କୁଲର ବିକାଶ ପାଇଁ ଦେଇଛନ୍ତି। ହଷ୍ଟେଲରେ ରହି ପାଠପଢି ଉନ୍ନତ ମାନର ଶିକ୍ଷା ଗ୍ରହଣ କରିବା ପାଇଁ ସ୍କୁଲ ଜରିଆରେ ଶିକ୍ଷା ଗ୍ରହଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ କରିବା ସହ ଆଗକୁ ନିଜକୁ ଭଲ ମଣିଷ ହେବା ପାଇଁ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ ବ୍ଲକ୍ ଅଧ୍ୟକ୍ଷ। ମା ବାପାଙ୍କୁ ସମ୍ମାନ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷା ଗ୍ରହଣ ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଆଦର୍ଶ ଭାବେ ଗ୍ରହଣ କରି ତାଙ୍କ ପ୍ରେରଣା ପାଇ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



## ଭାସ୍କେଲ ନଦୀରୁ ବାଲି ଚୋରାଚାଲାଣ

# ବାଲି ମାଫିଆ ମାଲେମାଲ, ବିଭାଗ ଚୁପ୍

କୋଷାଗୁମୁଡ଼ା,୨୦।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ରେ ଦୁଇଟି ପ୍ରମୁଖ ନଦୀ ରହିଛି। ଗୋଟିଏ ହେଲା ଇନ୍ଦ୍ରାବତୀ ନଦୀ, ଆଉ ଗୋଟିଏ ହେଲା ଭାସ୍କେଲ ନଦୀ। ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଏହି ଦୁଇଟି ନଦୀର ବାଲି ଉଠାଣ ପାଇଁ ବାଲି ଟେଣ୍ଡର ଦେଇଛନ୍ତି। ଆଉ କିଛି ଘାଟରେ ଟେଣ୍ଡର ହୋଇନାହିଁ। ସରକାରଙ୍କ ନିର୍ଦ୍ଦେଶ ରହିଛି କି ବାଲି ଟେଣ୍ଡର ହୋଇଥିବା ସ୍ଥାନରେ କେବଳ ଶ୍ରମିକ ଲଗାଇ ବାଲି ଉଠାଣ କରାଯିବ । କିନ୍ତୁ ବାଲି ଟେଣ୍ଡର ନେଇଥିବା ଲିଜ ଧାରୀ ମାନେ ଶ୍ରମିକ ବଦଳରେ ଜେସିବି ମେସିନ ଦ୍ୱାରା ବାଲି ବିଭିନ୍ନ ଗାଡ଼ିରେ ଲୋଡ୍ କରୁଛନ୍ତି। ସେହିଭଳି ବାଲି ଟେଣ୍ଡର ହୋଇନଥିବା ଘାଟରୁ ବାଲି ଚୋରାରେ ଚାଲାଣ କରାଯାଉଛି। ଏଭଳି ଘଟଣା ସନ୍ତୋଷପୁର ଗାଁ ଭାସ୍କେଲ ନଦୀ ଘାଟ ନିକଟରେ ଚୋରା ବାଲି ଚାଲାଣ କରି ମାଲେ ମାଲ ହେଉଛନ୍ତି ସ୍ଥାନୀୟ କିଛି ମୁଷ୍ଟିମେୟ ଟ୍ରାକ୍ଟର ମାଲିକ। ପ୍ରତିଦିନ ସକାଳ ୬ଟାରେ ୯ରୁ ଅଧିକ ଟ୍ରାକ୍ଟରରେ ବାଲି ବୋଝେଇ କରି ବେନିୟମ ଭାବରେ ବେଫିକର ଭାବେ ବାଲି ସୌରତରୁ ଚୋରି କରାଯାଉଛି। ସ୍ଥାନୀୟ ମାଇନିଂ ବିଭାଗ ଓ ରାଜସ୍ୱ ବିଭାଗ ପାଖରେ ଏହି ଖବର ଥିଲେ ମଧ ବାଲି ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ସାଧାରଣ ଅଭିଯୋଗ ହୋଇଛି । ଅଭିଯୋଗ କରାଗଲେ ନାମକୁ ମାତ୍ର କିଛି ଜରିମାନା ଆଦାୟ କରି ପ୍ରଶାସନ ଚୁପ୍ ହୋଇ ଯାଉଥିବା ଅଭିଯୋଗ ହୋଇଛି। ସେହିପରି ବାଲି ଲିଜ ନେଇଥିବା ଲିଜଧାରୀ ମାନେ ଯେଉଁ ସ୍ଥାନରେ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ରହିଥିଲେ ତାହା ପାଳନ ନକରି ମନଇଚ୍ଛା ବାଲି ଉଠାଉଥିବା ଅଞ୍ଚଳରେ ଅଭିଯୋଗ ହୋଇଛି। ଗୋଟିଏ ରୟାଲଟି କାଟି ଅନେକ ଗାଡ଼ିରେ ବାଲି ଚାଲାଣ ହେଉଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଖରା ଦିନ। ନଦୀରେ ପାଣି କମ ରହିଥିବାର ସୁଯୋଗ ନେଇ କିଛି ବାଲି ମାଫିଆ ମାନେ ବିଭିନ୍ନ ସ୍ଥାନରେ ବାଲି ସବୁ ଗଛିତ ରଖିଥିବା ବେଳେ ଏହା ସମ୍ପୂର୍ଣ୍ଣ ବେନିୟମ କାର୍ଯ୍ୟ । ଏଥିପ୍ରତି କାହାର ଦୃଷ୍ଟି ପଡୁ ନାହିଁ। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଷାଗୁମୁଡ଼ା ବ୍ଲକବାସୀ ଦାବି କରିଛନ୍ତି।



# ଗାଁକୁ ନାହିଁ ପକ୍କା ରାସ୍ତା, ଲୋକେ ହନ୍ତସନ୍ତ




ପୋଡ଼ାଗଡ଼,୨୦।୨(ସମିସ): ସ୍ୱାଧୀନତାର ୭୮ ବର୍ଷ ବିତଯାଇଥିଲେ ସୁଦ୍ଧା ଅନେକ ଗ୍ରାମରେ ନାହିଁ ପକ୍କା ରାସ୍ତା। ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ସରକାର ଫେଲ ମାରିଥିବା ଅନେକ ସ୍ଥାନରେ ଦେଖାଦେଇଛି। ଏହିପରି ଏକ ଗ୍ରାମ ଅଛି ଯେଉ ଗାଁରେ କି ଗାଁକୁ ଯିବାପାଇଁ ରାସ୍ତା ଖଣ୍ଡେ ନାହିଁ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଏ ମାଲକାନଗିରି ପଞ୍ଚାୟତ ଅନ୍ତର୍ଗତ ପୁଟୁମାରି ଗ୍ରାମକୁ ଯିବାପାଇଁ ରାସ୍ତା ଖଣ୍ଡେ ନାହିଁ। ପକ୍କା ରାସ୍ତା ତ ଦୂରର କଥା ମେଟାଲ ମୋରମ ରାସ୍ତା ମଧ ନାହିଁ। କେତେ ବର୍ଷ ପୂର୍ବରୁ ଏକ ମାଟିରାସ୍ତା ନିର୍ମାଣ କରା ଯାଇଥିଲା । କିନ୍ତୁ ତାହା ଏବେ ଗାଡ଼ି ଯିବାର ଦୂରର କଥା, ଲୋକ ଚାଲିବାରେ ମଧ ଅସୁବିଧା ହେଉଥିବା ଦେଖାଦେଇଛି। ଯଦି ଗାଁର କୌଣସି ଲୋକର ଦେହ ଖରାପ ହୁଏ, କିମ୍ବା ପ୍ରସୂତି ନିମନ୍ତେ ମହିଳା ମାନଙ୍କୁ ହସ୍ପିଟାଲ ନେବାକୁ ହୁଏ, ତେବେ ପ୍ରାୟ ୩ ରୁ ୪ କିମି ଦୂର ଭାରରେ ବୋହି ପାଇକ ପୁକି କିମ୍ବା କଡ଼ମାଝଲା ଗାଁକୁ ନେଇ ସେଠାରୁ ଆମ୍ବୁଲାନ୍ସ ଯୋଗେ କୋରାପୁଟ କିମ୍ବା ପୋଡ଼ାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼େ ବୋଲି ଗ୍ରାମବାସୀ କହିଛନ୍ତି। ଶୀତ ଋତୁ ଓ ଗ୍ରୀଷ୍ମ ଋତୁରେ ଯେମିତି ସେମିତି ଯିବା ଆସିବା ହୋଇଥାଏ, କିନ୍ତୁ ବର୍ଷା ଆସିଗଲେ ଅନେକ ଦୁର୍ଦ୍ଦଶା ଭୋଗିବାକୁ ପଡ଼େ। ପିଡିଏସ୍ ସାମଗ୍ରୀ ଆଣିବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ଓ କୌଣସି କାମ ନିମନ୍ତେ ପଞ୍ଚାୟତ ଅଫିସକୁ ଯିବାକୁ ହେଲେ ନାଳ ଡେଇଁ ଯିବାକୁ ପଡିଥାଏ। ଗ୍ରାମବାସୀ କହିବା ମୁତାବକ ଉକ୍ତ ଗ୍ରାମରେ ପ୍ରାୟ ୩୦ରୁ ୪୦ ଘର କନ୍ଧ ଆଦିବାସୀ ।୨୦ରୁ ୩୦ ଘର ଗଉଡ଼ ପରିବାର। ଏହି ଗ୍ରାମରେ ବିଦ୍ୟାଳୟ ମଧ ରହିଛି । ବିଦ୍ୟାଳୟକୁ ଶିକ୍ଷକ ଶିକ୍ଷୟିତ୍ରୀ ମଧ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସୁବିଧା ନେଇ ଅନେକ ବାର ପଞ୍ଚାୟତରେ ଜଣାଇବା ସହ ବ୍ଲକରେ ମଧ କୁହାଯାଇଥିବା ଗ୍ରାମବାସୀ କହିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ ନିମନ୍ତେ ଚେଷ୍ଟା କରାଯାଇଥିଲା, କିନ୍ତୁ ଫୋନ ନ ଲାଗିବାରୁ ଯୋଗାଯୋଗ ହୋଇ ନ ପାରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ପମ୍ପ ହାଉସ୍‌ରୁ ବିଦ୍ୟୁତ୍ ବିଚ୍ଛିନ୍ନ କଲା ଟିପିଏସ୍‌ଓଡିଏଲ୍

# ୧୦ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ଖଲିଗୁଡ଼ା ଗ୍ରାମବାସୀ




## ବିଡିଓ କହିଲେ ନିନ୍ଦନୀୟ ଘଟଣା

ରାୟଗଡ଼ା, ୨୦।୨(ସମିସ): ବିଦ୍ୟୁତ୍ ବିଲ ବକେୟା ଯୋଗୁଁ ପାନୀୟ ଜଳ ପାଇବାରୁ ବଞ୍ଚିତ ଗ୍ରାମବାସୀ। ରାୟଗଡାର ଟାଟା ପାୱାର ପକ୍ଷରୁ ଜଳ ଯୋଗାଣ ପମ୍ପ ହାଉସକୁ ୬ ଲକ୍ଷ ଟଙ୍କା ବିଦ୍ୟୁତ ବିଲର ଜରିମାନା ପକାଇ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଫଳରେ ଗାଁରେ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ଗତ ୧୦ ଦିନ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି ଲୋକେ। ଏହିଭଳି ପରିସ୍ଥିତିରେ ଉପାୟ ନପାଇ ଆଜି ରାୟଗଡା ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ଖଲିଗୁଡା ଗ୍ରାମବାସୀ। ରାୟଗଡ଼ା ବ୍ଲକ କତାପେଟା ପଞ୍ଚାୟତ ଖଲିଗୁଡା ଗ୍ରାମରେ ଦେଖାଦେଇଛି ଏଭଳି ସମସ୍ୟା। ରାୟଗଡ଼ା ସହର ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ୩୨୬ନମ୍ବର ଜାତୀୟ ରାଜପଥ କଡରେ ଅବସ୍ଥିତ କୋତାପେଟା ଗ୍ରାମ ପଞ୍ଚାୟତ ଖଲିଗୁଡା ଗ୍ରାମ। ଏହି ଗ୍ରାମର ଚାରିଟି ସାହିରେ ୨୫୦ ଘର ରହିଥିବା ବେଳେ ଜନସଂଖ୍ୟା ଏକ ହଜାରରୁ ଅଧିକ ରହିଛି। ଜଳ ଯୋଗାଣ ପାଇଁ ଗାଁରେ ପମ୍ପ ହାଉସ୍ ସହିତ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ତେବେ ଗତ ୧୧ ତାରିଖରେ ଟାଟା ପାୱାର ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଯାଞ୍ଚ କରିଥିଲେ ଏକ ଟିମ୍। ଖଲିଗୁଡ଼ା ସ୍ଥିତ ପମ୍ପ ହାଉସରେ ବିଦ୍ୟୁତ ସଂଯୋଗରେ କିଛି ସମସ୍ୟା ପରିଲିକ୍ଷିତ ହୋଇଥିଲା। ଏହାପରେ ୬ ଲକ୍ଷ ଟଙ୍କା ଜରିମାନା ପକାଇ ଚାଲି ଯାଇଥିଲେ ଟାଟା ପାୱାର କର୍ମଚାରୀ। ତୁରନ୍ତ ତାହା ପଇଠ ପାଇଁ ନିର୍ଦ୍ଦେଶ ଦେଇ ସନ୍ଧ୍ୟାରେ ବିଦ୍ୟୁତ ସଂଯୋଗ ବିଚ୍ଛିନ କରିଥିଲା ଟାଟା ପାୱାର। ଆଉ ସେବେଠାରୁ ପମ୍ପ ହାଉସକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଫଳରେ ଜଳଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଯଦ୍ୱାରା ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ହଜାରରୁ ଉଜାର ଲୋକ ପାଣି ନପାଇ ହନ୍ତସନ୍ତ ହେଉଛନ୍ତି। ନିତିଦିନ ସକାଳୁ ଏକ କିଲୋମିଟର ଦୂରରେ ଥିବା ନାଗାବଳୀ ନଦୀ ଯାଇ ଦୂଷିତ ଜଳ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ଖରା ଦିନ ଆରମ୍ଭ ହୋଇଥିବା ବେଳେ ଟାଟା ପାୱାରର ଏହିଭଳି ପଦକ୍ଷେପ ବିରୋଧରେ ଲୋକେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଛନ୍ତି। ଆଜି ରାୟଗଡ଼ା ବିଡିଓ ସୁଜିତ୍ ମିଶ୍ରଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି ଗ୍ରାମବାସୀ। କତାପେଟା ସରପଞ୍ଚ ପ୍ରସାଦ ହୁଇକାଙ୍କ ନେତୃତ୍ୱରେ ଗ୍ରାମବାସୀ ବିଡିଓ ନିକଟରେ ଅଭିଯୋଗ କରିଥିଲେ। ଆସନ୍ତାକାଲି ସକାଳ ସୁଦ୍ଧା ଜଳ ଯୋଗାଣ ସ୍ୱାଭାବିକ ନ ହେଲେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସୂଚନା ଦେଇଛନ୍ତି ଗ୍ରାମବାସୀ। ତେବେ ଏଥିରେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ତ୍ରୁଟି ରହିଥିବା ବିଡିଓ ଶ୍ରୀ ମିଶ୍ର ପ୍ରକାଶ କରିଥିବା ବେଳେ ଟିପିଏସଓଡିଏଲ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ସାହୁ ବିଦ୍ୟୁତ ବିଲ ପୈଠ ନ ହେବ ଏବଂ ବେଆଇନ ବିଦ୍ୟୁତ ସଂଯୋଗ ଥିବା ଯୋଗୁଁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିବା କହିଛନ୍ତି ।

## ରାଜ୍ୟରେ ବଢୁଛି ଡ୍ରପ୍‌ଆଉଟ୍ ହାର

# ଅଧାରୁ ପାଠ ଛାଡୁଛନ୍ତି ୧୫% ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୦ା୨(ସମିସ): ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍‌ଆଉଟ୍ ହାର କ୍ରମାଗତ ଭାବେ ବଢୁଛି। ପୂର୍ବବର୍ଷ ତୁଳନାରେ ୨୦୨୪-୨୫ ଶିକ୍ଷାବର୍ଷରେ ଡ୍ରପ୍‌ଆଉଟ୍ ହାର ବଢ଼ି ୧୫ ପ୍ରତିଶତରେ ପହଞ୍ଚିଛି। ଅଧିକ ସଂଖ୍ୟାରେ ନବମ ଓ ଦଶମ ଶ୍ରେଣୀ ପିଲାମାନେ ଅଧାରୁ ପାଠପଢ଼ା ଛାଡୁଛନ୍ତି। ରାଜ୍ୟରେ ଡ୍ରପ୍-ହାଉଟ୍ ହାର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବିଧାନସଭାରେ ଆଜି ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି।

ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରଖିଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ ଶିକ୍ଷାବର୍ଷରେ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ୧୫ ପ୍ରତିଶତ ଛାତ୍ରଛାତ୍ରୀ ପାଠ ଛାଡ଼ିଛନ୍ତି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ତୁଳନାରେ ନବମ ଓ ଦଶମ ଶ୍ରେଣୀରୁ ଅଧିକ ପିଲା ଡ୍ରପ୍-ଆଉଟ୍ ହୋଇଛନ୍ତି। ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ଅଧାରୁ ପାଠ ଛାଡୁଛନ୍ତି। ୧୭.୩ ପ୍ରତିଶତ ଛାତ୍ର ବିଦ୍ୟାଳୟ ଛାଡ଼ିଥିବା ବେଳେ ୧୨.୫ ପ୍ରତିଶତ ଛାତ୍ରୀ ଅଧାରୁ ବିଦ୍ୟାଳୟ ଆସିନାହାନ୍ତି। ନବରଙ୍ଗପୁର ଜିଲ୍ଲାରେ ଏହି ସ୍ଥିତି ଅଧିକ ଉତ୍କଟ ହୋଇଛି। ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାରୁ

■ ନବମ ଓ ଦଶମ ଶ୍ରେଣୀରେ ସର୍ବାଧିକ
■ ୨୦୨୦ରୁ କମୁଥିଲା ୨୦୨୪ରେ ବଢ଼ିଲା

୨୯.୭ ପ୍ରତିଶତ ଛାତ୍ରଛାତ୍ରୀ ପାଠ ଛାଡ଼ିଛନ୍ତି। ସେହିପରି, ବୌଦ୍ଧ ଜିଲ୍ଲାର ଡ୍ରପ୍‌ଆଉଟ୍ ହାର ୨୩.୮ ପ୍ରତିଶତ ରହିଥିବା ବେଳେ ସୀମାନ୍ତ ନୂଆପଡ଼ା ଜିଲ୍ଲାରେ ୨୩.୨, ଭଦ୍ରକ, ଗଜପତି, ମାଲକାନାଗିରି, କୋରାପୁଟ ଜିଲ୍ଲାରେ ଡ୍ରପ୍‌ଆଉଟ୍ ହାର ୨୧ ପ୍ରତିଶତରୁ ଅଧିକ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଖଣି ସମୃଦ୍ଧ ଜିଲ୍ଲା ଅନୁଗୋଳ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ଡ୍ରପ୍-ଆଉଟ୍ ହାର ଉଦବେଗଜନକ ଭାବେ ବୃଦ୍ଧି ପାଇ ୨୦ ଉପରକୁ ଯାଇଛି। ସମସ୍ତ ଜିଲ୍ଲାରେ ଛାତ୍ରୀଙ୍କ ତୁଳନାରେ ଛାତ୍ରଙ୍କ ପାଠ ଛାଡ଼ିବା ହାର ଅଧିକ ରହିଛି। ମାତ୍ର ଖୋର୍ଦ୍ଧା ଜିଲ୍ଲାରେ ଏହାର ଓଲଟା ଚିତ୍ର ଅର୍ଥାତ୍ କେହି ଛାତ୍ରଛାତ୍ରୀ ଡ୍ରପ୍-ଆଉଟ୍ ହୋଇନାହାନ୍ତି। ଅପରପକ୍ଷରେ ପ୍ରାଥମିକ ବିଦ୍ୟାଳୟ ଅର୍ଥାତ୍ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୦.୭ ପ୍ରତିଶତ ରହିଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠ ଛାଡ଼ିବା ହାର ୩.୨ ପ୍ରତିଶତ ରହିଛି।

୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ଭାବେ ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଥିବା ବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ଡ୍ରପ ଆଉଟ୍ ହାର ବଢ଼ିଛି। ଅପରପକ୍ଷରେ ଚଳିତ ବର୍ଷ ପ୍ରଥମ ଦିନରେ ପ୍ରାୟ ୧୨ ହଜାର ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇନାହାନ୍ତି। ଏଣୁ ଏହି ହାର ଆଗକୁ ଅଧିକ ବଢ଼ିପାରେ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ୩୨୦୮ ପିଲା ଦେଲେନି +୨ ପରୀକ୍ଷା

ଭୁବନେଶ୍ୱର, ୨୦ା୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଚାଲିଥିବା ବେଳେ ଡ୍ରପ-ଆଉଟ୍ ସଂଖ୍ୟା ଆଶ୍ଚର୍ଯ୍ୟଚକିତ କରିଛି। ଚଳିତବର୍ଷ ବିଜ୍ଞାନ ବିଭାଗର ମାତୃଭାଷା(ଓଡ଼ିଆ) ପରୀକ୍ଷାରେ ୧୫୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବେଳେ କଳା ଓ ବାଣିଜ୍ୟ ବିଭାଗର ମୋଟ୍ ୩୨୦୮ ପିଲା ପରୀକ୍ଷା ଦେଇ ନାହାନ୍ତି। ଅର୍ଥାତ୍ ଧନ୍ଦାମୂଳକ ବର୍ଗ ବ୍ୟତୀତ ଚଳିତ ବର୍ଷ ସମୁଦାୟ ୩୩୬୫ ପିଲା ଯୁକ୍ତ ଦୁଇ ଡ୍ରପ୍ ଆଉଟ୍ ହୋଇଛନ୍ତି।

**ଡ୍ରପ୍-ଆଉଟ୍ ସଂଖ୍ୟା ୩୩୬୫ ଛୁଇଁଲା**
**କପି କରି ଧରାପଡ଼ିଲେ ଜଣେ**

ସିଏଚ୍‌ଏସ୍‌ଇର ତଥ୍ୟ ଅନୁଯାୟୀ, ଆଜି କଳା ବିଭାଗର ମାତୃଭାଷା (ଓଡ଼ିଆ) ପରୀକ୍ଷା ଅନୁଷ୍ଠିତ ହୋଇଛି। ସମୁଦାୟ ୨ ଲକ୍ଷ ୪୯ ହଜାର ୪୫୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିବା ବେଳେ ତହିଁରୁ ୨୮୯୯ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି। ଅନୁରୂପ ଭାବେ ବାଣିଜ୍ୟରେ ୧୯ ହଜାର ୧୪ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ୩୨୦୮ ପିଲା ପରୀକ୍ଷା ଦେଇନାହାନ୍ତି। ଏହା ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଜ୍ଞାନ ବିଭାଗର ମାତୃଭାଷା (ଓଡ଼ିଆ) ପରୀକ୍ଷାରେ ୧୫୭ଜଣ ଅନୁପସ୍ଥିତ ଥିଲେ। ଅର୍ଥାତ୍ ଚଳିତ ବର୍ଷ ସମୁଦାୟ ୩୩୬୫ ପିଲା ଯୁକ୍ତ ଦୁଇ ପରୀକ୍ଷା ଦେଇନାହାନ୍ତି। ଅନୁପାତ ଦେଖିଲେ, ବାଣିଜ୍ୟରେ ଅଧିକ ପିଲା ପରୀକ୍ଷା ଦେଇନାହାନ୍ତି ବା ଅଧାରୁ ପାଠ ଛାଡ଼ିଛନ୍ତି।

ଏହି ସଂଖ୍ୟା ଶିକ୍ଷାବିତ୍‌ମହଲରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ତ୍ୱରିତ ତର୍ଜମା କରାଯାଇ ଡ୍ରପ୍-ଆଉଟ୍ ରୋକିବା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଅପରପକ୍ଷେ, ଆଜି ସମସ୍ତ ୧୩୫୭ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ପରୀକ୍ଷାରେ ବିଭ୍ରାଟ ନେଇ କୌଣସି ଅଭିଯୋଗ ହୋଇନଥିବା ବେଳେ କପି କରି ଜଣେ ଧରାପଡ଼ିଛନ୍ତି।

■ ଶିକ୍ଷା ସହାୟକ ନିଯୁକ୍ତି ମାମଲା

# ଆବେଦନକାରୀ ପ୍ରାର୍ଥୀଙ୍କ ସପକ୍ଷରେ ହାଇକୋର୍ଟଙ୍କ ରାୟ

କଟକ, ୨୦ା୨ (ସମିସ): ରାଜ୍ୟରେ ଶିକ୍ଷା ସହାୟକ ନିଯୁକ୍ତିକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବୟସ ଅଧିକ ହେବା କାରଣରୁ ନିଯୁକ୍ତିରୁ ବଞ୍ଚିତ ହୋଇଥିବା ଆବେଦନକାରୀ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସହ ସରକାରଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ଏହି ଆବେଦନଗୁଡ଼ିକୁ ପୂର୍ବରୁ ପ୍ରଦତ୍ତ ହାଇକୋର୍ଟଙ୍କ ବବିତା ଶତପଥୀ ବନାମ ଓଡ଼ିଶା ସରକାର ମାମଲାର ରାୟ ଆଧାରରେ ବିଚାର କରିବା ସହ ଖାଲି ପଡ଼ିଥିବା ପଦବୀରେ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ନେଇ ଗଠିତ ଖଣ୍ଡପୀଠ ତନ୍ମୟ କୁମାର ପାତ୍ର ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ୨୦୧୬ ମସିହାରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସହାୟକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ପ୍ରାର୍ଥୀମାନେ ତାଲିମପ୍ରାପ୍ତ ଗ୍ରାଜୁଏଟ୍ ଏବଂ ଓଟିଇଟି ପାସ୍ କରିଥିଲେ ମଧ୍ୟ ସେମାନଙ୍କ ଆବେଦନକୁ କେବଳ ଅଧିକ ବୟସ କାରଣ ଦର୍ଶାଇ ଖାରଜ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ପ୍ରାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମାନ ଧରଣର ଅନ୍ୟ ଏକ ମାମଲାରେ ପୂର୍ବରୁ ହାଇକୋର୍ଟ କେତେକ ପ୍ରାର୍ଥୀଙ୍କ ସପକ୍ଷରେ ରାୟ ପ୍ରଦାନ କରିଥିବାରୁ ଏହି ମାମଲାରେ ସମାନ ଆଦେଶ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ଅସ୍ତ୍ରୋପଚାରଜନିତ ତ୍ରୁଟିରୁ ମହିଳାଙ୍କ ମୃତ୍ୟୁ ମାମଲା

# ନିମ୍ନ ଅଦାଲତରେ ଆତ୍ମସମର୍ପଣ ପରେ ଜାମିନରେ ମୁକୁଳିବେ ଡାକ୍ତର

କଟକ, ୨୦ା୨ (ସମିସ): ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ପେଟ ଭିତରେ ଗଜ୍ କପଡ଼ା ଛାଡ଼ିଦେବା ଭଳି ସଂଘାତିକ ଚିକିତ୍ସା ଅବହେଳା ମାମଲାରେ ଅଭିଯୁକ୍ତ ଡାକ୍ତର ସଞ୍ଜିତ ମହାପାତ୍ରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଆବେଦନକାରୀ ଡାକ୍ତରଙ୍କୁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବା ସହ ଜାମିନରେ ମୁକୁଳିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତର ମହାପାତ୍ରଙ୍କ ତରଫରୁ ରୁଜୁ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଡାକ୍ତର ଆଗାମୀ ୧୪ଦିନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଜିଲ୍ଲା ଓ ଦୌରାଜଜ୍ ତଥା ଏସସି/ଏସ୍‌ଟି ଆକ୍ଟ ଅନ୍ତର୍ଗତ ସ୍ୱତନ୍ତ୍ର କୋର୍ଟରେ ଆତ୍ମସମର୍ପଣ କରିବେ। ଆତ୍ମସମର୍ପଣ ପରେ ତାଙ୍କୁ ୩୦ ହଜାର ଟଙ୍କା ଏବଂ ଜଣେ ଜାମିନଦାରଙ୍କ ବଦଳରେ ଜାମିନରେ ମୁକ୍ତ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୨୫ ସେପ୍ଟେମ୍ବର ୨୭ ତାରିଖରେ ଜଣେ ମହିଳା ଏକ ନର୍ସିଂହୋମ୍‌ରେ ସନ୍ତାନ ପ୍ରସବ କରିଥିଲେ। ସେଠାରେ ଡାକ୍ତର ସଞ୍ଜିତ ମହାପାତ୍ର ତାଙ୍କର ଅସ୍ତ୍ରୋପଚାର କରିଥିଲେ। ମାତ୍ର ଅଭିଯୋଗ ଅନୁଯାୟୀ, ଅସ୍ତ୍ରୋପଚାର ସମୟରେ ଡାକ୍ତରଜଣଙ୍କ ମହିଳାଙ୍କ ପେଟ ଭିତରେ ଏକ ଗଜ୍ କପଡ଼ା ଛାଡ଼ି ଦେଇଥିଲେ। ଫଳରେ, ପରବର୍ତ୍ତୀ ସମୟରେ ମହିଳାଙ୍କ ଶରୀରରେ ସଂକ୍ରମଣ ସେପ୍ଟିସିମିଆ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ବାଲିଅନ୍ତା ଥାନାରେ ଆବେଦନକାରୀଙ୍କ ବିରୋଧରେ ଆଇପିସି ଧାରା ୩୦୪-କ ସମେତ ଏସ୍‌ସି/ଏସ୍‌ଟି ଆକ୍ଟ ଅଧୀନରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ପ୍ରକ୍ରିୟା ଶେଷ ହୋଇ ଚାର୍ଜସିଟ୍ ଦାଖଲ ସରିଥିବା କୋର୍ଟଙ୍କୁ ଅବଗତ କରାଯାଇଥିଲା।

## ବୁଢ଼ାବଳଙ୍ଗରୁ ଅବୈଧ ବାଲି ଉତ୍ତୋଳନ

# ପ୍ରତିପକ୍ଷଙ୍କୁ ଏନଜିଟିର ନୋଟିସ୍ ଜାରି

ବାରିପଦା, ୨୦ା୨ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତର ଶଙ୍ଖମୁଣ୍ଡ ଗ୍ରାମରେ ଥିବା ବୁଢ଼ାବଳଙ୍ଗ ନଦୀ ବାଲିଖାଦାନ (ବାଲିଶଯ୍ୟା-୩)ରେ ଚାଲିଥିବା ଅବୈଧ ବାଲି ଉତ୍ତୋଳନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ପୂର୍ବାଞ୍ଚଳ ବେଞ୍ଚ, କୋଲକାତାରେ ଏକ ଆବେଦନ ଦାଖଲ ହୋଇଛି। ପ୍ରମୋଦ କୁମାର ହେମ୍ବ୍ରମ ଏହି ଆବେଦନ କରି ବାଲି ଉତ୍ତୋଳନ ବନ୍ଦ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଏନ୍‌ଜିଟି ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସମ୍ପାଦକ, ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ ସଦସ୍ୟ ସମ୍ପାଦକ, ମୟୂରଭଞ୍ଜ ଜିଲ୍ଲାପାଳ, ବେତନଟୀ ତହସିଲଦାର ଓ ଲିଜ୍‌ଧାରୀଙ୍କୁ ଏନ୍‌ଜିଟି ପକ୍ଷରୁ ଗୁରୁବାର ନୋଟିସ୍ ଜାରି ହୋଇଥିବା ଆବେଦନକାରୀଙ୍କ ଓକିଲ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଆବେଦନରେ ଦର୍ଶାଯାଇଛି ଯେ ଲିଜ୍‌ଧାରୀ ପ୍ରିୟଙ୍କା ବେହେରା ପରିବେଶ ଅନୁମତି (ଇସି), କନସେଣ୍ଟ ଟୁ ଅପରେଟ୍ (ସିଟିଓ) ଓ ସ୍ଥାୟୀ ବାଲି ଖନନ ନିର୍ଦ୍ଦେଶାବଳୀ-୨୦୧୬ର ନିୟମ ଉଲ୍ଲଙ୍ଘନ କରି ବାଲି ଉତ୍ତୋଳନ କରୁଛନ୍ତି।




### ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

# ରାଜରାସ୍ତାରେ ବସିଲେ ଆଇନଜୀବୀ



ପୁରୀ,୨୦ା୨(ସମିସ): ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର ପାଇଁ ମସୁଧା ଚାଲିଛି। ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ।

**ଜାତୀୟ ରାଜପଥରେ ଅଟକି ରହିଲା ଶହଶହ ଗାଡ଼ି**
**ଦାବି ପୂରଣ ନ ହେଲେ ୨୭ରେ ପୁରୀ ବନ୍ଦ**

ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଏହି ସତ୍ୟାଗ୍ରହକୁ ୩୬୦ ଦିନ ବିତିଯାଇଥିଲେ ମଧ୍ୟ ନା ପ୍ରଶାସନ ନା ସରକାର, କେହି ଶୁଣିବାକୁ ନାରାଜ। ଫଳରେ, ପୂର୍ବ ନିଷ୍ପତ୍ତି ଆଧାରରେ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଥିଲେ ଆଇନଜୀବୀ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଅବରୋଧ କରିଥିଲେ। ଶହଶହ ଓକିଲ ଏହି ରାସ୍ତାରୋକରେ ସାମିଲ ହୋଇ ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିଥିଲେ। ତୁରନ୍ତ ପୁରୀ କୋର୍ଟ କମ୍ପ୍ଲେକ୍ସ ସ୍ଥାନାନ୍ତର ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଥିଲେ। ଏହି ରାସ୍ତାରୋକ ଫଳରେ ପ୍ରାୟ ୫ ଘଣ୍ଟା ଧରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ଫଳରେ ଭକ୍ତ, ପର୍ଯ୍ୟଟକ ଦୀର୍ଘ ସମୟ ଧରି ହନ୍ତସନ୍ତ ହୋଇଥିଲେ। ଯଦି ସରକାର ଆଇନଜୀବୀଙ୍କ ଏହି ଦାବି ପୂରଣ ନ କରନ୍ତି, ଆସନ୍ତା ୨୭ ତାରିଖରେ ପୁରୀ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛି ପୁରୀ ଜିଲ୍ଲା ଓକିଲ ସଂଘ।

ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ କୁମାର ରାୟଗୁରୁ, ସୋମନାଥ ଦାସ, କର୍ଣ୍ଣବୀର ମହାପାତ୍ର, ଭାଗବତ ପ୍ରସାଦ ପଟ୍ଟନାୟକ, ଅନୀଲ ସାହୁ, ବିଶ୍ୱଜିତ୍ ପ୍ରଧାନ, ପ୍ରିୟଦର୍ଶନ ପଟ୍ଟନାୟକ, ସାରଦା ସାମଲ, ବିଭୂତି ତ୍ରିପାଠୀ, ବୈଦ୍ୟନାଥ ପାଣି, ଜ୍ୟୋତି ପ୍ରକାଶ ମହାନ୍ତି, ତାପସ ବଳିଆରସିଂ, ବିମଳେନ୍ଦୁ ଦାସ, ତୃପ୍ତିମୟୀ ମହାପାତ୍ର, ସୋମନାଥ ରଣା, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଗିରିଧାରୀ ମହାପାତ୍ର, ମନୋଜ ଦାସ, ରମେଶ ପ୍ରଧାନ, ଜୟନାରାୟଣ ପଟ୍ଟନାୟକ, ରବିନାରାୟଣ ପ୍ରଧାନ, ଉମାକାନ୍ତ ବରାଳ, ସୁଶାନ୍ତ ଦାସ, ସରୋଜିନୀ ସିଂହ, ଅରୁନ୍ଧତୀ ବେହେରା, ଜୟନ୍ତ ମହାପାତ୍ର, ସୁସ୍ମିତା ମହାନ୍ତି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହେବେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ

କଟକ, ୨୦ା୨(ସମିସ): କରିଲୋପାଟଣା ଡିଗ୍ରି କଲେଜ ଅଧ୍ୟକ୍ଷଙ୍କ ଦରମା ବନ୍ଦ ପ୍ରସଙ୍ଗରେ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୩ରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ହାଜର ହୋଇ ଅଦାଲତ ଅବମାନନା ମାମଲାରେ ଉତ୍ତର ରଖିବେ। କରିଲୋପାଟଣା କଲେଜ ଅଧ୍ୟକ୍ଷ ଲଳିତ ମୋହନ ସାମନ୍ତରାୟଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତକ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଦରମା ବନ୍ଦକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୫ ନଭେମ୍ବର ୧୦ରେ ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ଦାବିପତ୍ର ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କ ଦାବି ଉପରେ କୌଣସି ନିଷ୍ପତ୍ତି ନିଆନଯିବାରୁ ସେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି।

### କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା

# ସରକାରଙ୍କୁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ

କଟକ, ୨୦ା୨ (ସମିସ): କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିଷେଧ, ନିବାରଣ ତଥା ପ୍ରତିକାର) ଆଇନ-୨୦୧୩ର କଡ଼ାକଡ଼ି କାର୍ଯ୍ୟକାରିତାକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ସରକାର ପାଳନ କରିନଥିବା ଦର୍ଶାଇ ଡକ୍ଟର ସୁଜାତା ଦାଶଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ବିଚାର କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୧୫ରେ ହାଇକୋର୍ଟ ଏହି ଆଇନର ଧାରା ୧୯ (ବି) ଅନୁଯାୟୀ ବିହିତ ପଦକ୍ଷେପ ନେବାକୁ ସରକାରଙ୍କୁ ୩ ମାସ ସମୟ ଦେଇଥିଲେ। ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ହସ୍ପିଟାଲ ଏବଂ ସାର୍ବଜନୀନ ପରିବହନ (ବସ୍) ଆଦି ସ୍ଥାନରେ ମହିଳାଙ୍କ ସୁରକ୍ଷା ନିମନ୍ତେ ସଚେତନତା

**ମାର୍ଚ୍ଚ ୧୩ ସୁଦ୍ଧା ଦାଖଲ ହେବ ଜବାବ**
**୨୦୧୩ ଯୌନ ଉତ୍ପୀଡ଼ନ ନିଷେଧ ଆଇନର ଅନୁପାଳନରେ ଅବହେଳା ଅଭିଯୋଗ**
**ବିଲ୍‌ବୋର୍ଡ ଓ ଟୋଲ-ଫ୍ରି' ନମ୍ବର ପ୍ରଦର୍ଶନ ନେଇ ପକ୍ଷ ରଖିବେ ସରକାର**

ସୃଷ୍ଟି କରାଯିବ। ବିଶେଷକରି ସେଠାରେ ବିଲ୍‌ବୋର୍ଡ ମାଧ୍ୟମରେ ଏକ ପ୍ରତିବଦ୍ଧ ଟୋଲ-ଫ୍ରି' ହେଲ୍ପଲାଇନ୍ ନମ୍ବର ପ୍ରଦର୍ଶନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି କୌଣସି ମହିଳା କର୍ମକ୍ଷେତ୍ରରେ ନିର୍ଯାତନା ବା ଗରିମା ଉଲ୍ଲଙ୍ଘନର ସମ୍ଭାବନା ଦେଖନ୍ତି, ତେବେ ସେ ତୁରନ୍ତ ସେହି ନମ୍ବରରେ ରିପୋର୍ଟ କରିପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହୋଇପାରିବ।

ଶୁଣାଣି ସମୟରେ ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ଦର୍ଶାଇଥିଲେ ଯେ ମହିଳାଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କେଉଁ ସବୁ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଇଛି ଏବଂ ଆଗକୁ କ'ଣ ଯୋଜନା ରହିଛି, ସେନେଇ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ହେବାକୁ ଧାର୍ଯ୍ୟ କରାଯାଇଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ଦ୍ଦେଶ ଅନୁପାଳନ ନ ହୁଏ, ଏହାକୁ ଅଦାଲତଙ୍କ ଆଦେଶର ଅବମାନନା ଭାବେ ଗ୍ରହଣ କରାଯିବ।

# ନିଶା ନିବାରଣ କେନ୍ଦ୍ରର ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ

ବାରିପଦା, ୨୦ା୨ (ସମିସ): ବାରିପଦା ସହରର ୧୫ନଂ ୱାର୍ଡରେ ଚାଲିଥିବା ନିଉଷ୍ଟେପ୍ ନିଶା ନିବାରଣ କେନ୍ଦ୍ରର ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ, ବାରିପଦା ସହରର ୭ନଂ ଓ୍ୱାର୍ଡର ଅରୁଣ ସାହୁ(୫୫)।

ସେ ସାଙ୍ଗମାନଙ୍କ ସହିତ ମିଶି ଅଧିକାଂଶ ସମୟରେ ମଦ୍ୟପାନ/ନିଶାସେବନ କରୁଥିବାରୁ ପରିବାରଲୋକେ ତାଙ୍କୁ ନ୍ୟୁ-ଷ୍ଟେପ୍ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ଶୁକ୍ରବାର ତାଙ୍କର ଛାତିବ୍ୟଥା ହେବାରୁ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଟାଉନ୍ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ନିଶା ନିବାରଣ କେନ୍ଦ୍ରର ଦାୟିତ୍ୱହୀନତା ଅରୁଣଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ଟାଉନ୍ ଥାନା ପୁଲିସ ମୃତକଙ୍କ ସହ ରହୁଥିବା ସାଥୀ ୩ ଅନ୍ତେବାସୀଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ କେନ୍ଦ୍ରର ସିସି କେମେରା ଯାଞ୍ଚ କରୁଛି। ଅପରପକ୍ଷେ ନିଶା ନିବାରଣ କେନ୍ଦ୍ରର ମାଲିକ କିମ୍ବା ଘରଭଡ଼ା ଦେଇଥିବା ବ୍ୟକ୍ତି ଘଟଣାରେ ନିଜକୁ ସୁରକ୍ଷିତ ଦୂରତାରେ ରଖିବାରେ ସଫଳ ରହିଛନ୍ତି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରରେ ଛାତ୍ର ଅଶାନ୍ତି

# ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ




କୋରାପୁଟ/ସୁନାବେଡ଼ା, ୨୦ା୨(ସମିସ): କିଛି ଦିନର ବ୍ୟବଧାନ ପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଛି। ବିଭିନ୍ନ ସମସ୍ୟା ନେଇ ପୁଣି ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶୁକ୍ରବାର ସକାଳେ ଛାତ୍ରଛାତ୍ରୀ ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସ୍‌ର ମେନ୍-ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ସେମାନେ କୁଳପତିଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ମଧ୍ୟ ଛାତ୍ରଛାତ୍ରୀଙ୍କ ଦାବିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲା। ଆନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟର ହଷ୍ଟେଲ କ୍ୟାଣ୍ଟିନ ସହ ମେସ୍ ସମ୍ପୂର୍ଣ୍ଣ ଅବ୍ୟବସ୍ଥାରେ ଥିବା ବେଳେ ଅତି ନିମ୍ନମାନର ଖାଦ୍ୟ ଦିଆଯାଉଛି। ବିଭିନ୍ନ ବିଭାଗରେ ବାରମ୍ବାର ଦାବି ସତ୍ତ୍ୱେ ଅଧ୍ୟାପକ ନିଯୁକ୍ତି କରାଯାଉନି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ଠିକ୍ ସମୟରେ ପରୀକ୍ଷା କରା ନଯିବା ଓ ପରୀକ୍ଷା ଫଳ ପ୍ରକାଶ ନହେବା ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ନଷ୍ଟ ହେଉଥିବା, ନୂତନ ବାଳିକା ହଷ୍ଟେଲରେ ୱାଇଫାଇ ସୁବିଧା ନଥିବା ଏବଂ ବିଏସସି ଡାଇରୀ ଟେକ୍ନୋଲୋଜି ପରୀକ୍ଷା ଫଳାଫଳ ବିଳମ୍ବ ହେଉଛି। ଅଭିଯୋଗ କଲେ ଭାରପ୍ରାପ୍ତ କୁଳପତିଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଓଲଟା ଧମକ ମିଳୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରିବା ସହ ସତ୍ୟାସତ୍ୟ ଯାଞ୍ଚ କରି ଭାରପ୍ରାପ୍ତ କୁଳପତିଙ୍କୁ ବିଶ୍ୱବିଦ୍ୟାଳୟର ଦାୟିତ୍ୱରୁ ମୁକ୍ତ କରିବାକୁ ଦାବି କରାଯାଇଛି।

ଅନ୍ୟପକ୍ଷରେ ଭାରପ୍ରାପ୍ତ କୁଳପତି ଡ. ନୃସିଂହ ଚରଣ ପଣ୍ଡା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ୭ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

# ପ୍ରଦୀପ ଜେନାଙ୍କ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲା ପ୍ରତ୍ୟାହୃତ

କଟକ, ୨୦ା୨(ସମିସ): ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପ୍ରଦୀପ କୁମାର ଜେନାଙ୍କ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ପ୍ରତ୍ୟାହାର ପାଇଁ ନିବେଦନ କରିବା ପରେ ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସୁବ୍ରତ କୁମାର ତ୍ରିପାଠୀଙ୍କ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମାମଲାରୁ ପ୍ରକାଶ ଯେ ଶ୍ରୀ ଜେନା ଓଇଆରସି ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ଗତବର୍ଷ ଭୁବନେଶ୍ୱର କ୍ଲବର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଆଇନ ଅନୁସାରେ ଏହା ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ୨୦୨୫, ଅକ୍ଟୋବରରେ ହାଇକୋର୍ଟରେ ଦାୟର କରାଯାଇଥିଲା।

# ଶିମିଳିପାଳରୁ ୩୯ ଶିକାରୀ ଗିରଫ



ବାରିପଦା, ୨୦ା୨(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନରୁ ବନ ବିଭାଗ ଏକାଥରକେ ୩୯ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୯ଟି ଦେଶୀ ବନ୍ଧୁକ, ୨୦ଟି ଧନୁ, ବାରୁଦ ଓ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

**୯ ଦେଶୀ ବନ୍ଧୁକ ଓ ୨୦ ଧନୁ ଜବତ**

ଅଭିଯୁକ୍ତମାନେ ଉଦଳା ଥାନା ଅଧୀନ ଅମ୍ବିକାଦେଈପୁର, ମହାଲିସାହି, ଲୁକୁଇଡା, ମାଟାକମାଟିଆ, ଜିତୁସାହି, ଖଳାଡି, ଲଙ୍ଗାଡି ଗ୍ରାମର ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଗୁରୁବାର ରାତିରେ ଏହି ଶିକାରୀମାନେ ସଂଘବଦ୍ଧ ଭାବେ ଅଭୟାରଣ୍ୟର ଜେନାବିଲ ରେଞ୍ଜରେ ପ୍ରବେଶ କରିଥିଲେ। ବନବିଭାଗ ପକ୍ଷରୁ ଜଙ୍ଗଲରେ ଖଞ୍ଜାଯାଇଥିବା ଏଆଇ କ୍ୟାମେରାରୁ ଏହା ସଙ୍ଗେସଙ୍ଗେ ଜଣାପଡ଼ିଯାଇଥିଲା। ତେଣୁ, ବନ ବିଭାଗ ଅଧିକାରୀ ଓ କର୍ମଚାରୀ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପହଞ୍ଚି କମ୍ବି ଅପରେସନ୍ ଆରମ୍ଭ କରିଥିଲେ। ଏହି ଅପରେସନରେ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ଫୋର୍ସ (ଏସଟିପିଏଫ)ର ୩ଟି ଦଳ ଓ ୩ଟି ରେଞ୍ଜର୍ କର୍ମଚାରୀ ସାମିଲ ହୋଇଥିଲେ। ୨୪ ଘଣ୍ଟାର ଅପରେସନ୍ ପରେ ସମସ୍ତ ଅଭିଯୁକ୍ତଙ୍କୁ ଠାବ କରାଯାଇଥିଲା। ପରେ ଶିକାରୀମାନେ ନିରୁପାୟ ହୋଇ ଆତ୍ମସମର୍ପଣ କରିଥିଲେ। ଏନେଇ ଜେନାବିଲ ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ବେଆଇନ ବନ୍ଧୁକ ରଖିବାକୁ ନେଇ ଆର୍ମସ୍ ଆକ୍ଟ ଅନୁଯାୟୀ ଥାନାରେ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଡ. ଗୋଗେନାନୀ କହିଛନ୍ତି।

### ବେଲୁଚ୍ ବିଦ୍ରୋହୀଙ୍କ କବ୍‌ଜାରେ କାନ୍ଦୁଛନ୍ତି ପାକ୍ ସୈନିକ

# 'ଦେଶ ପାଇଁ ଲଢୁଛୁ; ସରକାର ପଚାରୁନାହାନ୍ତି'

ଇସଲାମାବାଦ୍, ୨୦।୨(ଏଜେନ୍ସି): ପାକିସ୍ତାନ ସେନାରେ ଅଧିକାରୀଙ୍କ ଦବଦବା କାହାକୁ ଅଛପା ନାହିଁ। କିଏ ବିଦେଶରେ ଘର କିଣିଲାଣି ତ ଆଉ କିଏ ସେବା ସାରିବା ପରେ ଅନ୍ୟ ଦେଶରେ ରହିବାକୁ ପ୍ରସ୍ତୁତ କଲାଣି। ସବୁ ବଡ଼ ବଡ଼ ଅଧିକାରୀ ଅମାପ ସମ୍ପତ୍ତିର ମାଲିକ। ମାତ୍ର ପାକିସ୍ତାନ ସେନାର ସାଧାରଣ ସୈନିକ ସ୍ଥିତି ସବୁଠାରୁ ଖରାପ ରହିଛି। ବିପଦରେ ପଡ଼ିଲେ ସହାୟତା ଦେବାର ଦୂରର କଥା, ଯବାନଙ୍କ ହାତ ମଧ୍ୟ ଛାଡ଼ି ଦେଉଛି। ଏହାର ଏକ ବିକଳ ଭିଡିଓ ଭାଇରାଲ ହେବାରେ ଲାଗିଛି। ବିଦ୍ରୋହୀ ସଂଗଠନ ବେଲୁଚ୍ ଲିବରେସନ ଆର୍ମି (ବିଏଲ୍ଏ) ପକ୍ଷରୁ ଏକ ନୂତନ ଭିଡ଼ିଓ ଜାରି କରାଯାଇଛି। ଏଥିରେ ବନ୍ଦୀଥିବା ପାକିସ୍ତାନ ସୈନ୍ୟମାନେ କାନ୍ଦି କାନ୍ଦି ନିଜ ସରକାରଙ୍କୁ ସାହାଯ୍ୟ ମାଗୁଥିବା ଦେଖାଯାଇଛି।

ଏହି ଭିଡ଼ିଓ ପାକ୍ ସେନାର ସେହି ଦାବିକୁ ମିଥ୍ୟା ପ୍ରମାଣିତ କରିଛି, ଯେଉଁଥିରେ କୁହାଯାଇଥିଲା ଯେ ସେମାନଙ୍କର କୌଣସି ସୈନିକ ନିଖୋଜ ହୋଇନାହାନ୍ତି। ଏହି ଭିଡ଼ିଓରେ ୭-୮ ଜଣ ସୈନିକ ଆଣ୍ଠୁମାଡ଼ି ବସିଥିବା ଦେଖାଯାଇଛି। ପାକିସ୍ତାନ ସେନା ଆମକୁ ନିଜର ଭାବୁନାହିଁ ଓ ସେନା ଦେଇଥିବା ଆମର ପରିଚୟପତ୍ରକୁ ବୈଧ ବୋଲି ଭାବୁନାହିଁ। ଫେବୃଆରୀ ୧୪ରେ ବିଏଲ୍ଏ ଏହି ସୈନିକଙ୍କୁ ଅପହରଣ କରିଥିଲା। ବିଏଲ୍ଏ ସରକାରଙ୍କୁ ଫେବୃଆରୀ ୨୨ ପର୍ଯ୍ୟନ୍ତ କଣ୍ଟ ଦେଇଛି। ଯଦି ବନ୍ଦୀ ବିନିମୟ (ବେଲୁଚ ବନ୍ଦୀଙ୍କ ମୁକ୍ତି) ନେଇ ଆଲୋଚନା ନଲ ହୁଏ, ତେବେ ଏହି ସୈନିକମାନଙ୍କୁ ଫାଶୀ ଦିଆଯାଇପାରେ



ବୋଲି ବିଏଲ୍ଏ ଚେତାବନୀ ଦେଇଛି। ତେବେ ପାକିସ୍ତାନ ସେନା ପକ୍ଷରୁ କୁହାଯାଇଥିଲା ଯେ ସେମାନଙ୍କର କୌଣସି ସୈନିକ ଆତଙ୍କବାଦୀ ଗୋଷ୍ଠୀର ହେପାଜତ୍‌ରେ ନାହାନ୍ତି। ଭିଡ଼ିଓରେ ସୈନିକମାନେ ସେମାନଙ୍କ ଅଫିସିଆଲ ସର୍ଭିସ କାର୍ଡ କ୍ୟାମେରା ସମ୍ମୁଖରେ ଦେଖାଉଛନ୍ତି। ତେଣୁ ପାକ୍ ସେନାର ଦାବି ମିଥ୍ୟା ବୋଲି ପ୍ରମାଣିତ ହେଉଛି।

### 'ଏଆଇ ସମ୍ମିଳନୀ'ରେ ଯୁଥ୍ କଂଗ୍ରେସର ହଙ୍ଗାମା

# ପୋଷାକ ଖୋଲି ବିକ୍ଷୋଭ ପ୍ରଦର୍ଶନ

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା 'ଇଣ୍ଡିଆ ଏଆଇ ସମ୍ମିଳନୀ ୨୦୨୬'ରେ ଶୁକ୍ରବାର ଦିନ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରି ଭାରତୀୟ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପୋଷାକ ଖୋଲି ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ପ୍ରାୟ ୧୫ରୁ ୨୦ ଜଣ ଯୁବ କଂଗ୍ରେସ କର୍ମକର୍ତ୍ତା ସମ୍ମିଳନୀ କକ୍ଷ ଭିତରରେ ପଶି ଟି-ସାର୍ଟ ଖୋଲି 'ମୋଦୀ ଇଜ୍ କମ୍ପ୍ରୋମାଇଜ୍‌ଡ' ଅର୍ଥାତ ପ୍ରଧାନମନ୍ତ୍ରୀ ମୋଦୀ ମୁଣ୍ଡ ନଇଁବା ସହ ବୁଝାମଣା କରିଛନ୍ତି। ସେମାନଙ୍କ ହାତରେ ଥିବା ଟି-ସାର୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଟୋ ଥିଲା। ସୂଚନା ପାଇବା ମାତ୍ରେ ସୁରକ୍ଷାକର୍ମୀ ଓ ଦିଲ୍ଲୀ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଦର୍ଶନକାରୀଙ୍କୁ କାବୁ କରିନେଇଥିଲା। ଏହି ଘଟଣାରେ ୪ରୁ ୫ ଜଣଙ୍କୁ ଗିରଫ କରାଯାଇଛି। କଡ଼ା ସୁରକ୍ଷା ଓ କ୍ୟୁଆର କୋଡ୍ ବ୍ୟବସ୍ଥା ସତ୍ତ୍ୱେ ସେମାନେ କିପରି ଭିତରକୁ ପ୍ରବେଶ କଲେ, ସେ ନେଇ ତଦନ୍ତ ଜାରି ରହିଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଭିଡ଼ିଓ ସେୟାର କରି ଯୁଥ କଂଗ୍ରେସ ଲେଖିଛି ଯେ ଏଆଇ ସମ୍ମିଳନୀରେ ଚକଚକିଆ ମଞ୍ଚ ପଛରେ ସତ୍ୟକୁ ଦବାଇ ଦିଆଯାଇପାରିବ ନାହିଁ। ଯେତେବେଳେ ଦେଶହିତ ଅପେକ୍ଷା କର୍ପୋରେଟ୍ ସଂସ୍କୃତି ଓ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଏ, ସେତେବେଳେ ବିରୋଧ କରିବା ଆମର କର୍ତ୍ତବ୍ୟ।

ବିଜେପି ମଧ୍ୟ କଂଗ୍ରେସର ଏଭଳି ଆଭିମୁଖ୍ୟକୁ ନିନ୍ଦା କରିଛି। ବିଜେପି




ମୁଖପାତ୍ର ଶେହଜାଦ ପୁନାୱାଲା ଏହି ଘଟଣାକୁ ନିନ୍ଦା କରି କହିଛନ୍ତି ଯେ କଂଗ୍ରେସ ପାଇଁ ଏଆଇର ଅର୍ଥ ହେଉଛି 'ଆଣ୍ଟି ଇଣ୍ଡିଆ'। ଏହା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନୁହେଁ, ବରଂ ଭାରତର ସଫଳତା ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି। ଉଲ୍ଲେଖଥାଉ କି, ପ୍ରଧାନମନ୍ତ୍ରୀ ଗତ ୧୬ ତାରିଖରେ ଏହି ୫ ଦିନିଆ ଏଆଇ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ରୁ ଅଧିକ ଦେଶରେ ପ୍ରତିନିଧି, ୨୦ରୁ ଅଧିକ ରାଷ୍ଟ୍ରମୁଖ୍ୟ ଏବଂ ୪୫ରୁ ଅଧିକ ବୈଷୟିକ କମ୍ପାନୀର ମୁଖ୍ୟ ସାମିଲ ହୋଇଛନ୍ତି। 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଥିମ୍‌ରେ ଆୟୋଜିତ ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଏଆଇର ପ୍ରୟୋଗ। ଏହି ସମ୍ମିଳନୀ ପିପୁଲ (ଲୋକ), ପ୍ଲାନେଟ (ଗ୍ରହ) ଓ ପ୍ରୋଗ୍ରେସ (ପ୍ରଗତି) - ଏହି ୩ଟି ସ୍ତମ୍ଭ ଉପରେ ଆଧାରିତ।

## ରଣବୀରଙ୍କୁ ୧୦ କୋଟି ବଟି ମାଗିଲା ଲରେନ୍ସ ଗ୍ୟାଙ୍ଗ୍

ମୁମ୍ବଇ, ୨୦।୨(ଏଜେନ୍ସି): ବଲିଉଡ ଅଭିନେତା ରଣବୀର ସିଂଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ପକ୍ଷରୁ ୧୦ କୋଟି ଟଙ୍କାର ଦାଦାବଟି ମଗାଯାଇଛି। ଗ୍ୟାଙ୍ଗର ସଦସ୍ୟ ହରି ବକ୍ସର ଏକ ଭଏସ୍ ନୋଟ୍ ଜରିଆରେ ରଣବୀରଙ୍କ ମ୍ୟାନେଜରଙ୍କୁ ଏହି ଧମକ ଦେଇଥିବା ଅଭିଯୋଗ ହୋଇଛି। ଏକ ଆମରେକୀୟ ନମ୍ବରରୁ ରଣବୀରଙ୍କ ମ୍ୟାନେଜରଙ୍କ ହ୍ୱାଟ୍ସଆପ୍‌କୁ ଏହି ଭଏସ୍ ନୋଟ ଆସିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଏହି ସ୍ୱର ଲରେନ୍ସ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ ହରି ବକ୍ସର ସହ ମିଶୁଥିବା ଜଣାଯାଇଛି। ଏହି ଧମକ ପରେ ରଣବୀର ଓ ତାଙ୍କ ପତ୍ନୀ ତଥା ଦୀପିକା ପାଦୁକୋନ ନିଜର ବ୍ୟକ୍ତିଗତ ସୁରକ୍ଷା ବଢ଼ାଇ ଦେଇଛନ୍ତି। ସେମାନଙ୍କ ବାସଭବନରେ ୬ ଜଣ ସଶସ୍ତ୍ର ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ମୁମ୍ବଇ ପୁଲିସର କ୍ରାଇମ ବ୍ରାଞ୍ଚ୍ ଏହି ମାମଲାର ତଦନ୍ତ କରୁଛି। ଆମେରିକୀୟ ନମ୍ବର ବିଷୟରେ ତଥ୍ୟ ପାଇବା ପାଇଁ ଭାରତୀୟ ଏଜେନ୍ସିଗୁଡ଼ିକ ଆମେରିକା ସହ ଯୋଗାଯୋଗ କରିଛନ୍ତି।

ହରି ବକ୍ସରର ପ୍ରକୃତ ନାମ ହେଉଛି ହରି ଚାନ୍ଦ ଜାଟ। ସେ ରାଜସ୍ଥାନର ଅଲୱାର ଜିଲ୍ଲାର ବାସିନ୍ଦା। ସେ ଜୟପୁରରେ ବକ୍ସିଂ କୋଚ୍ ଥିଲା। ସେଥିପାଇଁ ତାଙ୍କ ନାମ ହରି ବକ୍ସର ରଖାଯାଇଛି। ସେ ରାଜସ୍ଥାନ, ପଞ୍ଜାବ ଓ ଦିଲ୍ଲୀରେ ଦାଦାବଟି, ଲୁଟ୍ ଓ ହତ୍ୟା ଭଳି ଉଦ୍ୟମରେ ସାମିଲ ରହିବାର ଅଭିଯୋଗ ହୋଇଛି। ପୂର୍ବରୁ ଫେବୃଆରୀ ୧ରେ ବଲିଉଡ ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ଘର ଉପରକୁ ଗୁଳିମାଡ଼ କରାଯାଇଥିଲା।

## ମୋଦୀ-ଟ୍ରମ୍ପ ସାକ୍ଷାତ ଶୀଘ୍ର

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ଖୁବଶୀଘ୍ର ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସକ୍ଷାତ ନେଇ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସେର୍ଗିଓ ଗୋର ସୂଚନା ଦେଇଛନ୍ତି। ଦୁଇ ନେତା ଉପଯୁକ୍ତ ସମୟରେ ପରସ୍ପରକୁ ଭେଟିବେ ବୋଲି ସେ କହିଛନ୍ତି। ନୂଆଦିଲ୍ଲୀରେ ଚାଲିଥିବା ଏଆଇ ସମ୍ମିଳନୀରେ ଯୋଗ ଦେବା ଅବସରରେ ସେ ଏହି କଥା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୫ରେ ଜାନୁଆରୀରେ ଟ୍ରମ୍ପ ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତ ଦାୟିତ୍ୱ ନେବା ପରେ ଫେବୃଆରୀରେ ମୋଦୀ ୱାଶିଂଟନ ଗସ୍ତ କରିଥିଲେ। ମୋଦୀ ମଧ୍ୟ ଟ୍ରମ୍ପଙ୍କୁ ଭାରତ ଆସିବା ପାଇଁ ଟ୍ରମ୍ପଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ଗୋର କହିଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତି ଖୁବଶୀଘ୍ର ସ୍ୱାକ୍ଷରିତ ହେବ। ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ଆସନ୍ତା କିଛି ମାସ ମଧ୍ୟରେ କ୍ୱାଡ଼ ବୈଠକରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିବେ ବୋଲି ସେ କହିଛନ୍ତି।

## ଶିବାଜୀ ଜୟନ୍ତୀରେ ଦେଶରେ ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ଉତ୍ତେଜନା

● କର୍ଣ୍ଣାଟକରେ ଶୋଭାଯାତ୍ରା ଉପରକୁ ପଥର ମାଡ଼

ହାଇଦରାବାଦ/ବାଗଲକୋଟ୍, ୨୦।୨(ଏଜେନ୍ସି): ସାରା ଦେଶରେ ଗୁରୁବାର ଛତ୍ରପତି ଶିବାଜୀ ମହରାଜଙ୍କ ଜୟନ୍ତୀ ପାଳନ କରାଯାଉଥିବା ବେଳେ କେତେକ ରାଜ୍ୟର ସାମ୍ପ୍ରଦାୟିକ ଉତ୍ତେଜନାର ଖବର ହସ୍ତଗତ ହୋଇଛି। କର୍ଣ୍ଣାଟକର ବାଗଲ୍‌କୋଟରେ ଶୋଭାଯାତ୍ରା ବେଳେ ପଥର ମାଡ଼ ହୋଇଥିବାବେଳେ ହାଇଦରାବାଦ୍‌ରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବାଗଲକୋଟରେ ଏସ୍‌ପି ସିଦ୍ଧାର୍ଥ ଗୋଏଲଙ୍କ ସୂଚନା ଅନୁଯାୟୀ, ଏହି ପଥର ମାଡ଼ରେ ଜଣେ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଧାରା ୧୬୩ ଲାଗୁ କରାଯାଇଛି। ଏହା ଫେବୃଆରୀ ୨୪ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ବଳବତ୍ତର ରହିବ। ପୁଲିସ ସିସିଟିଭି ଫୁଟେଜର ଯାଞ୍ଚ୍ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଅପରାହ୍ଣ ୩.୩୦ରେ ଶିବାଜୀ ଜୟନ୍ତୀ ଶୋଭାଯାତ୍ରା ଏକ ମସଜିଦ ପାଖ ଦେଇ ଯାଉଥିବା ବେଳେ ପଥର ଫିଙ୍ଗା ଯାଇଥିଲା। ହାଇଦରାବାଦ୍‌ର ଅମ୍ବରପେଟ୍ ଅଞ୍ଚଳରେ ଜଣେ ୟୁଟ୍ୟୁବର ମସଜିଦ ନିକଟରେ ଭିଡ଼ିଓ ରେକର୍ଡିଂ କରୁଥିବା ବେଳେ ବିବାଦ ଆରମ୍ଭ ହୋଇଥିଲା ଓ ତାଙ୍କୁ ଆକ୍ରମଣ କରାଯାଇଥିଲା। ଏହି ସମୟରେ ଶିବାଜୀ ମହାରାଜଙ୍କ ଶୋଭାଯାତ୍ରା ସେହି ମସଜିଦ୍ ସମ୍ମୁଖ ଦେଇ ଯାଉଥିଲା। ଫଳରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଯୁକ୍ତିତର୍କ ଓ ସ୍ଲୋଗାନ ଦେବା ଆରମ୍ଭ ହୋଇଥିଲା। ସ୍ଥିତି ଅଣାୟତ ହେବାରୁ ପୁଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରି ଭିଡ଼କୁ ଛତ୍ରଭଙ୍ଗ କରିଥିଲା। ବର୍ତ୍ତମାନ ସେଠାରେ ଅଧିକ ପୁଲିସ ମୁତୟନ କରାଯାଇଛି। ସେହିପରି ପୁଣେରେ ଶିବନେରୀ ଦୁର୍ଗରେ ଶିବାଜୀ ଜୟନ୍ତୀ ପାଳନ ବେଳେ ପ୍ରବଳ ଗହଳି ଯୋଗୁଁ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା।

### ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ୍' ବୈଠକ

# ଗାଜାକୁ ୧.୫ ଲକ୍ଷ କୋଟିର ସହାୟତା

ୱାଶିଂଟନ, ୨୦।୨(ଏଜେନ୍ସି): ଗାଜାରେ ଶାନ୍ତିର ପ୍ରତିଷ୍ଠା ସହ ପୁନଃନିର୍ମାଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଗଠିତ 'ବୋର୍ଡ ଅଫ୍ ପିସ୍'ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ୱାଶିଂଟନ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ ଭାରତ ଏକ ପର୍ଯ୍ୟବେକ୍ଷକ

■ ଶାନ୍ତି ଚୁକ୍ତି ପାଇଁ ଇରାନକୁ ୧୦ ଦିନିଆ କଣ୍ଟ
■ ପର୍ଯ୍ୟବେକ୍ଷକ ଭାବେ ବୈଠକରେ ସାମିଲ ହେଲା ଭାରତ
■ ଟ୍ରମ୍ପଙ୍କ ଇସାରାରେ ଛିଡ଼ା ହେଲେ ପାକ୍ ପ୍ରଧାନମନ୍ତ୍ରୀ

ଦେଶ ଭାବେ ଅଂଶଗ୍ରହଣ କରିଛି। ଭାରତ ପକ୍ଷରୁ ବରିଷ୍ଠ ଅଧିକାରୀ ନମଗ୍ୟା ସି ଖମ୍ପା ଏଥିରେ ଯୋଗ ଦେଇଥିଲେ। ଏହି ହାଇପ୍ରୋଫାଇଲ ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଯୁଦ୍ଧ ବିଧ୍ୱସ୍ତ ଗାଜାର ପୁନଃନିର୍ମାଣ ପାଇଁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ଏଥିରୁ ଆମେରିକା ଏକାକୀ ୯୦ ହଜାର କୋଟି ଟଙ୍କା ଦେବ। ପୁଣି ଗାଜାରେ ଶାନ୍ତି ବଜାୟ ରଖିବା ପାଇଁ ୫ଟି ଦେଶ ନିଜର ସୈନ୍ୟ ମୁତୟନ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଏହି ଅନ୍ତର୍ଜାତୀୟ ବାହିନୀରେ ପ୍ରାୟ ୨୦, ୦୦୦ ସୈନିକ ଓ ୧୨, ୦୦୦ ପୁଲିସକର୍ମୀ ରହିବେ।

ପରମାଣୁ କାର୍ଯ୍ୟକ୍ରମକୁ ନେଇ ଟ୍ରମ୍ପ ଏହି ବୈଠକରୁ ଇରାନକୁ ଧମକ ଦେଇଛନ୍ତି। ଏଥିପାଇଁ ୧୦ ଦିନର କଣ୍ଟ ପ୍ରଦାନ କରିଛନ୍ତି। ଯଦି ଏହି ସମୟରେ କୌଣସି ସମାଧାନ




ନ ହୁଏ, ତେବେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ମୋଟ୍ ୫୦ଟି ଦେଶର ପ୍ରତିନିଧି ସାମିଲ ହୋଇଥିଲେ। ଏହି ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଛିଡ଼ା ହୋଇ ତାଙ୍କ କଥା ଶୁଣିବାକୁ ନିର୍ଦ୍ଦେଶ ଦେଇଥିଲେ। ବୋଲକରା ତଥା ଆନୁଗତ୍ୟଙ୍କ ଭଳି ସରିଫ ମଧ୍ୟ ତାହା କରିଥିଲେ। ଟ୍ରମ୍ପଙ୍କ ଆଜ୍ଞାଧୀନ ହୋଇଥିଲେ ବି ତାଙ୍କୁ ଗ୍ରୁପ୍‌ରେ ସବୁଠାରୁ ପଛରେ ଛିଡ଼ାହେବାକୁ ପଡ଼ି ଥିଲା। ଏହାକୁ ନେଇ ସାମାଜିକ ଗଣମାଧମରେ ସେ ପରିହାସର ପାତ୍ର ହୋଇଛନ୍ତି। ଶାହବାଜଙ୍କ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇସ୍ରାଏଲ, ସାଉଦି ଆରବ, ୟୁଏଇ, ପାକିସ୍ତାନ, ତୁର୍କୀ ଓ ଇଜିପ୍ଟ ସମେତ ୨୭ଟି ଦେଶ ଏହି ବୋର୍ଡରେ ସାମିଲ ହୋଇଛନ୍ତି।

ଭାରତ ବର୍ତ୍ତମାନ ଏହି ବୋର୍ଡରେ ପୂର୍ଣ୍ଣକାଳୀନ ସଦସ୍ୟ ହେବା ନେଇ କୌଣସି ନିଷ୍ପତ୍ତି ଜଣାଇନାହିଁ। କେବଳ ପର୍ଯ୍ୟବେକ୍ଷକ ଭାବେ ଏହି ବୈଠକରେ ଯୋଗ ଦେଇଛି। ଟ୍ରମ୍ପଙ୍କ ଅନୁଯାୟୀ, ଏହି ବୋର୍ଡ କେବଳ ଗାଜା ଯୁଦ୍ଧ ଶେଷ କରିବା ପାଇଁ ନୁହେଁ, ବରଂ ବିଶ୍ୱସ୍ତରୀୟ ସଂଘର୍ଷର ସମାଧାନ ପାଇଁ କାର୍ଯ୍ୟ କରିବ। ପୁଣି ଏହି ବୋର୍ଡ ଜାତିସଂଘର କାର୍ଯ୍ୟକଳାପ ଉପରେ ନଜର ରଖିବ। ଏହି ବିଶ୍ୱ ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁଛି କି ନା ତାହା ନିଶ୍ଚିତ କରିବ। ଯେଉଁ ଦେଶ ୩ ବର୍ଷରୁ ଅଧିକ ସମୟ ପାଇଁ ଏହାର ସଦସ୍ୟ ରହିବାକୁ ଚାହୁଁଛନ୍ତି, ସେମାନଙ୍କୁ ୧ ବିଲିୟନ ଡଲାର ଅର୍ଥାତ ୮, ୩୦୦ କୋଟି ଟଙ୍କା ଦେବାକୁ ପଡ଼ିବ। ହମାସ ମଧ୍ୟ ଏ ନେଇ ନିଜର ପ୍ରତିକ୍ରିୟା ଦେଇଛି। ଯେପର୍ଯ୍ୟନ୍ତ ଇସ୍ରାଏଲ ସେନା ଗାଜାରୁ ନ ହଟିଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ଅସ୍ତ୍ରଶସ୍ତ୍ର ଛାଡ଼ିବେ ନାହିଁ। ସେପଟେ ଇସ୍ରାଏଲ ହମାସକୁ ଅସ୍ତ୍ରଶସ୍ତ୍ର ଛାଡ଼ିବା ପାଇଁ ୬୦ ଦିନର ସମୟ ଦେଇଛି।

## ଏୟାରବେସ୍ ଦେବାକୁ ବ୍ରିଟେନର ନା; ଚାଗୋସ ଚୁକ୍ତିରୁ ଓହରିଲା ଆମେରିକା

ଲଣ୍ଡନ, ୨୦।୨(ଏଜେନ୍ସି): ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା ପ୍ରସ୍ତୁତି କରୁଛି। ଏପରି ସମୟରେ ସହଯୋଗୀ ଆମେରିକାକୁ ବ୍ରିଟେନ ବଡ଼ ଝଟ୍‌କା ଦେଇଛି। ନିଜର ଏୟାରବେସ ବ୍ୟବହାର କରିବାକୁ ଅନୁମତି ଦେବାକୁ ମନା କରିଦେଇଛି ବ୍ରିଟେନ। ବ୍ରିଟେନର ଏହି ନିଷ୍ପତ୍ତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କ୍ଷୁବ୍ଧ ହୋଇଛନ୍ତି। ଖାସ୍ ଏହି କାରଣ ଯୋଗୁଁ ଟ୍ରମ୍ପ ଚାଗୋସ ଦୀପପୁଞ୍ଜ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାରୁ ନିଜ ସମର୍ଥନ ପ୍ରତ୍ୟାହାର କରି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଇରାନ ଉପରେ ଆକ୍ରମଣ କରିବା ପାଇଁ ଆମେରିକା ଭାରତ ମହାସାଗରରେ ଥିବା ଡିଏଗୋ ଗାର୍ସିଆ ଓ ବ୍ରିଟେନର ଆରଏଏଫ୍ ଫେୟାରଫୋର୍ଡ ଏୟାରବେସ୍ ବ୍ୟବହାର କରିବାକୁ ଚାହୁଁଥିଲା। କିନ୍ତୁ ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଏହି ଅନୁରୋଧକୁ ପ୍ରତ୍ୟାଖାନ କରି ଦେଇଛନ୍ତି। ସେ କହିଛନ୍ତି ଯେ ଏଭଳି ପୂର୍ବ ନିର୍ଦ୍ଧାରିତ ଆକ୍ରମଣରେ ସହଯୋଗ କରିବା ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ହୋଇପାରେ। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, ଯଦି କୌଣସି ଦେଶ ଜାଣିଶୁଣି ଏକ ଭୁଲ ସାମରିକ କାର୍ଯ୍ୟାନୁଷ୍ଠାନରେ ସହାୟତା ପ୍ରଦାନ କରେ, ତେବେ ସେହି ଦେଶକୁ ମଧ୍ୟ ଦାୟୀ କରାଯିବ। ସେପଟେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ୍'ରେ ବ୍ରିଟେର ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି 'ଯଦି ଇରାନ ବୁଝାମଣା ନ କରେ, ତେବେ

■ ଇରାନରେ ସୈନ୍ୟ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ଘୁଞ୍ଚାଇଲେ ଟ୍ରମ୍ପ
■ ୧୦-୧୫ ଦିନରେ ଆକ୍ରମଣ ହେବ କି ନାହିଁ ନିଷ୍ପତ୍ତି ନେବେ

ଏକ ଅସ୍ଥିର ଓ ବିପଜ୍ଜନକ ଶାସନର ଆକ୍ରମଣକୁ ରୋକିବା ପାଇଁ ଆମେରିକାକୁ ଡିଏଗୋ ଗାର୍ସିଆ ଓ ଫେୟାରଫୋର୍ଡ ଏୟାରବେସ୍ ବ୍ୟବହାର କରିବାକୁ ପଡ଼ିପାରେ'।

ସୂଚନାଯୋଗ୍ୟ ଯେ ବ୍ରିଟେନ ଓ ମରିସସ୍ ମଧ୍ୟରେ ଏକ ଚୁକ୍ତି ହୋଇଥିଲା, ଯେଉଁଥିରେ ଚାଗୋସ ଦୀପପୁଞ୍ଜର ସାର୍ବଭୌମତ୍ୱ ମରିସସ୍‌କୁ ହସ୍ତାନ୍ତର କରାଯିବାର ଥିଲା। କିନ୍ତୁ ଚୁକ୍ତିରେ ଡିଏଗୋ ଗାର୍ସିଆ ବେସ୍‌କୁ ୯୯ ବର୍ଷ ପାଇଁ ଲିଜ୍‌ରେ ରଖିବାକୁ ବ୍ୟବସ୍ଥା ଥିଲା। ଟ୍ରମ୍ପ ପ୍ରଥମେ ଏହି ଚୁକ୍ତିକୁ ସମର୍ଥନ କରୁଥିଲେ। କିନ୍ତୁ ଏୟାରବେସ ବ୍ୟବହାରକୁ ନେଇ ବିବାଦ ହେବା ପରେ ସେ ଏବେ ଏହି ଚୁକ୍ତିକୁ ବିରୋଧ କରୁଛନ୍ତି। ଏବେ ଏହାକୁ ଏକ ବଡ଼ ଭୁଲର ଆଖ୍ୟା ଦେଇଛନ୍ତି। ଡିଏଗୋ ଗାର୍ସିଆ ହେଉଛି ଚାଗୋସ ଦୀପପୁଞ୍ଜର ସବୁଠାରୁ ବଡ଼ ଦୀପ। ୧୯୭୦ ଦଶକରୁ ଏହା ବ୍ରିଟେନ ଓ ଆମେରିକାର ଏକ ମିଳିତ ସାମରିକ ବେସ୍ ଭାବେ ବ୍ୟବହାର ହୋଇ ଆସୁଛି। ମଧ୍ୟପ୍ରାଚ୍ୟ ଓ ଭାରତ ମହାସାଗରରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟପକ୍ଷରେ ଇରାନରେ ସମ୍ଭାବ୍ୟ ସୈନ୍ୟ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧିତ ନିଷ୍ପତ୍ତିକୁ ଟ୍ରମ୍ପ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ୧୦ରୁ ୧୫ ଦିନ ଭିତରେ ଆକ୍ରମଣ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ଟ୍ରମ୍ପ ପୁଣି ଇରାନ ସହ ଚୁକ୍ତି କରିବାକୁ କହିଛନ୍ତି। ଏବେ ଟ୍ରମ୍ପ କୂଟନୈତିକ ସମାଧାନକୁ ପ୍ରାଧାନ୍ୟ ଦେଉଛନ୍ତି ବୋଲି ହ୍ୱାଇଟ ହାଉସ ଅଧିକାରୀ ସୂଚନା ଦେଉଛନ୍ତି। ରିପୋର୍ଟ ଅନୁଯାୟୀ, ଯଦି ଟ୍ରମ୍ପ ଆକ୍ରମଣର ନିଷ୍ପତ୍ତି ନେବେ ତେବେ ତାଙ୍କ ପାଖରେ ଅନେକ ସାମରିକ ବିକଳ୍ପ ରହିଛି। ତେଣୁ ସଂଘର୍ଷ ହେଲେ ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଚାଲିପାରେ। ସେହିପରି ତେହେରାନର ଶୀର୍ଷ ନେତୃତ୍ୱକୁ ନିଶାଣ କରିବା ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।

## ୟୁଏଫ୍‌ଓ ଫାଇଲ୍ ସାର୍ବଜନୀନ କରିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

ୱାଶିଂଟନ, ୨୦।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଘୋଷଣା କରିଛନ୍ତି। ଏଲିୟନ ଅର୍ଥାତ ବାହାର ଗ୍ରହର ମଣିଷ, ମହାକାଶ ଜୀବନ ଓ ଅନଆଇଡେଣ୍ଟିଫାଇଏଡ୍ ଫ୍ଲାଇଂ ଅବଜେକ୍ଟ (ୟୁଏଫ୍‌ଓ) ଅର୍ଥାତ ଉଡ଼ନ୍ତା ଥାଳିଆ ସମ୍ପର୍କିତ ସରକାରୀ ଫାଇଲଗୁଡ଼ିକୁ ସାର୍ବଜନୀନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ସେ ଉଲ୍ଲେଖ କରିଛନ୍ତି ଯେ ଲୋକଙ୍କ ପ୍ରବଳ ଆଗ୍ରହ ଦୃଷ୍ଟିରେ ରଖି ମୁଁ ସଚିବ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ଏଲିୟନ, ଅଜ୍ଞାତ ମହାକାଶୀୟ ଘଟଣା ଓ ୟୁଏଫ୍‌ଓ ସମ୍ପର୍କୀତ ସରକାରୀ ଫାଇଲଗୁଡ଼ିକୁ ଚିହ୍ନଟ କରି ପ୍ରକାଶ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏହା ପୂର୍ବରୁ ସେ ପୂର୍ବତନ ରାଷ୍ଟ୍ରପତି ବାରକା ଓବାମାଙ୍କୁ ସମାଲୋଚନା କରିଥିଲେ। ଓବାମା ଏକ ପୋଡକାଷ୍ଟର ସାକ୍ଷାତକାରରେ 'ଏଲିୟନ ସତ୍ୟ' ବୋଲି କହିବା ପରେ ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ, ଓବାମା ଗୁପ୍ତ ତଥ୍ୟ ପ୍ରକାଶ କରି ବଡ଼ ଭୁଲ କରିଛନ୍ତି। ସେ ଏଭଳି କରିବା ଉଚିତ ନୁହେଁ। ଟ୍ରମ୍ପ କହିଛନ୍ତି ଏଲିୟନ ସତ୍ୟ କି ନା ସେ ବିଷୟରେ ଜାଣିନାହିଁ। ଏ ବିଷୟରେ କେବେ କଥା ହୁଏନାହିଁ।

### ଭାରତ- ଆମେରିକା ବାଣିଜ୍ୟ ଚୁକ୍ତିକୁ ରାହୁଲଙ୍କ ସମାଲୋଚନା

## 'ଭାରତ ସମ୍ପୂର୍ଣ୍ଣ ଭାବେ ନଇଁ ଯାଇଛି'

ନୂଆଦିଲ୍ଲୀ, ୨୦।୨(ଏଜେନ୍ସି): ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟ ଚୁକ୍ତିକୁ ନେଇ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ଏହି ଚୁକ୍ତିରେ ଭାରତ ଅଧିକ ଦେଉଛି ପ୍ରତିବଦଳରେ କମ୍ ପାଉଛି। ସେ ଏହାକୁ ଆମେରିକା ସମ୍ମୁଖରେ ଭାରତର 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି ଅଭିହିତ କରିଛନ୍ତି। ଶୁକ୍ରବାର ସାମାଜିକ

■ ଭାରତ ଦେଉଛି ବେଶୀ, ପାଉଛି କମ୍
■ ଡାଟା କଲୋନୀରେ ପରିଣତ ହେବ ଦେଶ

ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ରାହୁଲ ଜିଓ-ଜିତ୍‌ସୁ ଭଳି କ୍ରୀଡ଼ାର ଉଦାହରଣ ଦେଇ କହିଛନ୍ତି ଯେ ସେ ସଂସଦରେ ଦେଇଥିବା ଭାଷଣରେ ଏହି କ୍ରୀଡ଼ା ବିଷୟରେ ଉଲ୍ଲେଖ କରିଥିଲେ। ଜଣେ ବ୍ୟକ୍ତିଙ୍କୁ ଚାପି ରଖି କିପରି ନିୟନ୍ତ୍ରଣ କରାଯାଏ ତାହା କହିଥିଲେ। ରାଜନୀତିରେ ମଧ୍ୟ ସେଭଳି କିଛି ଚାପ ରହିଥାଏ, ଯାହା ବାହାରକୁ ଦେଖାଯାଇ ନ ଥାଏ। ଏହି ପ୍ରସଙ୍ଗରେ ରାହୁଲ ୪ଟି ପ୍ରଶ୍ନ ପଚାରିଛନ୍ତି। ସେଗୁଡ଼ିକ ହେଲା, କାହିଁକି ଚାଷୀମାନଙ୍କୁ କ୍ଷତି ସହିବାକୁ ସୁଯୋଗ ଦିଆଗଲା, ଆମେରିକାରୁ ଅଧିକ ତେଲ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ କାହିଁକି ସମ୍ମତି ଦିଆଗଲା, ପ୍ରତିବର୍ଷ ଆମଦାନୀକୁ ୧୦୦ ବିଲିୟନ ଡଲାର ବୃଦ୍ଧି କରିବା ପ୍ରସ୍ତାବକୁ କାହିଁକି ଗ୍ରହଣ କରାଗଲା ଓ ଭାରତରେ ଗୁରୁତ୍ୱପୂର୍ଣ୍ଣ ଡାଟା କାହିଁକି ବିଦେଶୀ କମ୍ପାନୀକୁ ଦିଆଯାଉଛି?

ରାହୁଲ ଚେତାବନୀ ଦେଇ କହିଛନ୍ତି ଯେ ଏହି ଚୁକ୍ତି ଯୋଗୁଁ ଭାରତ ଏକ 'ଡାଟା କଲୋନୀ'ରେ ପରିଣତ ହୋଇପାରେ। ଅର୍ଥାତ ଦେଶର ସମସ୍ତ ଗୁପ୍ତ ତଥ୍ୟ ଅନ୍ୟ ଦେଶର ହାତକୁ ଚାଲିଯିବ। ଆମେରିକା ଓ ଚୀନ ସହ ଜଡ଼ିତ ଚାପ ଯୋଗୁଁ ଭାରତ ଏଭଳି ଚୁକ୍ତି କରିବାକୁ ବାଧ୍ୟ ହୋଇଛି ବୋଲି ସେ କହିଛନ୍ତି। ଏହି ବାଣିଜ୍ୟ ଚୁକ୍ତି ଦ୍ୱାରା ଭାରତର ଚାଷୀ, ବୟନ ଶିଳ୍ପ ଓ ସାମଗ୍ରୀକ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେବ। ଦେଶର ସ୍ୱାର୍ଥ ଓ ସ୍ୱାଧୀନତା ସହ କୌଣସି ପ୍ରକାରର ବୁଝାମଣା କରାଯିବା ଉଚିତ ନୁହେଁ ବୋଲି କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଅମିତ ଶାହାଙ୍କ ମାନହାନୀ ମାମଲା

## କୋର୍ଟରେ ଅଭିଯୋଗକୁ ରାହୁଲଙ୍କ ପ୍ରତ୍ୟାଖ୍ୟାନ

ସୁଲତାନପୁର, ୨୦।୨(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଉତ୍ତର ପ୍ରଦେଶର ସୁଲତାନପୁରସ୍ଥିତ ଏମ୍‌ପି/ଏମ୍ଏଲ୍ଏ କୋର୍ଟରେ ହାଜର ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ କଥିତ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ହୋଇଥିବା ମାନହାନୀ ମାମଲାରେ ସେ ନିଜର ବୟାନ ରେକର୍ଡ କରିଛନ୍ତି। ରାହୁଲ କୋର୍ଟରେ ପ୍ରାୟ ୨୦ ମିନିଟ ରହିଥିଲେ। ତାଙ୍କ ଓକିଲଙ୍କ ସୂଚନା ଅନୁଯାୟୀ, ରାହୁଲ ସମସ୍ତ ଅଭିଯୋଗକୁ ପ୍ରତ୍ୟାଖାନ କରିବା ସହ ଏହି ମାମଲାକୁ ରାଜନୈତିକ ପ୍ରତିହିଂସା ବୋଲି କହିଛନ୍ତି। କୋର୍ଟରେ ପହଞ୍ଚିବା ପରେ ରାହୁଲ ବିଚାରପତିଙ୍କୁ ହାତଯୋଡ଼ି ଅଭିବାଦନ କରିଥିଲେ। କାର୍ଯ୍ୟ ଶେଷରେ କୋର୍ଟଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୯ରେ ହେବ।

ଏହି ମାମଲା ୨୦୧୮ ମସିହାରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟର। ରାହୁଲ କହିଥିଲେ ଯେ ଯେଉଁ ଦଳ ସଚ୍ଚୋଟତାର କଥା କୁହେ, ତାଙ୍କର ସଭାପତି ଅର୍ଥାତ ଅମିତ ଶାହା ଜଣେ ହତ୍ୟା ମାମଲାର ଅଭିଯୁକ୍ତ। ଏହି ମନ୍ତବ୍ୟ ପରେ ବିଜେପି ନେତା ବିଜୟ ମିଶ୍ରା ୨୦୧୮ ଅଗଷ୍ଟ ୪ରେ ରାହୁଲଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ। କୋର୍ଟର ରାହୁଲ ପହଞ୍ଚିବା ପରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କୋର୍ଟରୁ ଫେରିବା ପରେ ରାହୁଲ ବାଟରେ ସ୍ୱର୍ଗତ ରାମଚେତ ମୋଚିଙ୍କ ଦୋକାନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଗତବର୍ଷ ରାହୁଲ ରାମଚେତଙ୍କ ଦୋକାନରେ ବସି ଜୋତା ସିଲାଇ କରିଥିଲେ ଓ ତାଙ୍କୁ ସିଲେଇ ମେସିନ ଉପହାର ସ୍ୱରୁପ ଦେଇଥିଲେ। କିନ୍ତୁ ୩ ମାସ ତଳେ କର୍କଟ ରୋଗ କାରଣରୁ ରାମଚେତଙ୍କ ମୃତ୍ୟୁ ହୋଇଥିଲା।

## ଅନୁପ୍ରବେଶ ପାଇଁ କଂଗ୍ରେସକୁ ଦାୟୀ କଲେ ଅମିତ ଶାହା

କାଛାର, ୨୦।୨(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦୁଇ ଦିନିଆ ଆସାମ ଗସ୍ତରେ ପହଞ୍ଚି କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। କଂଗ୍ରେସ ଶାସନ କାଳରେ ଦେଶର ସୀମାକୁ ଅସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିଲା। ଯାହାଫଳରେ ଆସାମରେ ଅନୁପ୍ରବେଶ ବୃଦ୍ଧି ପାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ବିଜେପି ସରକାର ଏହି ସମସ୍ୟାର କଡ଼ା ମୁକାବିଲା କରିଥିବା ସେ ଦାବି କରିଛନ୍ତି। ସୀମାନ୍ତ ଗ୍ରାମ ପାଇଁ ସେ ୬, ୯୦୦ କୋଟି ଟଙ୍କାର ଯୋଜନା ସେ ଘୋଷଣା କରିଛନ୍ତି। ଏହା ଦ୍ୱାରା ଦେଶର ୧୫ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯିବ। ସେ ଏହି କ୍ରମରେ ଭାଇବ୍ରେଣ୍ଟ ଭିଲେଜେସ୍ ପ୍ରୋଗ୍ରାମ୍‌ର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ପୁଣି ଆସନ୍ତା ୫ ବର୍ଷ ମଧ୍ୟରେ ଆସାମକୁ ଏକ ବନ୍ୟାମୁକ୍ତ ରାଜ୍ୟରେ ପରିଣତ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଆସାମରେ ଏବେ ପ୍ରତିଦିନ ୧୪ କିମି ରାସ୍ତା ନିର୍ମାଣ ହେଉଛି ଓ ଏହା ଦେଶର ସର୍ବାଧିକ ବୋଲି ସେ କହିଛନ୍ତି। ଅମିତ ଶାହାଙ୍କ ସ୍ୱାଗତ କରିବା ପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିମାନ ବନ୍ଦରରେ ଉପସ୍ଥିତ ଥିଲେ।



# କ୍ରୀଡ଼ା




ସକାଳ
THE SAKALA
www.sakalaepaper.com


ଟି-୨୦ ବିଶ୍ୱକପ୍ କ୍ରିକେଟ

# ଆଜିଠାରୁ ସୁପର ଏଇଟ୍‌ସ ମୁକାବିଲା

କଲମ୍ବୋ, ୨୦।୨(ଏଜେନ୍ସି)

ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା-୨୦୨୬ର ସୁପର ଏଇଟ୍‌ସ ମୁକାବିଲା ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ। ୨୦ଟି ଦଳକୁ ନେଇ ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ଏହି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ମୁକାବିଲା ଆଜି ଶେଷ ହୋଇଛି। ଫଳରେ ଆସନ୍ତାକାଲିଠାରୁ ଦଳଗୁଡ଼ିକ ଲାଗି ଅସଲ ପରୀକ୍ଷାର ବେଳ ଆସିଛି। ଏହି ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ବାଦ୍ ଦେଲେ ପ୍ରାୟ ସମସ୍ତ ଶ୍ରେଷ୍ଠ ଦଳ ସୁପର-ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ବଦଳରେ ଜିମ୍ବାୱେ ଅପରାଜେୟ ରହି ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଫର୍ମାଟ ଅନୁଯାୟୀ ଗ୍ରୁପ୍ ପର୍ଯ୍ୟାୟରେ ଦଳଗୁଡ଼ିକ ସେମାନଙ୍କ ମଧ୍ୟରେ ଖେଳିବାର କାର୍ଯ୍ୟକ୍ରମ ରହିଥିଲା। ଅର୍ଥାତ୍ ଲିଗ୍ ପର୍ଯ୍ୟାୟରେ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳିଥିଲେ। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-ଏଇଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବାର ନିୟମ ରହିଛି। ଏଣୁ ୮ଟି ଶ୍ରେଷ୍ଠ ଦଳ ଏହି ପର୍ଯ୍ୟାୟରେ ଭାଗନେବେ। ସୁପର-ଏଇଟ୍‌ରେ ଏହି ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆଇସିସିର ସର୍ବଶେଷ ର୍ୟାଙ୍କିଙ୍ଗ୍ ଅନୁଯାୟୀ ଟିମ୍ ଗୁଡିକର ସିଡିଂ ହୋଇଥିଲା। ଯାହା ଫଳରେ ଗ୍ରୁପ୍-୧'ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଯଥା ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେକୁ ସ୍ଥାନ ମିଳିଛି। ଏହି ଦଳଗୁଡ଼ିକ ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ପ୍ରି ସିଡିଂ ହୋଇ ନ ଥିଲେ ଏହି ଗ୍ରୁପ୍‌ରୁ ୨ଟି ଦଳ ଗ୍ରୁପ୍-୨'ରେ ରହିଥାନ୍ତେ। ଗ୍ରୁପ୍-୨ରେ ସ୍ଥାନ ପାଇଥିବା ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ ୩ଟି ମ୍ୟାଚ୍ ଜିତିଥିଲାବେଳେ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯିବେ। ଏହାର ଅର୍ଥ ଲିଗ୍ ପର୍ଯ୍ୟାୟରେ ୪ଟି ଲେଖାଏଁ ମ୍ୟାଚ୍ ଜିତିଥିବା ଦଳ ମଧ୍ୟରୁ ଦୁଇଟି ଦଳ ସୁପର-ଏଇଟ୍ ପର୍ଯ୍ୟାୟରୁ ବିଦା ହେବେ।

ଟୁର୍ଣ୍ଣାମେଣ୍ଟ ପୂର୍ବରୁ ହୋଇଥିବା ସିଡିଂ ଯୋଗୁ ଗ୍ରୁପ୍ ପର୍ଯ୍ୟାୟରେ ଶ୍ରେଷ୍ଠ ସଫଳତା ପାଇଥିବା ଦଳଗୁଡ଼ିକ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛନ୍ତି। ଗ୍ରୁପ୍-୧'ରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ଗତଥରର ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା, ୨ ଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଭଳି ଦଳକୁ ହରାଇଥିବା ଜିମ୍ବାୱେକୁ ସ୍ଥାନ ମିଳିଛି। ଏହା ମଧ୍ୟରୁ ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯିବେ। ସେହିପରି ୨ଥରର ଚାମ୍ପିଅନ ଇଂଲଣ୍ଡ, ଦ୍ୱିତୀୟ ସଂସ୍କରଣର ଚାମ୍ପିଅନ ପାକିସ୍ତାନ, ୨୦୧୪ ଚାମ୍ପିଅନ ଶ୍ରୀଲଙ୍କା ଓ ୨୦୨୧ରେ ଶ୍ରେଷ୍ଠ ପ୍ରଦର୍ଶନ ସହ ରନର୍ସ ଅପ୍ ହୋଇଥିବା ନ୍ୟୁଜିଲାଣ୍ଡ ଗ୍ରୁପ୍-୨'ରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଏହି ୪ଟି ଦଳ ସମାନ ସାମର୍ଥ୍ୟ ରଖିଛନ୍ତି। ଏଣୁ ସୁପର-ଏଇଟ୍‌ରେ ଦମ୍‌ଦାର ମୁକାବିଲା ହେବ ବୋଲି ଆଶା କରାଯାଉଛି। ଚଳିତ ସଂସ୍କରଣରେ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ବେଶ ଲଢୁଆ ଖେଳିଥିଲେ। କିଛି ମୁକାବିଲାକୁ ଛାଡିଦେଲେ ପ୍ରାୟ ସମସ୍ତ ମ୍ୟାଚ୍‌ରେ ଜୋରଦାର ଲଢ଼େଇ ହୋଇଥିଲା। ଭାରତ ଓ ଶ୍ରୀଲଙ୍କାରେ ଏହି ମୁକାବିଲା ଆୟୋଜିତ ହେଉଥିବାରୁ ପିଚ୍ ପ୍ରାୟତଃ ସ୍ପିନରଙ୍କୁ ସୁହାଉଛି। ସ୍ପିନ୍ ବୋଲିଂରେ ଏବେ ପାକିସ୍ତାନ ଦଳରେ ୬ଜଣ ଅନ୍ତର୍ଜାତୀୟ ସ୍ତରର ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ଏଣୁ ସୁପର ଏଇଟ୍‌ରେ ପାକିସ୍ତାନକୁ ଫେବରାଟ୍ ଦଳ ଭାବେ ବିବେଚନା କରାଯାଇପାରେ। ଘରୋଇ ମାଟି ଏବଂ ଉନ୍ନତ ସ୍ପିନର ଥିଲେ ମଧ୍ୟ ଭାରତ ଦୁଇ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍‌ଠାରୁ କଡ଼ା ମୁକାବିଲାର ଆଶା ରଖୁଛି।



## ଭାରତର ଆଶଙ୍କା ଅଧିକ

ଯୁଗ୍ମ ଆୟୋଜକ ଭାରତ ସୁପର ଏଇଟ୍ ଗ୍ରୁପ୍-୧'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍ ଭଳି ଶକ୍ତିଶାଳୀ ଦଳ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ଦଳର କ୍ଷମତା ଓ ଖେଳାଳିଙ୍କ ଦକ୍ଷତା ବେଶ ଶକ୍ତିଶାଳୀ। ବିଶେଷ କରି ଟି-୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଭାରତୀୟ ମାଟିରେ ବେଶ ଶକ୍ତିଶାଳୀ। ଏହି ଫର୍ମାଟରେ ୱେଷ୍ଟଇଣ୍ଡିଜ୍ ଦୁଇଥରଯାକ ଟାଇଟଲ ଭାରତୀୟ ଉପମହାଦେଶୀୟ ପିଚ୍‌ରେ ହାସଲ କରିଛି। ୨୦୧୨ରେ ଦଳ ପ୍ରଥମଥର କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ଏଥିରେ ଆୟୋଜକ ଶ୍ରୀଲଙ୍କାକୁ ହରାଇ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟାଇଟଲ ଜିତିଥିଲା। ସେହିପରି ୨୦୧୬ରେ ଇଂଲଣ୍ଡକୁ କୋଲକାତାର ଇଡେନ ଗାର୍ଡେନ୍ସରେ ହରାଇ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଏଣୁ ଭାରତୀୟ ପିଚ୍‌ରେ ଏହି ଦଳ ଭଲ ଖେଳିବ। ନିକଟରେ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦକ୍ଷିଣ ଆଫ୍ରିକା ଭାରତକୁ ହରାଇଥିଲା। କିନ୍ତୁ ଟି-୨୦ ଫର୍ମାଟରେ ଦଳ ସିରିଜ୍ ହାରିଥିଲା। ଏଣୁ ଦକ୍ଷିଣ ଆଫ୍ରିକା ଭାରତୀୟ ପିଚ୍ ଓ ଭାରତୀୟ ଖେଳାଳିଙ୍କ ଦକ୍ଷତା ସମ୍ପର୍କରେ ବେଶ ଅବଗତ ରହିଛି। ଗ୍ରୁପ୍-ଏ ଲିଗ୍‌ରେ ଭାରତ ଉଭୟ ପ୍ରଭାବୀ ଓ ସଂଘର୍ଷ କରି ୪ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ୟୁଏସ୍‌ଏର ଆକ୍ରମଣ ହେଉ କିମ୍ବା ପାକିସ୍ତାନର ସ୍ପିନ୍ ସମସ୍ତ ପ୍ରତିବନ୍ଧକଙ୍କୁ ଏଡାଇଛି ଭାରତ। ଦଳର ଷ୍ଟାର ଖେଳାଳି ଅଭିଷେକ ଶର୍ମା ହ୍ୟାଟ୍ରିକ୍ 'ଶୂନ'ରେ ଆଉଟ ହୋଇଥିଲେ ମଧ୍ୟ ଦଳ ନିକଟରେ ଏକାଧିକ ପାୱାର ହିଟର ତାଙ୍କ ବିଫଳତାକୁ ଅନୁଭବ କରିବାକୁ ଦେଇନାହାନ୍ତି। ଏଣୁ ଘରୋଇ ମାଟିରେ ଖେଳୁଥିବାରୁ ଭାରତ ଉପରେ ଅଧିକ ଚାପ ରହିଛି। ଏହି ଚାପକୁ ଯଦି ଖେଳାଳିମାନେ ମୁକାବିଲା କରିବାରେ ସମର୍ଥ ହୁଅନ୍ତି ତେବେ ଦଳକୁ ସେମିଫାଇନାଲରେ ପ୍ରବେଶ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

ଭାରତ ତାହାର ପ୍ରଥମ ସୁପର ଏଇଟ୍ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ସହ ଫେବୃଆରୀ ୨୨ରେ, ଦ୍ୱିତୀୟ ମୁକାବିଲା ଜିମ୍ବାୱେ ସହ ୨୬ରେ ଓ ତୃତୀୟ ତଥା ଶେଷ ସୁପର ଏଇଟ୍ ମ୍ୟାଚ୍ ୱେଷ୍ଟଇଣ୍ଡିଜ୍ ସହ ମାର୍ଚ୍ଚ ୧ରେ ଖେଳିବ।

### ସୁପର ଏଇଟ୍‌ସ ଖେଳସୂଚୀ

| କେବେ | କାହା ମଧ୍ୟରେ | କେଉଁଠି | ଖେଳ ଆରମ୍ଭ |
|---|---|---|---|
| ୨୧।୨ | ନ୍ୟୁଜିଲାଣ୍ଡ-ପାକିସ୍ତାନ | କଲମ୍ବୋ | ରାତି ୭ଟା |
| ୨୨।୨ | ଶ୍ରୀଲଙ୍କା-ଇଂଲଣ୍ଡ | ପାଲେକେଲେ | ଅପରାହ୍ଣ ୩ଟା |
| ୨୨।୨ | ଭାରତ-ଦ.ଆଫ୍ରିକା | ଅହମ୍ମଦାବାଦ୍ | ରାତି ୭ଟା |
| ୨୩।୨ | ୱେଷ୍ଟଇଣ୍ଡିଜ୍-ଜିମ୍ବାୱେ | ମୁମ୍ବଇ | ରାତି ୭ଟା |
| ୨୪।୨ | ଇଂଲଣ୍ଡ-ପାକିସ୍ତାନ | ପାଲେକେଲେ | ରାତି ୭ଟା |
| ୨୫।୨ | ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ | କଲମ୍ବୋ | ରାତି ୭ଟା |
| ୨୬।୨ | ଦ.ଆଫ୍ରିକା-ୱେଷ୍ଟଇଣ୍ଡିଜ୍ | ଅହମ୍ମଦାବାଦ୍ | ଅପରାହ୍ଣ ୩ଟା |
| ୨୬।୨ | ଭାରତ-ଜିମ୍ବାୱେ | ଚେନ୍ନଇ | ରାତି ୭ଟା |
| ୨୭।୨ | ଇଂଲଣ୍ଡ-ନ୍ୟୁଜିଲାଣ୍ଡ | କଲମ୍ବୋ | ରାତି ୭ଟା |
| ୨୮।୨ | ଶ୍ରୀଲଙ୍କା-ପାକିସ୍ତାନ | ପାଲେକେଲେ | ରାତି ୭ଟା |
| ୦୧।୩ | ଦ.ଆଫ୍ରିକା-ଜିମ୍ବାୱେ | ନୂଆଦିଲ୍ଲୀ | ଅପରାହ୍ଣ ୩ଟା |
| ୦୧।୩ | ଭାରତ-ୱେଷ୍ଟଇଣ୍ଡିଜ୍ | କୋଲକାତା | ରାତି ୭ଟା |
| ୦୪।୩ | ପ୍ରଥମ ସେମିଫାଇନାଲ | ପରେ ସ୍ଥିର ହେବ | ରାତି ୭ଟା |
| ୦୫।୩ | ଦ୍ୱିତୀୟ ସେମିଫାଇନାଲ | ୱାଙ୍ଖେଡେ | ରାତି ୭ଟା |
| ୦୮।୩ | ଫାଇନାଲ | ପରେ ସ୍ଥିର ହେବ | ରାତି ୭ଟା |

ଗ୍ରୁପ-୧: ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ

ଗ୍ରୁପ୍-୨: ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକ୍/ୟୁଏସ୍

ଟି-୨୦ ବିଶ୍ୱକପ୍: ଜିଓ-ହଟ୍‌ଷ୍ଟାରରେ ୧୬.୩ କୋଟି ୟୁଜର୍ସ

## ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଦେଖିଲେ ରେକର୍ଡ ଦର୍ଶକ

ନୂଆଦିଲ୍ଲୀ,୨୦।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲଟେଜ ଗ୍ରୁପ୍ ମ୍ୟାଚ୍‌ର ଭ୍ୟୁୟରସିପ୍ ଅର୍ଥାତ ଦର୍ଶକଙ୍କ ସଂଖ୍ୟା ସବୁ ପୁରୁଣା ରେକର୍ଡକୁ ପଛରେ ପକାଇ ନୂଆ ରେକର୍ଡ ସୃଷ୍ଟି କରିଛି। ଡିଜିଟାଲ ପ୍ଲାଟଫର୍ମରେ ଏହି ମ୍ୟାଚ୍‌କୁ ୧୬.୩ କୋଟି ୟୁଜର୍ସ ଦେଖିଛନ୍ତି। ଟି-୨୦ ଫର୍ମାଟ୍‌ରେ ଯେକୌଣସି ଆଇସିସି ଇଭେଣ୍ଟ ପାଇଁ ଏହା ଏକ ନୂଆ ରେକର୍ଡ ସାବ୍ୟସ୍ତ ହୋଇଛି। ଏହି ମ୍ୟାଚ୍ ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲ (ଭାରତ ବନାମ ଦକ୍ଷିଣ ଆଫ୍ରିକା)ର ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ଏହି ମ୍ୟାଚ୍‌ର ମୋଟ୍ ୱାଚ୍ ଟାଇମ୍ ୨୦ ବିଲିୟନ ଅର୍ଥାତ ୨,୦୦୦ କୋଟି ମିନିଟ ରେକର୍ଡ କରିଛି, ଯାହା ଗତ ସଂସ୍କରଣ ତୁଳନାରେ ୪୨ ପ୍ରତିଶତ ଅଧିକ। ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଭାରତ- ପାକିସ୍ତାନ ମ୍ୟାଚ୍ ତୁଳନାରେ ଏଥର ଡିଜିଟାଲ ଭ୍ୟୁୟରସିପ୍‌ରେ ୫୬ ପ୍ରତିଶତ ବୃଦ୍ଧି ହୋଇଛି। ଏହି ମ୍ୟାଚ୍ ଗତ ୧୫ ତାରିଖରେ କଲମ୍ବୋର ଆର ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିଲା ଓ ଭାରତ ଏଥିରେ ୬୧ ରନ୍‌ରେ ପାକିସ୍ତାନକୁ ହରାଇ ବୃହତ୍ ବିଶ୍ୱକପ୍ ବିଜୟ ହାସଲ କରିଥିଲା।

ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ

## ୧୦ ଓଭରରେ ଜିତିଲା ଅଷ୍ଟ୍ରେଲିଆ

ପାଲେକେଲେ,୨୦।୨(ଏଜେନ୍ସି): ଲେଗ୍ ସ୍ପିନର ଆଦାମ ଜାମ୍ପାଙ୍କ ଯାଦୁକରୀ ବୋଲିଂ ଓ ଅଧିନାୟକ ମିଚେଲ ମାର୍ଶଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଚଳିତ ଟି-୨୦ ବିଶ୍ୱକପ୍‌ର ୪୦ତମ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ୱିକେଟରେ ଓମାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ବିଜୟ ସହ ବିଶ୍ୱକପ୍‌ରୁ ବିଦାୟ ନେଇଛି। ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ ୨ଟି ବିଜୟ ଓ ୨ଟି ପରାଜୟ ସହ ତୃତୀୟ ସ୍ଥାନରେ ରହି ସୁପର-୮'କୁ ଉନ୍ନୀତ ହୋଇପାରି ନାହିଁ। ଏହି ମ୍ୟାଚ୍‌ରେ ୨୧ ରନ୍ ଦେଇ ୪ଟି ୱିକେଟ ନେଇଥିବା ଜାମ୍ପାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପାଲେକେଲେ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଯାଦୁକରୀ ବୋଲିଂ କରି ଅଷ୍ଟ୍ରେଲୀୟ ଲେଗ୍ ସ୍ପିନର ଜାମ୍ପା ୪ଟି, ଜାଭିୟର ବାର୍ଟଲେଟ ଓ ଗ୍ଲେନ୍ ମ୍ୟାକ୍ସୱେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଓମାନ ୧୬.୨ ଓଭରରେ ୧୦୪ ରନ୍ କରିଥିଲା। ଦଳ ପକ୍ଷରୁ ୪ଜଣ ଖେଳାଳି ଡବଲ ଫିଗର ଛୁଇଁଥିଲାବେଳେ ୱାସିମ ଅଲି ସର୍ବାଧିକ ୩୨, ଅଧିନାୟକ ଜତିନ୍ଦର ସିଂହ ୧୭,



ହାମ୍ମଦ୍ ମିର୍ଜା ୧୬ ଓ କରଣ ସୋନୋଭାଲେ ୧୨ ରନ୍ କରିଛନ୍ତି। ଜବାବରେ ଅଷ୍ଟ୍ରେଲିଆ ୯.୪ ଓଭରରେ ଟ୍ରାଭିସ୍ ହେଡ୍‌ଙ୍କ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ହେଡ୍ ୧୯ ବଲ୍‌ରେ ୩୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ ୩୩ବଲ୍‌ରୁ ୭ ଚୌକା ଓ ୪ଛକା ସହ ୬୪ ଏବଂ ଜୋଶ ଇଂଲିଶ ୬ ବଲରୁ ୧୨ ରନ୍ କରି ଅପରାଜିତ ରହିଥିଲେ।

■ ଦୃଷ୍ଟିବାଧିତ ଫୁଟବଲ

## ଭାରତୀୟ ଦଳରେ ପଦ୍ମିନୀ, ଆକାଶ





ଭୁବନେଶ୍ୱର,୨୦।୨(ସମିସ): ଜାପାନରେ ଆସନ୍ତା ଏପ୍ରିଲ ମାସରେ ଖେଳାଯିବ ଏସିଆ-ଓସେନିଆ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଚୟନ ସକାଶେ ଅନୁଷ୍ଠିତ ଜାତୀୟ ଶିବିରରେ ଉଚ୍ଚକୋଟୀର ପ୍ରଦର୍ଶନ କରି ପଦ୍ମିନୀ ଟୁଡୁ ଓ ଆକାଶ ପଡ଼ିଆମୀ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ପୁରୁଷ ଦଳର ଚୟନ ଶିବିର କେରଳର କୋଚିଠାରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଓଡ଼ିଶାରୁ ଜଣେମାତ୍ର ଆକାଶ ଭାଗନେଇଥିଲେ। ସେହିପରି ଦିଲ୍ଲୀରେ ମହିଳା ଦଳର ଶିବିର ଆୟୋଜିତ ହୋଇଥିଲା ଓ ଏଥିରେ ପଦ୍ମିନୀଙ୍କ ସହ ସୁମିତ୍ରା ସିଂ ଯୋଗଦେଇଥିଲେ। କେବଳ ପଦ୍ମିନୀ ଟୁଡୁ ଭାରତୀୟ ଦଳରେ ସାମିଲ ହୋଇଥିଲାବେଳେ ସୁମିତ୍ରା ବାଦ୍ ପଡ଼ିଥିଲେ। ଖେଳାଳିମାନଙ୍କୁ ସହାୟତା ଯୋଗାଉଥିବା ବ୍ରୁଲ୍ସ ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଓ ଓଡ଼ିଶା ଦୃଷ୍ଟିବାଧିତ ସଂଘ ପକ୍ଷରୁ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଦ ହଣ୍ଡ୍ରେଡ୍ ନିଲାମୀ

## ପାକିସ୍ତାନୀଙ୍କୁ କିଣିବେନି ଭାରତୀୟ ମାଲିକ

ଲଣ୍ଡନ,୨୦।୨(ଏଜେନ୍ସି): ଇଂଲଣ୍ଡରେ ଅନୁଷ୍ଠିତ ହେଉଥିବା ଦ ହଣ୍ଡ୍ରେଡ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ନିଲାମ ଲାଗି ଚର୍ଚ୍ଚା ଜୋର ଧରିଛି। ଏହି ଚର୍ଚ୍ଚା ହେଉଛି ଦ ହଣ୍ଡ୍ରେଡ୍‌ରେ ଥିବା ୪ଟି ଫ୍ରାଞ୍ଚାଇଜ୍ ଟିମ୍ ପାକିସ୍ତାନୀ ଖେଳାଳିଙ୍କୁ କିଣିବେ ନାହିଁ। ବର୍ତ୍ତମାନ ବିଶ୍ୱକପ୍ ଖେଳୁଥିବା ସମସ୍ତ ପାକିସ୍ତାନୀ ଖେଳାଳିଙ୍କ ସମେତ ୫୭ଜଣ ଏହି ନିଲାମି ଲାଗି ନାମ ପଞ୍ଜିକରଣ କରିଛନ୍ତି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଉଷ୍ମତା ଯୋଗୁଁ ଏହି ଖେଳାଳିମାନଙ୍କୁ ଭାରତୀୟ ମାଲିକାନାରେ ଥିବା ଦଳଗୁଡିକ କଣିବେ ନାହିଁ ବୋଲି ଇଂଲଣ୍ଡ ଗଣମାଧ୍ୟମରେ ପ୍ରକାଶ ପାଇଛି। ଆଇପିଏଲ୍ ଟିମ୍ ସହ ଜଡିତ ଥିବା ମାଞ୍ଚେଷ୍ଟର ସୁପର ଜ୍ୟାଣ୍ଟସ, ଏମ୍‌ଆଇ ଲଣ୍ଡନ, ସଦର୍ଣ୍ଣ ବ୍ରେଭ୍ ଓ ସନ୍‌ରାଇଜର୍ସ ଲିଡ୍ସ ପାକିସ୍ତାନୀ ଖେଳାଳିଙ୍କୁ ନିଲାମିରେ କିଣିବେ ନାହିଁ ବୋଲି ସୂଚନା ମିଳିଛି। ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ପାକିସ୍ତାନ ଖେଳାଳିମାନେ ଖେଳିଥିଲେ। ୨୦୦୯ ପରଠାରୁ ସେମାନଙ୍କୁ ଆଇପିଏଲ୍ ସାମିଲ କରାଯାଉନାହିଁ କିମ୍ବା ଆଇପିଏଲ୍ ମାଲିକଙ୍କ ଜଡିତ ଅନ୍ୟ ଦେଶର ଫ୍ରାଞ୍ଚାଇଜ୍ ଟିମ୍ ମଧ୍ୟ ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ନେଉନାହିଁ। ଦକ୍ଷିଣ ଆଫ୍ରିକାର ଏସ୍‌ଏ-ଟି୨୦ ଟୁର୍ଣ୍ଣାମେଣ୍ଟରେ ୬ଟି ଫ୍ରାଞ୍ଚାଇଜ୍ ଟିମ୍ ଭାଗ ନେଉଛନ୍ତି। ଏ ସମସ୍ତ ଟିମ୍ ଆଇପିଏଲ ମାଲିକ ମାନଙ୍କର। ଏଣୁ ସେଠାରେ ପାକିସ୍ତାନୀ ଖେଳାଳିଙ୍କୁ ସୁଯୋଗ ନାହିଁ। ଆମେରିକାରେ ଖେଳାଯାଉଥିବା ମେଜର ଲିଗ୍ କ୍ରିକେଟରେ ମଧ୍ୟ ସମାନ ଅବସ୍ଥା। କିନ୍ତୁ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳିମାନଙ୍କୁ ଦଳରେ ନିଆଯିବା ଲାଗି କୌଣସି ପ୍ରତିବନ୍ଧକ ନାହିଁ। ୱେଷ୍ଟଇଣ୍ଡିଜ୍‌ର କ୍ୟାରିବିୟାନ ପ୍ରିମିୟର ଲିଗ୍‌ରେ ଭାରତୀୟ ମାଲିକାନାରେ ଥିବା ଟିମ୍ କିଛି ପାକିସ୍ତାନୀ ଖେଳାଳିଙ୍କୁ ଦଳରେ ନେଇଥିବାର ପ୍ରମାଣ ରହିଛି। ଆଜମ ଖାନ୍ ଓ ଫାତିମା ସାନା ବାର୍ବାଡୋସ୍ ରୟାଲ୍ସ ପକ୍ଷରୁ ଖେଳିଛନ୍ତି। ୟାସିର ଶାହ, ସଦାବ ଖାନ୍, ମହମ୍ମଦ୍ ହାସନେନ୍ ମଧ୍ୟ ତ୍ରିନିବାଗୋ ନାଇଟ୍ ରାଇଡର୍ସ ପକ୍ଷରୁ ଖେଳିଛନ୍ତି।

ବିହାରୀଲାଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହାବୀର, କିଶୋର କ୍ଲବ୍ ବିଜୟୀ

ଭୁବନେଶ୍ୱର,୨୦।୨(ସମିସ): ଚଳିତ ୨୭ତମ ବିହାରୀଲାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ପୁରୀର ମହାବୀର କ୍ଲବ ୫ ରନରେ ଭୁବନେଶ୍ୱରର ଜାଗୃତି କ୍ଲବକୁ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଶୋର କ୍ଲବ ୧୧ ରନରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଅନ୍ୟପଟେ ଭେଟେରାନ ବିଭାରେ ଦୁଇଟି ମ୍ୟାଚ୍ ଖେଳଯାଇଥିଲା।



ପ୍ରଥମ ମ୍ୟାଚ୍‌ରେ ମହାବୀର ଭେଟେରାନକୁ ୨୮ ରନରେ ପରାସ୍ତ କରିଥିଲା କିଶୋର କ୍ଲବ। ଦ୍ୱିତୀୟ ମ୍ୟାଚ୍‌ରେ ନିମାପଡ଼ା ଭେଟେରାନ୍‌କୁ ବିହାରୀଲାଲ ଭେଟେରାନ ଦଳ ୮ ୱିକେଟରେ ପରାସ୍ତ କରିଛି। ଶ୍ରୀବତ୍ସ ବଲ୍ଲଭ ସାମନ୍ତରାୟ, କେଦାରନାଥ ରଣସିଂହ, ମନୋଜ ବିଶ୍ୱାଳ, ଅକ୍ଷୟ ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

● କଳାହାଣ୍ଡି କପ୍

## ବିଶ୍ୱଜିତ୍‌ଙ୍କ ଶତକ: ନୟାଗଡ଼ ୭୩ ରନରେ ବିଜୟୀ

ଭୁବନେଶ୍ୱର,୨୦।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗ୍‌ରେ ନୟାଗଡ଼ ୭୩ ରନରେ ନବରଙ୍ଗପୁରକୁ ପରାସ୍ତ କରିଛି। ଗୁରୁବାରର ଏହି ବାକି ଥିବା ମ୍ୟାଚ୍ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲ।। ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୪୮.୧ ଓଭରରେ ୨୮୧ ରନ୍‌କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବିଶ୍ୱଜିତ ପ୍ରଧାନ ୧୧୨ ବଲର ସମ୍ମୁଖୀନ ହୋଇ ୧୨୭ ରନର ଶତକୀୟ ପାଳି ଖେଳିଥିଲେ। ନବରଙ୍ଗପୁର ତରଫରୁ ବୋଲିଂରେ ଦୀପକ ତିୱାରୀ ୩ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବରଙ୍ଗପୁର ୪୨ ଓଭରରେ ୨୦୮ ରନକରି ଅଲଆଉଟ ହୋଇଥିଲା। ଦଳର ଦୀଲିପ ବିଶୋଇ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବାବେଳେ ନୟାଗଡ଼ର ରୁଦ୍ରନାରାୟଣ ବେହେରା ୫ ଓ ଆଶୁତୋଷ ଦାସ ୪ ୱିକେଟ ଅକ୍ତିଆର କରିଥିଲେ।


ବିଶ୍ୱଜିତ ପ୍ରଧାନ



ରୁଦ୍ରନାରାୟଣ ବେହେରା

ଅଭିଷେକ ଯାଦବଙ୍କ ଅଲରାଉଣ୍ଡ ସଫଳତା, ଚମକିଲେ ଆଇପିଏଲ୍ ଖେଳାଳି ବିଶ୍ୱନାଥ

## ତମାଣ୍ଡୋ ପ୍ରିମିୟର ଲିଗ୍ ଫାଇନାଲରେ ଟିସିସି

ଭୁବନେଶ୍ୱର,୨୦।୨(ସମିସ)

ସମ୍ବଲପୁରର ଏମ୍‌ଏମ୍‌ସିସି'କୁ ୪୫ ରନ୍‌ରେ ପରାସ୍ତ କରି ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଭୁବନେଶ୍ୱରର ଦୁଇ ଦଳ ଯୁବି ରକ୍‌ଷ୍ଟାର ଓ ଆଦିତ୍ୟ ଏକାଦଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚର ବିଜେତା ଦଳ ସହ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଫାଇନାଲ ମୁକାବିଲା ଆସନ୍ତା ରବିବାର ଖେଳାଯିବ। ଆଜି ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଅଭିଷେକ ଯାଦବଙ୍କ ଅଲରାଉଣ୍ଡ ସଫଳତା ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଆୟୋଜକ କ୍ଲବ୍‌ର ବରିଷ୍ଠ ସଦସ୍ୟ ଅନଙ୍ଗ ବିହାରୀ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପ୍ରଦାନ କରିଥିଲେ। ଅଭିଷେକ ବ୍ୟାଟିଂରେ ୧୫ ବଲ୍‌ରୁ ୪୦ ରନ୍ କରିଥିଲାବେଳେ ବୋଲିଂ ୩ ଓଭରରେ ୩୦ ରନ୍‌ରେ ୩ ୱିକେଟ ନେଇଥିଲେ।




ତମାଣ୍ଡୋ କ୍ରିକେଟ ପଡ଼ିଆରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଟିସିସି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କ୍ଷମାସାଗର ବଳଙ୍କ ୩୧ ବଲ୍‌ରୁ ୫୬ ଓ ଆକାଶ ମହାପାତ୍ରଙ୍କ ୨୦ ବଲ୍‌ରୁ ୪୮ ରନ୍ ସହାୟତାରେ ଟିସିସି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୨୯ ରନ୍ କରିବାକୁ ସମର୍ଥ ହୋଇଥିଲା। ପ୍ରତିପକ୍ଷ ଦଳର ଆଶୁତୋଷ ନାୟକ ୩୨ ରନ୍‌ରେ ୪ ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ଆବ୍ରାର ହାସନଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ସମ୍ବଲପୁରର ଏମ୍‌ଏମ୍‌ସିସି ୧୭.୧ ଓଭରରେ ୧୮୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୨୦୨୪ରେ ପଞ୍ଜାବ କିଙ୍ଗସର ଆଇପିଏଲ୍ ଖେଳାଳି ବିଶ୍ୱନାଥ ପ୍ରତାପ ସିଂହ ୩୧ ବଲ୍‌ରୁ ୬୩ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇ ନ ଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ସୌମ୍ୟରଞ୍ଜନ ବିଶ୍ୱାଳ ୧୩ ବଲ୍‌ରେ ୨୬ ରନ୍ କରିଥିଲେ। ବିଜୟୀ ତମାଣ୍ଡୋ ଦଳ ପକ୍ଷରୁ ଅଭିଷେକଙ୍କ ୩ ୱିକେଟ ବ୍ୟତୀତ ଅତୁଲ ସରୱାର ୨ଟି ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାର ସୌମେନ୍ଦ୍ର ପାତ୍ର ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ। ସୁଶିଲ ସୁନ୍ଦରାୟ ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ।

■ ବଧିର ଏସିଆ କପ୍ କ୍ରିକେଟ

## ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

 କଟକ,୨୦।୨(ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଏସୀୟ ବଧିର କ୍ରିକେଟ ଆସୋସିଏସନ (ଏଡିସିଏ), ଭାରତୀୟ ବଧିର କ୍ରିକେଟ ଆସୋସିଏସନ (ଆଇଡିସିଏ) ଓ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଗୁରୁବାର ଶ୍ରୀଲଙ୍କାକୁ ୪ ୱିକେଟରେ ପରାସ୍ତ କରିବା ପରେ ଶୁକ୍ରବାର ୧୦ ୱିକେଟରେ ନେପାଳକୁ ପରାସ୍ତ ବୃହତ୍ ବିଜୟ ହାସଲ କରିଛି। ଟସ୍ ଜିତି ନେପାଳ ପ୍ରଥମେ ବ୍ୟାଟିଂ କରି ୧୭.୪ ଓଭରରେ ୯ ୱିକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କ୍ରିଷ୍ଣା ଧାମୀ ୧୯, ଅଭିଷେକ କୁମାର ମିଶ୍ର ୧୧, ଅଜୟ କର୍ଣ୍ଣ ୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ଜିଗର ଠାକ୍କର ସର୍ବାଧିକ ୫, ଆକାଶ ସଇନି ଓ ସନିଥ ସେଟ୍ଟୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତୀୟ ଓପନର ଦୀପକ ଲାମ୍ବା ୨୮ ଓ ସନିଥ ସେଟ୍ଟୀ ୨୫ ରନକରି ଅପରାଜିତ ରହିବା ସହ ଦଳକୁ ବୃହତ ବିଜୟ ପ୍ରଦାନ କରିଥିଲେ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୪୨- ଆମେରିକାରେ ସିଲେଇ ମେସିନ୍‌କୁ ପେଟେଣ୍ଟ କରାଗଲା।
- ୧୯୪୬- ମିଶରରେ ବ୍ରିଟେନ ବିପକ୍ଷରେ ବିରୋଧ ପ୍ରଦର୍ଶନ।
- ୧୯୮୬- ଦକ୍ଷିଣ ଆଫ୍ରିକା ସରକାର ଜୋହାନ୍ସବର୍ଗକୁ ଅଶ୍ୱେତଙ୍କ ଉଦ୍ଦେଶ୍ୟରେ ଖୋଲିଦେଲେ।
- ୧୯୯୧- ବଲିଉଡ୍ ଅଭିନେତ୍ରୀ ନୂତନଙ୍କ ପରଲୋକ।



# ଏକାସାଙ୍ଗେ ଆସିବେ ରଣବୀର-ଅକ୍ଷୟ

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଆଗାମୀ ଫିଲ୍ମ 'ଧୁରନ୍ଧର ୨'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏହା ଆସନ୍ତା ମାର୍ଚ୍ଚ ୧୯ରେ ପରଦାକୁ ଆସିବ। ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍' ମଧ୍ୟ ପରଦାକୁ ଆସିବ। ଏହି ଦୁଇଟି ଫିଲ୍ମ ପରସ୍ପରକୁ କଡ଼ା ଟକ୍କର ଦେବେ ବୋଲି କୁହାଯାଉଛି। ତେବେ ଏକାସାଙ୍ଗେ ଦୁଇ ଜଣ ବଡ଼ ଅଭିନେତାଙ୍କ ଫିଲ୍ମ ରିଲିଜ୍ ହେଉଥିବାରୁ ଏଥିପାଇଁ ଏହି ସମୟରେ ରିଲିଜ୍ ହେବାକୁ ଥିବା ଅନେକ ଫିଲ୍ମକୁ ଘୁଞ୍ଚାଇ ଦିଆଯାଇଛି। ଇତିମଧ୍ୟରେ ଏହି ଦୌଡ଼ରେ ଅକ୍ଷୟ କୁମାର ମଧ୍ୟ ସାମିଲ ହୋଇଛନ୍ତି। 'ଧୁରନ୍ଧର: ଦ ରିଭେଞ୍ଜ' ସହ ଦର୍ଶକଙ୍କୁ ଏକ ବଡ଼ ସରପ୍ରାଇଜ୍ ମିଳିବାକୁ ଯାଉଛି। ଅକ୍ଷୟଙ୍କ ଅଭିନୀତ 'ଭୂତ୍ ବଙ୍ଗଳା'ର ଏକ ପ୍ରମୋସନାଲ ଗୀତକୁ ମାର୍ଚ୍ଚ ୧୯ରେ ରିଲିଜ୍ କରାଯିବା ଯୋଜନା ରହିଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାକୁ 'ଧୁରନ୍ଧର ୨' ସହ ଥିଏଟର୍‌ରେ ରିଲିଜ୍ କରାଯିବ। 'ଭୂତ୍ ବଙ୍ଗଳା' ନିର୍ଦ୍ଦେଶନା ଦେଇଛନ୍ତି ପ୍ରିୟଦର୍ଶନ। ଦୀର୍ଘ ୧୪ ବର୍ଷ ପରେ ଅକ୍ଷୟ ଏହି ଫିଲ୍ମ ମାଧ୍ୟମରେ ପ୍ରିୟଦର୍ଶନଙ୍କ ସହ କାମ କରୁଛନ୍ତି। ଏହା ଆସନ୍ତା ଏପ୍ରିଲ୍ ୧୦ରେ ପରଦାକୁ ଆସିବ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ



ମାତୃଭାଷା ଗୋଟିଏ ଜାତିର ଅସ୍ମିତାର ପ୍ରତୀକ। ଯେଉଁ ଜାତି ନିକଟରେ ମାତୃଭାଷା ଯେତେ ଆଦୃତି ଲାଭ କରିଛି ସେ ଜାତି ସେତେ ଉନ୍ନତ ଓ ପ୍ରଗତିଶୀଳ। ଭାଷା, ସାଂସ୍କୃତିକ ବିବିଧତା ଏବଂ ବହୁଭାଷୀତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୨୧କୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଏ। ୟୁନେସ୍କୋ ୧୭ ନଭେମ୍ବର, ୧୯୯୯ରେ ଏହି ଦିବସ ଘୋଷଣା କରିଥିଲା। ପରେ ୨୧ ଫେବୃୟାରୀ, ୨୦୦୦ରେ ପ୍ରଥମେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥିଲା। ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମାତୃଭାଷାର ସୁରକ୍ଷା ପ୍ରତି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ। ଭାଷା ହେଉଛି ଏକ ମାତ୍ର ମାଧ୍ୟମ ଯାହା, ଲୋକଙ୍କୁ ପରସ୍ପର ସହ ଯୋଡ଼ି ରଖିବାରେ ସହାୟକ ହୋଇଥାଏ। ସେହିଭଳି ଶିଶୁଟିଏ ତା'ର ବାପାମା' ଠାରୁ ଶିଖିଥିବା ପ୍ରଥମ ଭାଷା ହେଉଛି ତା'ର ମାତୃଭାଷା। ଏହା ବ୍ୟତୀତ ଜଣେ ନିଜ ପୂର୍ବଜଙ୍କ ଠାରୁ ଶିଖିଥିବା ଭାଷା ମଧ୍ୟ ମାତୃଭାଷା ହୋଇଥାଏ। ନିଜର ମାତୃଭାଷା ନିଜ ରାଜ୍ୟ ଭାଷା କିମ୍ବା ଆଞ୍ଚଳିକ ଭାଷାଠାରୁ ଭିନ୍ନ ହୋଇପାରେ କିନ୍ତୁ ମାତୃଭାଷା ସର୍ବଦା ତାହା ହୋଇଥାଏ ଯାହା ପରିବାରର ସଦସ୍ୟମାନଙ୍କ ଦ୍ୱାରା ବ୍ୟବହୃତ ହୁଏ। 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ ବୋଲି ଏହି ଦିବସ ବାର୍ତ୍ତା ଦେଇଥାଏ।

# ପତ୍ନୀଙ୍କ ସ୍ମୃତିରେ...





ବିହାର ଛାପ୍ରାର ଜଣେ ଦମ୍ପତିଙ୍କ ପ୍ରେମ କାହାଣୀ ଏବେ ଚର୍ଚ୍ଚା ସାଉଁଟୁଛି। ସ୍ଥାନୀୟ ଅଞ୍ଚଳର ବାଲ୍ କିସୁନ୍ ରାମଙ୍କ ବାହାଘର ୧୭ ବର୍ଷ ବୟସରେ ହୋଇଥିଲା। ସେତେବେଳେ ତାଙ୍କ ଘରର ଆର୍ଥିକ ସ୍ଥିତି ଭଲ ଥିଲା। ତେଣୁ ବାଲ୍ କିସୁନ୍‌ଙ୍କ ପାଠପଢ଼ା ଅଧାରେ ରହିଯାଇଥିଲା। ତାଙ୍କ ସ୍ତ୍ରୀ ଶାରଦା ଦେବୀ କିନ୍ତୁ ସ୍ୱାମୀଙ୍କୁ ପାଠ ପଢ଼ାଇବା ପାଇଁ ମନସ୍ଥ କଲେ। ସେ ନିଜେ ଦିନ ମଜୁରିଆ ଭାବେ କାମ କରି ଘରର ସମସ୍ତ ଦାୟିତ୍ୱ ନେଲେ। ଏପରିକି ସ୍ୱାମୀଙ୍କୁ ପାଠ ପଢ଼ାଇବା ପାଇଁ ସେ ତାଙ୍କର ସମସ୍ତ ସୁନା ଗହଣା ବିକ୍ରି କରି ଦେଇଥିଲେ। ଏତେସବୁ ମଧ୍ୟରେ ଏହି ପତିପତ୍ନୀଙ୍କ ମଧ୍ୟରେ ପରସ୍ପର ପ୍ରତି ଅଭିଯୋଗ ନ ଥିଲା। କେବଳ ଥିଲା ନିରୁତା ପ୍ରେମ ଓ ଭଲପାଇବା। ବାଲ୍ କିସୁନ୍‌ଙ୍କୁ ସରକାରୀ ଚାକିରି ମଧ୍ୟ ମିଳିଗଲା। ହେଲେ ସେ ଅବସର ନେବାର ଛଅମାସ ପୂର୍ବରୁ ଶାରଦା ଦେବୀଙ୍କର ୨୦୨୨ ମସିହାରେ ହୃଦ୍‌ଘାତରେ ମୃତ୍ୟୁ ହେଲା। ଶାରଦାଙ୍କ ମୃତ୍ୟୁ ପରେ ବାଲ୍ କିସୁନ୍ ଭାଙ୍ଗି ପଡ଼ିଥିଲେ। ସେ ତାଙ୍କର ଅବସରକାଳୀନ ସହାୟତା ରାଶିରେ ସ୍ତ୍ରୀଙ୍କ ପାଇଁ ଏକ ମନ୍ଦିର ତିଆରି କରିବାକୁ ଇଚ୍ଛା କଲେ। ସେ ବୁଝିଲେ ଧନ ଓ ସମ୍ପତ୍ତିରେ କିଛି ଅର୍ଥ ନାହିଁ, ଯଦି ପ୍ରତି ମୁହୂର୍ତ୍ତରେ ସାଥ୍ ଦେଇ ଆସୁଥିବା ଜୀବନ ସାଥୀ ପାଖରେ ନ ଥିବ। ବାଲ୍ କିସୁନ୍ ପତ୍ନୀଙ୍କ ସ୍ମୃତିରେ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ୬୫ ଫୁଟର ଏକ ମନ୍ଦିର ତିଆରି କଲେ। ସେଠାରେ ସେ ଶାରଦା ଦେବୀଙ୍କ ମୂର୍ତ୍ତିକୁ ସ୍ଥାପନା କରିଛନ୍ତି। ଏ ଲାଗି ତାଙ୍କୁ ୬୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲେ ବି ସେ କରିଥାନ୍ତେ ବୋଲି ବାଲ୍ କିସୁନ୍ କହିଛନ୍ତି। ପ୍ରତିଦିନ ସକାଳେ ଓ ସଂଧ୍ୟାବେଳେ ସେ ଶାରଦାଦେବୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳିତ କରିବା ସହ ଏକ କପ୍‌ରେ ଚା' ରଖି ଦିଅନ୍ତି। ସେ ନିତିଦିନ ତାଙ୍କ ପତ୍ନୀଙ୍କ ମୂର୍ତ୍ତି ସମ୍ମୁଖରେ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନ ମଧ୍ୟ ରଖିଥାନ୍ତି। ଯଦି ସ୍ତ୍ରୀମାନେ ସ୍ୱାମୀଙ୍କୁ ପତି ପରମେଶ୍ୱର କହି ପୂଜା କରିପାରୁଛନ୍ତି ତେବେ ଜଣେ ସ୍ୱାମୀ ତା ସ୍ତ୍ରୀକୁ ଦେବୀ ଭାବେ ପୂଜା କରିପାରିବ ନାହିଁ କି ବୋଲି ବାଲ୍ କିସୁନ୍ କହିଛନ୍ତି।

## ପ୍ରହେଳିକା

- ବୃହତ ଗଛ ସେ ଛୋଟିଆ ଫଳ
  ତା' ଡାଳରେ ଝୁଲୁଥାଏ ଓହଳ
  ଗ୍ରୀଷମ କାଳେ ସେ ଦିଅଇ ଛାଇ
  ତା' ମୂଳେ ବସିଲେ ଥକ୍କା ମେଣ୍ଟଇ
  ଗାଆଁ ଆଖପାଖେ ଥାଏ
  ତା' ଫଳକୁ ପକ୍ଷୀ ସରାଗେ ଖାଆନ୍ତି
  କୁହ ତା'ର ନାମ କିଏ।

  ଉତ୍ତର-ବରଗଛ

- ମୋ ଦେହରେ ଥାଏ ଚକ ଦୁଇଟି
  ବିନା ଇନ୍ଧନରେ ଚାଲେ ମୁହିଁଟି
  ପେଡାଲ୍ ମାରିଲେ ଆଗକୁ ବଢ଼େ
  ପକ୍କା କଚ୍ଚା ସବୁ ରାସ୍ତାରେ ଗଡ଼େ
  ସୁନ୍ଦର ବାହନଟିଏ
  ଟିଙ୍ଗ୍ ଟିଙ୍ଗ୍ ଘଣ୍ଟି ଶବଦ ଦିଅଇ
  କୁହ ତ ମୋ ନାମ କିଏ।

  ଉତ୍ତର-ସାଇକଲ



- ହଳଦୀ ରଙ୍ଗର ଚଢ଼େଇଟିଏ
  କିଚିରି ମିଚିରି ଗୀତ ସେ ଗାଏ
  ମୁଣ୍ଡ କଳା ତା'ର ଥଣ୍ଟଟି ନାଲି
  ବଗିଚାରୁ ଖାଏ ପାଚିଲା କୋଳି
  ମନୋହର ପକ୍ଷୀଟିଏ
  ବସନ୍ତ ଋତୁରେ ଦେଖାଦିଏ ସିଏ
  କୁହ ତା'ର ନାମ କିଏ।

  ଉତ୍ତର-ହଳଦୀ ବସନ୍ତ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର


## ସୁମନ

# ପରୀକ୍ଷା ବେଳ ହେଲା



ନିରଞ୍ଜନ ସାହୁ

ହେଲା ପରୀକ୍ଷା ବେଳ
ଖେଳିବା ନାହିଁ ଖେଳ
ପଢ଼ାରେ ଦେବା ମନ
ପରୀକ୍ଷା ଯେବେ ସରିବ ତେବେ
ଯେତେ ଖେଳୁଥା ଧନ ।
ବିଦ୍ୟାଳୟକୁ ଯିବା
ଅଭ୍ୟାସ କରୁଥିବା
ପଢ଼ାରେ ଥିବ ଲୟ
ସମୟ ଜ୍ଞାନ ଶ୍ରମରେ ଧ୍ୟାନ
ନ ଥିବ ଆଉ ଭୟ ।
ପରୀକ୍ଷା କଥା ହେଜି
ଆଳସ୍ୟ ଭାବ ତେଜି
ଲାଗିପଡ଼ିବା କାମେ
ଖଟିବା ଯେତେ ପାଇବା ସେତେ
ଖୁସି ହୋଇବା ଆମେ ।
କଥାଟି ପୁରା ଯଥା
ପାଠରେ ପୁରା ମଥା
ପଢ଼ା କାମଟି ଆଗ
ସନ୍ଦେହ ଯାହା ବୁଝିବ ତାହା
ଏକାଗ୍ର ଚିତ୍ତେ ଲାଗ ।
ଯଥା ସମୟେ ଖାଅ
ଶାନ୍ତିରେ ଶୋଇ ଯାଅ
ଦେହକୁ ଜଗିଥିବ
ନହେଲେ ଜାଣ ପଢ଼ାର ଟାଣ
ସମୂଳେ ଭାଙ୍ଗିଯିବ ।
ଅପେକ୍ଷା ନାହିଁ ଆଉ
ବେଳହୁଁ ଥାଉଥାଉ
ପଢ଼ାରେ ଯିବା ମାତି
ପରୀକ୍ଷା ହେବ ସୁଫଳ ଦେବ
ଫୁଲି ଉଠିବ ଛାତି ।



ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ

# ଆମ ପରିବାର



କୁଞ୍ଜ ବିହାରୀ ସାହୁ

ବାପା ଆମର ବୁଝାନ୍ତି ପାଠ
ଭଲ ପଢ଼ିକି ହୁଅରେ ଚାଟ
ବହିରେ ଅଛି ଜ୍ଞାନ,
ମନଦେଇକି ପଢ଼ି ଯା ବସି
ବଢ଼ିବ ଯଶ-ମାନ ।
ମାଆ ଆମର ଆଦର କରି
ମନରେ ସ୍ନେହ-ସରାଗ ଭରି
କହନ୍ତି ଖାଆ ଖାଆ,
ହାତ ପରଷା ଖାଇଲେ ପରା
କହିବେ ଜେଜି ବାଃ ।
ସାଇକଲଟି ଶିଖାନ୍ତି ଭାଇ
ନାନାବାୟାର ଗୀତଟି ଗାଇ
କରନ୍ତି କେତେ ମଜା,
ଭାଇ ସାଥିରେ ବଜାରେ ବୁଲୁ
ଖାଉ ବିସ୍କୁଟ୍ ଖଜା ।
ଦାଣ୍ଡପିଣ୍ଡାରେ ପକେଇ ସପ
ଜେଜେ କୁହନ୍ତି ଗାଉଁଲି ଗପ
ବଢ଼ିଆ ଲାଗେ ସତେ
ଜେଜିମା ଆସି ପାଖରେ ବସି
ଆଉଁଶିଦିଏ ମୋତେ ।
ଏଇଟି ଆମ ଛୋଟିଆ ଘର
ଘର ଅଟଇ ସରଗପୁର
ସଭିଏଁ ମିଶି ରହୁ
ସୁନ୍ଦର ଆମ ପରିବାରଟି
ଏଇକଥାଟି କହୁ ।

ପାତ୍ରପଡ଼ା, ଭୁବନେଶ୍ୱର

# ସୁଖ -ଦୁଃଖର ସାଥୀ



ସୁଧାଂଶୁ ଶେଖର ଦ୍ୱିବେଦୀ

ଗୋଟେ ଘର, ଗୋଟେ ଗଛ, ଗୋଟେ ଗାଇ ପଡ଼ୋଶୀ ହୋଇ ଚଳୁଥାନ୍ତି। ଗଛକୁ ରାତିରେ ଚାଲିବାର ବେମାର ଥାଏ। ଘରେ କେହି ବି ମଣିଷ ରୁହନ୍ତି ନାହିଁ। ଘରେ ବସବାସ କରିବାକୁ ସେ ପ୍ରତିଦିନ ମଣିଷଙ୍କୁ ଡାକ ମାରେ। ଯେବେ କେହି ଆସି ଘରେ ରହିବାକୁ ଲାଗେ ଘର କେତେପ୍ରକାର ଭାବ ଭଙ୍ଗୀ ଦେଖାଇ ଭୟଭୀତ କରାଏ। ମଣିଷ ତା' ଭୟରେ ଛାଟିପିଟି ହୋଇ ସେଠାରୁ ପଳାଇଯାଏ। ଗାଇକୁ ଗୀତ ଗାଇବାରେ ବଡ଼ ସଉକ ଥାଏ। ସେ ଦିନସାରା ବେସୁରା ଧ୍ୱନିରେ ଗୀତ ଗାଉଥାଏ। ସେପାଇଁ ତା' ପାଖ କେହି ମାଡ଼ନ୍ତି ନାହିଁ। ଏ ତିନି ଜଣଙ୍କ ବ୍ୟତୀତ ଅଳ୍ପ ଦୂରରେ ଗୋଟେ କୁକୁର ରହୁଥାଏ। ସେ ଏ ତିନିଜଣଙ୍କ ହାବଭାବକୁ ପରଖୁଥାଏ। ଦିନେ ମୂଷଳ ଧାରାରେ ବର୍ଷା ବର୍ଷିଲା। ଗଛ ତା' ଡାଳ ପତ୍ର ମେଲି ଖୁସି ମନରେ ନାଚିବାକୁ ଲାଗିଲା। ଗାଇ ବର୍ଷାର ପ୍ରକୋପ ଦେଖି ଭୟରେ ଚୁପ୍ ରହିଲା। ବିଚରା କୁକୁର ବର୍ଷାରେ ଅବିରାମ ଭିଜୁଥାଏ। ତା' ଅବସ୍ଥା ଦେଖି ଘର ସହି ନ ପାରି ପାଖକୁ ଡାକିଲା। ଓଦା ସରପଟ ହୋଇ କୁକୁର ଘର ଭିତରକୁ ଗଲା। ଘର ମଝିରେ ଗୋଟେ ଦରି ବିଛା ହୋଇଥାଏ। କୁକୁର ସେଇ ଦରି ଉପରେ ବସି ପଡ଼ିଲା। ଦରିରେ ବସିବା ପରେ ତାକୁ ବହୁତ ମଜା ଲାଗୁଥାଏ। ଧୀରେ ଧୀରେ ତା' ଦେହରୁ ବର୍ଷା ପାଣି ନିଗିଡ଼ିଗଲା। ହଠାତ୍ ତା' ନଜର ଖୋଲା ଝରକା ବାଟେ ନାଚୁଥିବା ଗଛ ଉପରେ ପଡ଼ିଲା। ଗଛ ତାକୁ ବାହାରକୁ ଆସି ନାଚିବାକୁ ଆମନ୍ତ୍ରଣ କରୁଥାଏ। ଗଛର ଆମନ୍ତ୍ରଣରେ ସେ ବାହାରକୁ ଗଲାନାହିଁ ସତ କିନ୍ତୁ ତା' ନାଚରେ ଭାବ ବିହ୍ୱଳ ହେଲା। ପୁଣି ଭୟଭୀତ ଗାଇକୁ ଦେଖି ତାକୁ ସାହାଯ୍ୟ କରିବାକୁ ମନ ବଳାଇ ଭୋ..ଓ...ଭୋ..ଓ.....ଶବ୍ଦରେ ଭୋକିବାକୁ ଲାଗିଲା। କୁକୁରର ଭୋ..ଓ ଭୋ..ଓ... ଶବ୍ଦ ଶୁଣି ଗାଇ ତା' ସ୍ୱରରେ ସ୍ୱର ମିଳାଇ ଗୀତ ଗାଇବାକୁ ଲାଗିଲା। ଘରଟି ବହୁଦିନ ଧରି ଧୂଳି, ଶୁଖିଲା ପତ୍ର, ଅଳନ୍ଧୁରେ ଅଳିଆ ହୋଇ ଯାଇଥାଏ। କୁକୁର ଝାଡ଼ିର ଗୁଚ୍ଛା କରି ଧୂଳି, ଅଳନ୍ଧୁ ଝାଡ଼ି ସଫା କରିଦେଲା।



କୁକୁରର ମହତ କାମ ଦେଖି ଘର କହିଲା- ଆଜିଠାରୁ ଆମେ ତିନିଜଣ ସାଙ୍ଗ ହୋଇ ରହିବା। ବହୁଦିନ ପରେ ସାଙ୍ଗ ହୋଇ କଥାବାର୍ତ୍ତା ହେବାର ମଉକା ମିଳିବାରୁ କୁକୁର ମନେ ମନେ ଭାରି ଖୁସି ହେଉଥାଏ। ତା' ମନରେ କିନ୍ତୁ ଗୋଟେ ପ୍ରଶ୍ନ ବାରମ୍ବାର ଉତ୍ତର ଖୋଜିବାକୁ ଇଚ୍ଛା କରୁଥାଏ। ତୁରନ୍ତ ସେ ପଚାରିଲା- ଆଚ୍ଛା, ଆମେ ତିନିଜଣ ତ ସାଙ୍ଗ ହେଲୁ କିନ୍ତୁ ଆମ ସୁଖ-ଦୁଃଖ ବୁଝିବ କିଏ ? ଗାଇ ମୁଣ୍ଡ ହଲେଇ ହଲେଇ କହିଲା- ସେକଥା ମୁଁ ଜାଣେନି। ଘର କିଛି ସମୟ ଚିନ୍ତା କରି କହିଲା-ଚାଲ, ଆମେ କେହି ମନୁଷ୍ୟକୁ ଡାକିଆଣି ଏଇଠି ରହିବାକୁ କହିବା। ସେ ଆମକୁ ସୁଖ ଦେବ ଦୁଃଖ ବି ଦେବ। ତାପରେ ସେମାନେ ମନୁଷ୍ୟକୁ ଅପେକ୍ଷା କଲେ। ଦିନେ ଜଣେ ମଣିଷ ରାସ୍ତାରେ ଯାଉ ଯାଉ ଘର ଭତରକୁ ଯାଇ ପଚାରିଲା- ମୁଁ ଏଠି କିଛି ସମୟ ରହି ବିଶ୍ରାମ କରିପାରିବି? କୁକୁର ମଣିଷ ଚାରିପଟେ ଥରେ ଘୁରି ଆସି ପଚାରିଲା- ଆଚ୍ଛା, ତୁମ କାନ୍ଧରେ ଝୁଲୁଥିବା ପୁଟୁଳିରେ କ'ଣ ରଖିଛ? ମଣିଷ ଉତ୍ତର ଦେଲା- ସୁଖ ଓ ଦୁଃଖ। ଏହା ଶୁଣି ଘର, କୁକୁର, ଗାଇ ଏକାସାଙ୍ଗରେ କହିଉଠିଲେ- ଆମେ ତ ସେଇଦିନୁ ସୁଖ-ଦୁଃଖକୁ ଖୋଜି ହେଉଛୁ। ଚାହିଁବ ତ ତୁମେ ସବୁଦିନ ପାଇଁ ଏଇଠି ରହିପାରିବ। ସେବେଠାରୁ ମଣିଷ, କୁକୁର, ଗାଇ ସାଥୀହୋଇ ଘରେ ରହୁଛନ୍ତି। ସୁଖ-ଦୁଃଖ ମିଳିମିଶି ସହୁଛନ୍ତି। (ଭାରତ ଲୋକକଥା)।

ବିସି-୭୪, ସଲ୍ଟ ଲେକ୍, କଲିକତା






ଆସ୍ଥା ଚୌରାଶିଆ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଜୋବ୍ରା, କଟକ





ରିତଭିକ ସାହୁ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ





ସ୍ୱସ୍ତିକା ମହାପାତ୍ର
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଖାନନଗର, କଟକ






ସ୍ୱସ୍ତିତପା ମେକାପ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା